

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୦୯ ଭୁବନେଶ୍ୱର ଗୁରୁବାର, ଅପ୍ରେଲ୍ ୧୭.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.209 Bhubaneswar, Thursday, April 17, 2025

# ଲକ୍ଷପତି ଦିଦି ସୃଷ୍ଟିରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୧୬/୪: କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଯୋଗାଇ ଦେଇ ବାର୍ଷିକ ୧ ଲକ୍ଷ କିମ୍ବା ଅଧିକ ରୋଜଗାର କରିବାକୁ ସଶକ୍ତ କରୁଥିବା "ଲକ୍ଷପତି ଦିଦି" ଯୋଜନାରେ ଓଡିଶା ଆଜି ଭାରତରେ ପ୍ରଥମ ସ୍ଥାନ ହାସଲ କରିଛି । ଏପ୍ରିଲ ୧୩, ୨୦୨୫ ସୁଦ୍ଧା, ଓଡିଶାରେ ଚିହ୍ନଟ କରାଯାଇଥିବା ୧୭.୫୯ ଲକ୍ଷ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ ମଧ୍ୟରୁ ୧୪ ଲକ୍ଷ ରୁ ଉର୍ଦ୍ଧ୍ୱ ମହିଳା ଏଯାବତ ଲକ୍ଷପତି ଦିଦିରେ ପରିଣତ ହୋଇସାରିଛନ୍ତି । ଅନୁମୋଦିତ ଲକ୍ଷ୍ୟର ୮୨% ପୂରଣ କରି ଓଡିଶା ଦେଶର ଅନ୍ୟ ସମସ୍ତ ରାଜ୍ୟକୁ ଅତିକ୍ରମ କରିଛି । ଏହି ପ୍ରୟାସକୁ ଓଡିଶାରେ ମିଶନ ଶକ୍ତି ବିଭାଗ ଅଧୀନରେ ଓଡିଶା ଜୀବିକା ମିଶନ (ଓଏଲଏମ) ଦ୍ୱାରା କାର୍ଯ୍ୟକାରୀ କରାଯାଇଛି, ଏବଂ କେନ୍ଦ୍ର ପ୍ରାୟୋଜିତ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନଆରଏଲଏମ)ର ଲକ୍ଷ୍ୟ ସହିତ କାର୍ଯ୍ୟକାରୀ କରାଯାଇଛି । ମିଶନ-ମୋଡ୍ ରେ ଆରମ୍ଭ ହୋଇ ଏହି କାର୍ଯ୍ୟକ୍ରମ ରାଜ୍ୟରେ ବିଭାଗୀୟ ସହଭାଗିତା, ଆଞ୍ଚଳିକ ସ୍ତରରେ ନେତୃତ୍ୱ, ଏବଂ ଜୀବନ ଜୀବିକାକୁ ସୁଦୃଢ଼ କରି ଏକ ଶକ୍ତିଶାଳୀ ମଡେଲ ଭାବେ ଉଭା ହୋଇଛି । ଏହି ପରିବର୍ତ୍ତନର ଆରମ୍ଭ ତୃଣମୂଳ ସ୍ତରରୁ ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡି) ଙ୍କୁ ଘର-ଘର ବୁଲି ଚିହ୍ନଟ ଅଭିଯାନ ମାଧ୍ୟମରେ ଆରମ୍ଭ ହୋଇଥିଲା । କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସଏସ), ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ନେତ୍ରୀବୃନ୍ଦ ତଥା ଓଏଲଏମ ଅଧିକାରୀମାନେ ଘର କୁ ଘର ସର୍ବେକ୍ଷଣ କରି, ଆୟ ସ୍ତର, ଦକ୍ଷତା, ଏବଂ ଆର୍ଥିକ ସ୍ୱାଧୀନତାର ଆକାଂକ୍ଷାକୁ ତର୍ଜମା କରିଥିଲେ । ଏହି ମହିଳାମାନଙ୍କୁ କେବଳ ଚିହ୍ନଟ କରାଯାଇନଥିଲା, ସେମାନଙ୍କୁ ପ୍ରଶିକ୍ଷଣ, ସମସ୍ତ ଆବଶ୍ୟକୀୟ ସହାୟତା ଏବଂ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ସମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡି)ଙ୍କ ପାଇଁ ବ୍ୟକ୍ତିଗତ ବ୍ୟବସାୟ ବିକାଶ ଯୋଜନା (BDPs) ପ୍ରସ୍ତୁତ କରାଯାଇଥିଲା, ଯାହା ସେମାନଙ୍କ ସ୍ଥାନୀୟ ପରିବେଶ ଏବଂ କ୍ଷମତା ଅନୁଯାୟୀ ସେମାନଙ୍କର



ବିଦ୍ୟମାନ ଅର୍ଥନୈତିକ କାର୍ଯ୍ୟକଳାପକୁ ଆହୁରି ବିସ୍ତାର କିମ୍ବା ବିବିଧ କରିବା ପାଇଁ ମାର୍ଗ ପ୍ରଦାନ କରିଥିଲା । ଏହି ଯୋଜନାକୁ ବାସ୍ତବରେ ରୂପ ଦେବା ପାଇଁ, ରାଜ୍ୟ ସରକାର ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣରେ ସ୍ଥାନୀୟ (ଅନସାଇଟ୍) ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରିଥିଲେ । ମାଷ୍ଟର ଟ୍ରେନର୍ ମାନେ ମହିଳାମାନଙ୍କୁ ବୈଷୟିକ ଏବଂ ଉଦ୍ୟୋଗିକ ଦକ୍ଷତା ହାସଲ କରିବାରେ ସହାୟତା କରିଥିଲେ, ଯେଉଁଥିରେ ସିଲାଇ, ଛତୁ ଚାଷ, ପଶୁପାଳନ ତଥା ଖାଦ୍ୟ ପ୍ରକ୍ରିୟାକରଣ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ପାରମ୍ପାରିକ ଜ୍ଞାନକୁ ବ୍ୟବହାରିକ କୌଶଳ ମାଧ୍ୟମରେ ବ୍ୟବସାୟରେ ପରିଣତ କରିବାର ମାର୍ଗ ପାଇଥିଲେ । ଆବର୍ତ୍ତନ ପାଣ୍ଠି ୧୫,୦୦୦ ରୁ ବୃଦ୍ଧି କରି ୩୦,୦୦୦ କରାଯାଇଥିବା ବେଳେ, କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ କୁ ୩୫ ଲକ୍ଷ ଟଙ୍କାରୁ ବଢ଼ାଇ ୬୦ ଲକ୍ଷ ଟଙ୍କା କରାଯାଇଛି । ଏହି କାର୍ଯ୍ୟକାରୀ ପୁଞ୍ଜିର ପ୍ରବାହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉତ୍ତମ ଉପକରଣରେ ନିବେଶ କରିବା, କାର୍ଯ୍ୟ ବିସ୍ତାର କରିବା ଏବଂ ବଡ ଧରଣର ଅର୍ଡରଗୁଡ଼ିକୁ ପୂରଣ କରିବାକୁ ସକ୍ଷମ କରିଛି । ଏହି ଲକ୍ଷପତି ଦିଦି ମାନଙ୍କ ମଧ୍ୟ ରୁ ବହୁ ଯୋଗ୍ୟ ହିତାଧିକାରୀମାନେ ସୁଭଦ୍ରା ସହାୟତା ମଧ୍ୟ ପାଇଛନ୍ତି ଯାହା ସେମାନଙ୍କ ମନୋବଳକୁ ଆହୁରି ଦୃଢ଼ କରିଛି । ଗ୍ରାମୀଣ ଉଦ୍ୟୋଗୀମାନଙ୍କ ପାଇଁ ଋଣର ବୋଝକୁ ହାଲୁକା କରିବା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ସେମାନଙ୍କର କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କିମ୍ବା ବିସ୍ତାର କରିବାରେ ସକ୍ଷମ କରିବା ନିମନ୍ତେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବାର ସହାୟତା ଜାରି ରହିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## କୁଆଡେ ଯାଉଛି ଓଡିଶା ଡାଲି ?



ଭୁବନେଶ୍ୱର,୧୬/୪: ଓଡିଶାରେ ବର୍ଷକୁ ଯେତିକି ଡାଲି ଜାତୀୟ ଶସ୍ୟ ଆବଶ୍ୟକ ତାହାଠାରୁ ୩/୪ ଗୁଣ ଅଧିକ ଉତ୍ପାଦନ ହେଉଛି । ହେଲେ ବର୍ଷସାରା ଡାଲି ପାଇଁ ଓଡିଶା କିନ୍ତୁ ଅନ୍ୟ ରାଜ୍ୟ ଉପରେନ ନିର୍ଭରଶୀଳ । ତେବେ ଓଡିଶାରୁ ଉତ୍ପାଦିତ ଡାଲି କୁଆଡେ ଯାଉଛି ତାହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ହିସାବରେ ଓଡିଶା ପାଇଁ ବର୍ଷକୁ ୩.୧୨ ଲକ୍ଷ ମେଟ୍ରିକ ଟନ୍ ଡାଲି ଆବଶ୍ୟକ ଥିବାବେଳେ ୧୩ଲକ୍ଷ ମେଟ୍ରିକ ଟନ୍ ରୁ ଅଧିକ ଡାଲି ଫଳୁଛି । ତେବେ ଓଡିଶାରୁ ଉତ୍ପାଦିତ ହେଉଥିବା ଡାଲିଗୁଡିକ କୁଆଡେ ଯାଉଛି ତାହା ଏବେ ପ୍ରଶ୍ନବାଚୀ ହୋଇଛି । କାରଣ ଡାଲି ପାଇଁ ଓଡିଶା ବର୍ଷ ସାରା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ଥିବାବେଳେ ସେହିସବୁ ରାଜ୍ୟର ବ୍ୟବସାୟୀମାନେ ଓଡିଶାର ଡାଲି ବଜାରକୁ ନିୟନ୍ତ୍ରଣ କରୁଛନ୍ତି । ଓଡିଶାରେ ଡାଲି ଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ କାର୍ଯ୍ୟକାରୀ ହେଉଛି । ଡାଲି ଉତ୍ପାଦନ ବୃଦ୍ଧି ପାଇଁ ୨୦୦୭-୦୮ ରୁ ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ଚାଷୀମାନଙ୍କୁ ମିନି କିଟ୍ ପ୍ରଦାନ ସହିତ ତୃଣନାଶକ, କୀଟନାଶକ, ଜୈବିକ ସାର, ଅଣୁସାର ଆଦି ୫୦ ପ୍ରତିଶତ ରିହାତି ଦରରେ ଯୋଗାଯାଉଛି । ଏଥି ସହିତ ରିହାତି ଦରରେ କୀଟନାଶକ ସିଞ୍ଚନ ଯନ୍ତ୍ର, ପାଣି ପଡା ପାଇପ୍, ବିହନ ସଂରକ୍ଷଣ ଡ୍ରମ ଇତ୍ୟାଦି ମଧ୍ୟ ଯୋଗାଇ ଦିଆଯାଉଛି । ସରକାରୀ ପ୍ରୋତ୍ସାହନ ପରେ ରାଜ୍ୟ ରାଜ୍ୟରେ ଡାଲି ଉତ୍ପାଦନ ବୃଦ୍ଧି ପାଇବାରେ ଲାଗିଛି । ହେଲେ ଲକ୍ଷ୍ୟ କରାଯାଉଛି ଯେ ଚାଷୀମାନେ ଯେଉଁ ହାରରେ ଧାନ ଚାଷ ପାଇଁ ଆଗ୍ରହ ଦେଖାଉଛନ୍ତି ସେହି ହାରରେ ଡାଲି ଜାତୀୟ ଶସ୍ୟପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଯେଉଁମାନେ ଡାଲି ଚାଷ କରୁଛନ୍ତି ସେମାନେ ପାରମ୍ପରିକ ଭାବେ ମୁଗ, ବିରି, କୋଳଥ ଆଦି ଚାଷ କରୁଥିବାବେଳେ ହରଡ ଓ ବୁଟ ଚାଷ ସେଭଳି ବହୁଳଭାବେ ଓଡିଶାରେ ହେଉନାହିଁ । ଯେତିକି ବି ଡାଲି ଚାଷ ଓଡିଶାରେ ଚାଷୀମାନେ କରୁଛନ୍ତି ଅମଳ ସମୟରେ

## ସବୁଜ ଓଡ଼ିଶା ଲକ୍ଷ୍ୟ ପୂରଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ



ଭୁବନେଶ୍ୱର,୧୬/୪: ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆପୋଲ ଗ୍ରୀନ ଏନର୍ଜି ଲିମିଟେଡ଼ କମ୍ପାନୀ ଦ୍ୱାରା ଓଡ଼ିଶାରେ ସୌର ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ନିମନ୍ତେ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଓ ସବୁଜ ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟ ହାସଲ କରିବା ନିମନ୍ତେ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଆପୋଲ ଗ୍ରୀନ ଏନର୍ଜି ସମ୍ପ୍ରତି ଓଡ଼ିଶାର ଗଂଜାମ ଜିଲ୍ଲାରେ ୫୪ମେଗାୱାଟ ବିଶିଷ୍ଟ ୧୫୧ କୋଟି ଟଙ୍କାର ସୌର ବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରଖିଛି । ସେହିପରି ଓଡ଼ିଶାର ଅନ୍ୟ ଜାଗାରେ ମଧ୍ୟ ଗ୍ରୀନ ଏନର୍ଜି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଆଗ୍ରହୀ । ସମୁଦାୟ ୧୦୦୦ ମେଗାୱାଟର ଗ୍ରୀନ ଏନର୍ଜି ପ୍ରକଳ୍ପ ନିମନ୍ତେ ୪୫୦୦ କୋଟି ଟଙ୍କା ପୁଞ୍ଜି ନିବେଶ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହା ଦ୍ୱାରା ସୌରବିଦ୍ୟୁତ ଉତ୍ପାଦନ ହେବା ସଂଗେ ସଂଗେ ୩୦୦୦ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ପାଇବେ । ଆବଶ୍ୟକ ଅନୁଯାୟୀ ବିଦ୍ୟୁତ ବ୍ୟବହାର ପରେ ବଳକା ବିଦ୍ୟୁତ ବ୍ୟାଟେରୀ ଦ୍ୱାରା ଷ୍ଟୋର କରି ରଖିବା ସୁବିଧା ମଧ୍ୟ ଏହି ପ୍ରକଳ୍ପରେ ଉପଲବ୍ଧ ହେବ । ଏଥିପାଇଁ ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ କାମନା କରିଥିଲେ । ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡକୋ ଏମଡ଼ି ଶ୍ରୀ ତ୍ରିଲୋଚନ ପଣ୍ଡା, ଆପୋଲ ଗ୍ରୀନ ଏନର୍ଜି ଲିମିଟେଡ଼ ସିଇଓ ଶ୍ରୀ ସଞ୍ଜୟ ଗୁପ୍ତା, ପ୍ରେସିଡେଣ୍ଟ ଶ୍ରୀ ରାକେଶ ଗୁପ୍ତାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ନାହିଁ ଅଙ୍ଗନବାଡ଼ି ଘର, କାଳବୈଶାଖୀ ରେ ଶିଶୁ ହନ୍ତସନ୍ତ

### ଖବର ପାଇ ପହଞ୍ଚିଲେ ବି:ଡ଼ି:ଓ ଏବଂ ସି:ଡ଼ି:ପି:ଓ

### ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି



କେନ୍ଦ୍ରାପଡ଼ା(୧୬/୦୪)ଡେରାବିଶ ବ୍ଲକ ଅଧିନସ୍ଥ ବସୁପୁର ପଞ୍ଚାୟତ ୧ ନମ୍ବର୍ ୱାର୍ଡ଼ ରାଜସ୍ୱ ଗ୍ରାମ ଭାଣ୍ଡିଲୋରେ ଏମିତି ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ । ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ୮ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡିଥିବାର ଏବଂ ସମସ୍ତ ଅଙ୍ଗନବାଡ଼ି ଶିଶୁ ଏକ ବନ୍ଦ ଥିବା ବିଦ୍ୟାଳୟ ବାରଣ୍ଡାରେ ଖୋଲା ମେଲା ରେ ବସୁଥିବାର ଖବର ଆମେ ପ୍ରକାଶିତ କରିଥିଲୁ । ଏବଂ ଏହା ବିଭାଗୀୟ ଅଧିକାରୀ ମାନଙ୍କ ଦୃଷ୍ଟି ଗୋଚର ହେବାପରେ ଆଜି ଡେରାବିଶ ବ୍ଲକ୍ ବି:ଡି:ଓ ଶ୍ରୀମତୀ ନମିତା ବାରିକ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ହରପ୍ରିୟା ଦେବୀ ମିଳିତ ଭାବେ ଏହି ଅଙ୍ଗନବାଡ଼ି କେନ୍ଦ୍ରକୁ ପରିଦର୍ସନରେ ଆସିଥିଲେ ଏବଂ ସେଠାରେ ଅଙ୍ଗନବାଡ଼ି ଘର ଅଧାପନ୍ତରିଆ ହୋଇ ପଡିଥିବା ଏବଂ ସେଥିରେ କିଛି ଲୋକ ନିଜ ଗୃହପାଳିତ ପଶୁଙ୍କୁ ବାନ୍ଧୁ ଥିବାର ଦେଖିବାକୁ ପାଇଥିଲେ ତା ସହିତ ପାଖରେ ଥିବା ଏକ ବନ୍ଦ ସରକାରୀ ବିଦ୍ୟାଳୟର ଗୃହ ଗୁଡ଼ିକ ମଧ୍ୟ ସେହି ଗ୍ରାମର କିଛି ଲୋକଙ୍କ ଦ୍ୱାରା ଜବରଦଖଲ କରିଥିବା ଦେଖିବାକୁ ମିଳିଥିଲା । ଏବଂ ଯେଉଁ ବାରଣ୍ଡାରେ ଅଙ୍ଗନବାଡ଼ି ଶିଶୁମାନେ ବସୁଥିଲେ ସେଠାରେ ମଧ୍ୟ ଗ୍ରାମବାସୀ ସେମାନଙ୍କର ଏବେ ଚାଷ କରିଥିବା ମୁଗ ଗଦା କରି ରଖିଥିଲେ । ସଙ୍ଗେ ସଙ୍ଗେ ଦୁଇ ଅଧିକାରିଣୀ ସ୍ଥାନୀୟ ସରପଞ୍ଚ ଙ୍କୁ ଡାକି ସରପଞ୍ଚଙ୍କ ସାମ୍ନାରେ ବନ୍ଦ ଥିବା ବିଦ୍ୟାଳୟକୁ ଜବରଦସ୍ତି ଅଧିକୃତ କରିଥିବା ବ୍ୟକ୍ତି ମାନଙ୍କୁ ଡାକି ,ଆଗକୁ ଏପରି କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଖୁବ୍ ତାଗିଦ୍ କରିଥିଲେ । ଏବଂ ଆସନ୍ତା ୧୮ ଏପ୍ରିଲ୍ ୨୦୨୫ ଶୁକ୍ରବାର ମଧ୍ୟରେ ବନ୍ଦ ଥିବା ବିଦ୍ୟାଳୟକୁ ଜବରଦଖଲକାରୀ ଙ୍କ ଠାରୁ ଉଚ୍ଛେଦ କରାଇ , ଭଲରେ ସାଫ୍ ସଫେଇ କରି ତୁରନ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ହସ୍ତାନ୍ତର କରିବାକୁ ସରପଞ୍ଚ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଶିଶୁମାନେ ଏହି ବିଦ୍ୟାଳୟରେ ବସିବେ ବୋଲି ନିଷ୍ପତି ହୋଇଥିଲା । ଏହା ସହିତ ତୁରନ୍ତ ପଞ୍ଚାୟତ ପାଣ୍ଠିକୁ ବିନିଯୋଗ କରି ଅଧାପନ୍ତରିଆ ହୋଇ ପଡିରହିଥିବା ଅଙ୍ଗନବାଡ଼ି କେନ୍ଦ୍ର କାମ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଶିଶୁ ମାନେ ଅଙ୍ଗନବାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ଯିବା ପାଇଁ ରାସ୍ତା ନଥିବାରୁ ଏବଂ ଆଖ ପାଖରେ ବୃହତ୍ ୨-୩ ଟି ଖାଲ ଥିବାରୁ , ଆଗକୁ ଆସୁଥିବା ବର୍ଷା ଋତୁରେ ଖଲଗୁଡ଼ିକ ଅଥଳ ପାଣିରେ ପରିପୂର୍ଣ୍ଣ ହୋଇଯାଉଥିବାରୁ ଶିଶୁ ମାନଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି , ଯଥା ଶୀଘ୍ର ରାସ୍ତା ଏବଂ ଖାଲ ଗୁଡ଼ିକ ପୂରଣ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏ ନେଇ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଅରୁଣ କୁମାର ନାୟକ ମଧ୍ୟ ଅବଗତ ଅଛନ୍ତି ଏବଂ ଯଥା ଶୀଘ୍ର ଏହି ଗ୍ରାମର ଅଙ୍ଗନବାଡ଼ି ଶିଶୁ ମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଏଣିକି ଟ୍ରେନରେ ମିଳିବ ଏଟିଏମ ସୁବିଧା

ନୂଆଦିଲ୍ଲୀ,୧୬/୪: ଦେଶରେ ପ୍ରଥମଥର ପାଇଁ ଚଳନ୍ତା ଟ୍ରେନରେ ଏକ ଏଟିଏମ୍ ସ୍ଥାପନ କରାଯାଇଛି । ଏହାର ପରୀକ୍ଷଣ ସଫଳ ହୋଇଛି । ଏହି ଏଟିଏମ୍ ନାସିକର ମନମାଡ ଏବଂ ମୁମ୍ବାଇ ମଧ୍ୟରେ ଚାଲୁଥିବା ପଞ୍ଚବଟି ଏକ୍ସପ୍ରେସର ଏକ ଏସି କୋଚରେ ସ୍ଥାପିତ ହୋଇଛି । ଏହି ଟ୍ରେନକୁ 'ଫାଷ୍ଟ କ୍ୟାସ୍ ଏକ୍ସପ୍ରେସ' କୁହାଯାଉଛି । ରେଳବାଇର ଅଧିକାରୀମାନେ ଏହି ଏଟିଏମ ସ୍ଥାପନକୁ ନେଇ କହିଛନ୍ତି, 'ଇଗତପୁରୀ ଏବଂ କସାରାରେ କିଛି ସମୟ ପାଇଁ ସିଗନାଲଟି ଅଦୃଶ୍ୟ ହୋଇଯାଇଥିଲା । ଏଠାରେ ନେଟୱାର୍କ ସମସ୍ୟା ଅଛି ଏବଂ କିଛି ସୁଡ଼ଙ୍ଗ ମଧ୍ୟ ଅଛି । ଯେଉଁ କାରଣରୁ ଏଭଳି ଅସୁବିଧା ପରିଲକ୍ଷିତ ହୋଇଥିଲା । ଭୁସାଭଲ ଡିଆରଏମ (ଡିଭିଜନାଲ ରେଲୱେ ମ୍ୟାନେଜର) ଇତି ପାଣ୍ଡେ କହିଛନ୍ତି, ଟ୍ରେନରେ ଏଟିଏମ ସ୍ଥାପନର ପରୀକ୍ଷଣର ଫଳାଫଳ ଭଲ ଥିଲା । ଏବେ ଲୋକମାନେ ଚଳନ୍ତା ଟ୍ରେନରେ ମଧ୍ୟ ଟଙ୍କା ଉଠାଇ ପାରିବେ । ମେସିନର କାର୍ଯ୍ୟଦକ୍ଷତା ଉପରେ ନିରନ୍ତର ତଦାରଖ କରାଯିବ । ଏହି ଏଟିଏମ ରେଳବାଇର ଭୁସାଭଲ ଡିଭିଜନ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ମଧ୍ୟରେ ଏକ ସହଯୋଗରେ ନିର୍ମିତ ହୋଇଛି । ପଞ୍ଚବଟୀ ଏକ୍ସପ୍ରେସର ସମସ୍ତ ୨୨ଟି କୋଚ୍ ଭେଷ୍ଟିବୁଲ୍ ସହିତ ସଂଯୁକ୍ତ । ତେଣୁ ଯାତ୍ରୀମାନେ ଏଟିଏମ୍ ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରିବେ । ଭେଷ୍ଟିବ୍ୟୁଲ୍ ଅର୍ଥ ଟ୍ରେନ ବଗିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା । ସୁରକ୍ଷା ସମ୍ପର୍କରେ ଅଧିକାରୀମାନେ କହିଛନ୍ତି, 'ସିସିଟିଭି କ୍ୟାମେରା ମାଧ୍ୟମରେ ୨୪ ଘଣ୍ଟା ଏଟିଏମ ଉପରେ ନଜର ରଖାଯାଇଛି ।

# କୃତ୍ରିମ ବୁଦ୍ଧିମତାର ଉପଯୋଗ କର୍ମଶାଳା

ଭୁବନେଶ୍ୱର,୧୬/୪: ରାଜ୍ୟର ସରକାରୀ ଅଫିସରମାନଙ୍କୁ 'କୃତ୍ରିମ ବୁଦ୍ଧିମତା (ଏ.ଆଇ.)' ର ପ୍ରୟୋଗ ଉପରେ ବ୍ୟବହାରିକ ତାଲିମ ନିମନ୍ତେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ୱାଧ୍ ?ୱାନି ଫାଉଣ୍ଡେସନ ର ମିଳିତ ଆନୁକୁଲ୍ୟରେ ଏକ କର୍ମଶାଳାର ଆୟୋଜନ କରାଯାଇଛି ।ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟର ସରକାରୀ ଅଫିସରମାନଙ୍କୁ 'କୃତ୍ରିମ ବୁଦ୍ଧିମତା (ଏ.ଆଇ.)' ର ପ୍ରୟୋଗ ଉପରେ ତାଲିମ ସମ୍ବନ୍ଧିତ ଏହା ଥିଲା ପ୍ରଥମ କର୍ମଶାଳା । ପର୍ଯ୍ୟାୟ କ୍ରମେ ରାଜ୍ୟର ସମସ୍ତ ଅଫିସରମାନଙ୍କୁ ଏ.ଆଇ. ରେ ତାଲିମ ପ୍ରଦାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ୱାଧ୍ୱାନି ଫାଉଣ୍ଡେସନ ଲକ୍ଷ୍ୟ ରଖିଛନ୍ତି । 'କୃତ୍ରିମ ବୁଦ୍ଧିମତା (ଏ.ଆଇ.)'କୁ ଡାଟା ସମର୍ଥିତ ଦୃଷ୍ଟିଭଙ୍ଗୀ ଆପଣାଇ ବିଭିନ୍ନ ସରକାରୀ ବିଭାଗ ଜନସେବା ବିତରଣ ବ୍ୟବସ୍ଥାକୁ କିଭଳି ପ୍ରଭାବୀ ଢଙ୍ଗରେ ପରିଚାଳିତ କରିପାରିବେ ତାହା ଏହି କର୍ମଶାଳାର ମୌଳିକ ଲକ୍ଷ୍ୟ ରହିଛି । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ୱାଧ୍ୱାନି ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରକାଶ କୁମାର ଏବଂ ଓଡ଼ିଶା ଡିଜିଟାଲ ଗଭର୍ଣ୍ଣାନ୍ସ ଇକୋସିଷ୍ଟମ୍ର ପ୍ରମୁଖ ହିତାଧିକାରିଗଣ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଶାସନ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସଙ୍ଗେସଙ୍ଗେ ରାଜ୍ୟ ସରକାରଙ୍କ ସହ ସାଧାରଣ ଜନତାଙ୍କ ଯୋଗାଯୋଗ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ପାଇଁ ଏ.ଆଇ. ସକ୍ଷମ ବୋଲି ଉଲ୍ଲେଖ କରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ଆଜି ଯାହା କଷ୍ଟକର ମନେହେଉଛି, ଆସନ୍ତାକାଲି ତାହା 'କୃତ୍ରିମ ବୁଦ୍ଧିମତା (ଏ.ଆଇ.)' ର ପ୍ରୟୋଗ ମାଧ୍ୟମରେ ସହଜସାଧ ବୋଲି ପ୍ରମାଣିତ ହେବ । ଏହା ସହିତ, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଘଟୁଥିବା ଦ୍ରୁତ ନବସୃଜନ ଯୋଗୁଁ କୃତ୍ରିମ ବୁଦ୍ଧିମତା (ଏ.ଆଇ.) ସମ୍ପର୍କରେ ସରକାରୀ ଅଧିକାରୀମାନେ ଜାଣିବା ଓ ବୁଝିବା ଜରୁରୀ ହୋଇପଡ଼ିଛି । ଏ.ଆଇ. ସହଯୋଗରେ ସେବା ବିତରଣ ବ୍ୟବସ୍ଥାକୁ ଅଧିକ ଉନ୍ନତ, ଦ୍ରୁତ ଓ ଅଧିକ ପାରଦର୍ଶୀ କରାଇ ଜାତୀୟ ସ୍ତରରେ ଓଡ଼ିଶା କିଭଳି ନେତୃତ୍ୱ ପ୍ରତିଷ୍ଠା



କରିପାରିବ, ସେଥିପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସିଛି ବୋଲି ମୁଖ୍ୟ ଶାସନ ସଚିବ ଦୃଢୋକ୍ତି ପ୍ରକାଶ କରିଥିଲେ । କୃତ୍ରିମ ବୁଦ୍ଧିମତା (ଏ.ଆଇ.) ଅବଲମ୍ବନ କ୍ଷେତ୍ରରେ ଓଡ଼ିଶାକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ରଣକୌଶଳ ସମ୍ପର୍କରେ ଉଲ୍ଲେଖ କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ କହିଥିଲେ ଯେ ଏ.ଆଇ. କୁ ଆପଣାଇ ଏହି କ୍ଷେତ୍ରରେ ଓଡ଼ିଶାକୁ ଜାତୀୟ ସ୍ତରରେ ଏକ ନେତୃସ୍ଥାନୀୟ ସ୍ଥିତିକୁ ଆଣିବା ପାଇଁ ରାଜ୍ୟ ସରକାର ବହୁ ସିଦ୍ଧାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଖୁବଶୀଘ୍ର ରାଜ୍ୟର ସ୍ୱତନ୍ତ୍ର ଏ.ଆଇ. ପଲିସି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଛି । ଏହା ସହିତ, ବିଭିନ୍ନ କ୍ଷେତ୍ର ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ 'ଓଡ଼ିଶା ଏ.ଆଇ. ମିଶନ' ମଧ୍ୟ ଆରମ୍ଭ କରାଯିବାପାଇଁ ପଦକ୍ଷେପ ନିଆଯାଉଛି । ଏହି ପରିପ୍ରେକ୍ଷୀରେ ନାସ୍କମ୍ ଓ ୱାଧ୍ୱାନି ଫାଉଣ୍ଡେସନ ସହ ବୁଝାମଣାପତ୍ର ସ୍ୱାକ୍ଷର ମଧ୍ୟ କରାଯାଇଛି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ ଏକ ଏ.ଆଇ. ଉତ୍କର୍ଷ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯିବା ନିମନ୍ତେ ପଦକ୍ଷେପ ନିଆଯିବା ସହ ଇଣ୍ଡିଆ ଏ.ଆଇ. ମିଶନ୍ ସହଯୋଗରେ ବିଭିନ୍ନ ବିଭାଗରେ ଏ.ଆଇ. ସମାଧାନର ବ୍ୟବସ୍ଥା କରାଯାଉଛି । ଏକ ଶକ୍ତିଶାଳୀ, ସମାବେଶୀ ଏବଂ ଅଗ୍ରମୁଖୀ ଏ.ଆଇ. ଇକୋସିଷ୍ଟମ ପାଇଁ ଏହି ସବୁ ପଦକ୍ଷେପ ଆମ ପ୍ରତିବଦ୍ଧତାର ପ୍ରତିଫଳନ ଏବଂ ଏହାଦ୍ୱାରା ଶାସନ ବ୍ୟବସ୍ଥା ସୁଦୃଢ଼ ହେବାସହ ନବସୃଜନ ପାଇଁ ବିପୁଳ ସୁଯୋଗ ଉପଲବ୍ଧ ହୋଇପାରିବ ବୋଲି ଶ୍ରୀ ଦେବ ମତପ୍ରକାଶ କରିଥିଲେ । ଏ.ଆଇ. ପରିଚାଳିତ ଶାସନ ବ୍ୟବସ୍ଥା ପାଇଁ ଓଡ଼ିଶା ବଳିଷ୍ଠ ପଦକ୍ଷେପ ଗ୍ରହଣ କରୁଥିବାରୁ ଆମେ ଖୁବ୍ ଉତ୍ସାହିତ ବୋଲି ୱାଧ୍ୱାନି ଫାଉଣ୍ଡେସନ୍ ସି.ଇ.ଓ. ପ୍ରକାଶ କୁମାର ଉଲ୍ଲେଖ କରିଥିଲେ । ସରକାରଙ୍କ ସହ ଘନିଷ୍ଠ ସହଯୋଗ ରକ୍ଷାକରି କେଉଁଠି କେଉଁଠି ସମସ୍ୟାମାନ ରହିଛି, ଆମେ ତାହା ଦେଖିବୁ ଓ ତା'ର ସମାଧାନର ପଥ ସୁଗମ କରିବାରେ ସହାୟକ ହେବୁ ବୋଲି ସେ ଉଲ୍ଲେଖ କରିଥିଲେ । ସରକାରୀ ଅଫିସରମାନଙ୍କୁ 'କୃତ୍ରିମ ବୁଦ୍ଧିମତା' ପ୍ରୟୋଗର ବ୍ୟବହାରିକ ଜ୍ଞାନ ଦେବାପାଇଁ ଆଜିର ଏହି କର୍ମଶଳା ଉଦ୍ଦିଷ୍ଟ ଥିଲା । କର୍ମଶାଳାର ବିଭିନ୍ନ ଅଧିବେଶନରେ ଜେନେରେଟିଭ ଏ.ଆଇ. ଟୁଲ୍ସ, ଜଟିଳ ବିଶ୍ଳେଷଣ ଓ କଣ୍ଟେଣ୍ଟ ଜେନେରେସନ ର ଉପଯୋଗିତା ଏବଂ କାର୍ଯ୍ୟାନ୍ୱୟନ ନମୁନା ସମ୍ପର୍କରେ ଗଭୀର ଚିନ୍ତନ କରାଯାଇଥିଲା । ଅଂଶଗ୍ରହଣକାରୀ ଅଧିକାରୀମାନେ ବହୁ ଉପାଦେୟ ବାସ୍ତବ ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ ଯାହା ମଧ୍ୟରେ ଶିକ୍ଷକମାନଙ୍କ ପାଇଁ ଜେନ୍-ଏ.ଆଇ. ଆସିଷ୍ଟାଣ୍ଟ, ନାଗରିକ ଅଭିଜ୍ଞତା ଓ ଯୋଗାଯୋଗ ମଞ୍ଚ, ଘରେ ଗର୍ଭବତୀ ମହିଳାମାନଙ୍କ ସ୍କ୍ରିନିଙ୍ଗ ଓ ମନିଟରିଙ୍ଗ ପାଇଁ ଏକ ଏ.ଆଇ. ଆପ୍ ଅନ୍ୟତମ । ଏହା ସହିତ ନୀତିଗତ ଯୋଜନା ଓ ତା'ର ତଦାରଖ ନିମନ୍ତେ ଡାଟା ପରିଚାଳିତ ନିଷ୍ପତ୍ତି ଗ୍ରହଣ, ଡିଜିଟାଲାଇଜେସନ୍ ଓ ଡିଜିଟାଲ ଟ୍ରାନ୍ସଫରମେସନ୍ ମଧ୍ୟରେ ଥିବା ପାର୍ଥକ୍ୟ, ବିଚାର ଅବସ୍ଥାରୁ ଅବଧାରଣା ଅବସ୍ଥାକୁ ଯିବାପାଇଁ ଢାଞ୍ଚା ପ୍ରସ୍ତୁତି, ଶାସନଗତ ଆହ୍ୱାନ ଏବଂ ୱାଧ୍ୱାନି ଫାଉଣ୍ଡେସନ୍ ସହ ମିଶି ସେଗୁଡ଼ିକର ବିଶ୍ଳେଷଣ ତଥା ବୈଷୟିକ ସମ୍ଭାବ୍ୟତା ଓ ବିଶେଷଜ୍ଞଙ୍କ ମତାମତ ସଂଗ୍ରହ ଉପରେ ଆଲେଚନା କରାଯାଇଥିଲା । ଇଣ୍ଡିଆ ଏ.ଆଇ. ମିସନ ସହ ମିଶି ଓଡ଼ିଶା ସରକାର ଦକ୍ଷତା ବୃଦ୍ଧି, ନବସୃଜନ, ନୈତିକ ଏବଂ ନିୟନ୍ତ୍ରଣାତ୍ମକ ଢାଞ୍ଚା ପ୍ରସ୍ତୁତି, ଆପ୍ ବିକାଶ ଏବଂ ତଥ୍ୟାବଳୀର ସମ୍ପାଦନା ଆଦି ପ୍ରମୁଖ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦେଉଛନ୍ତି । ଆଇ.ଆଇ.ଟି. ଭୁବନେଶ୍ୱର, ଭାଶିନୀ ଓ ସି-ଡାକ୍ ସହ ମିଶି ଓଡ଼ିଶା ସରକାର ଏକ ଭାଷାଗତ ଏ.ଆଇ. ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନେଉଥିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା, ଯାହା ଓଡ଼ିଆ ଭାଷାର ସାଂସ୍କୃତିକ ସଂରକ୍ଷଣରେ ସହାୟକ ହେବ । ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସଚେତନତା ସୃଷ୍ଟିକରି ସରକାରୀ କାର୍ଯ୍ୟରେ ପାରଦର୍ଶିତା ବୃଦ୍ଧି କରିବା, ଏ.ଆଇ. ପାଇଲଟ୍ସ ଆରମ୍ଭ କରିବା ଏବଂ ପରିଶେଷରେ ବିଭିନ୍ନ କ୍ଷେତ୍ର ମଧ୍ୟରେ ଏ.ଆଇ. ପରିଚାଳିତ ପ୍ରଶାସନିକ ବ୍ୟବସ୍ଥାକୁ ଆନୁଷ୍ଠାନିକ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା । ଏହିସବୁ ଉଦ୍ୟମ ଓଡ଼ିଶାକୁ ଏ.ଆଇ. ନବସୃଜନର ଏକ ଜାତୀୟ କେନ୍ଦ୍ରରେ ପରିଣତ କରିବ ବୋଲି ଆଶା କରାଯାଉଛି ।

# ପତ୍ନୀଙ୍କୁ ଫସାଇ ପାଖରେ ରଖିଛନ୍ତି ଯାତ୍ରା ପାର୍ଟି ମାଲିକ




ଭୁବନେଶ୍ୱର, ୧୬/୪: ଯାତ୍ରାରେ ଚାଲିଛି ଯାତେରା। ପ୍ରଥମେ ପୀୟୂଷ ତା' ପରେ ନରି ପଣ୍ଡା ଏବେ ସାମ୍ନାକୁ ଆସିଛି ଆଉ ଏକ ବିବାଦ। ଏବେ ବିବାଦର କାରଣ ପାଲଟିଛନ୍ତି ସୋନାଲି ପଣ୍ଡା। ସୋନାଲି ନିଜର ୧୦ ବର୍ଷର ପୁଅ ଓ ସ୍ୱାମୀଙ୍କୁ ଛାଡ଼ି ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ବାବୁଙ୍କ ସାଙ୍ଗରେ ରହୁଥିବା ଅଭିଯୋଗ ହୋଇଛି। ଏପରି ସାଂଘାତିକ ଅଭିଯୋଗ ଆଣିଛନ୍ତି ସୋନାଲିଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାର। ସୋନାଲିଙ୍କ ସହିତ ନାଣ୍ଟୁ ବାବୁଙ୍କୁ ଥରେ ଦୁଇଥର ହୋଟେଲରେ ଦେଖିଛି ବୋଲି ଶ୍ରୀକ୍ଷେତ୍ର କହିଛନ୍ତି। ଏପରି ସମୟରେ ସେ ରୁମରୁ ବାହାରକୁ ପଳେଇ ଆସନ୍ତି ବୋଲି କହିଛନ୍ତି ଶ୍ରୀକ୍ଷେତ୍ର। ଏପରିକି ଏହି ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ମାରିବାକୁ ଧମକ ଦିଆ ଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହାପରେ ତାଙ୍କୁ ନାଣ୍ଟୁ ବାବୁ ଯାତ୍ରା ପାର୍ଟିରୁ ଚକ୍ରାନ୍ତ କରି ବାହାର କରି ଦେଇଥିଲେ। ଶିବ ଲେଙ୍କାଙ୍କ ହାତରୁ ଯାତ୍ରାପାର୍ଟିର ଦାୟିତ୍ୱ ନାଣ୍ଟୁ ବାବୁଙ୍କ ହାତକୁ ଆସିବା ପରେ ସୋନାଲି ଓ ତାଙ୍କର ସମ୍ପର୍କ ଗଢି ଉଠିଥିଲା। ପଇସା ପାଇଁ ସୋନାଲି ତାଙ୍କୁ ଓ ୧୦ ବର୍ଷର ପୁଅକୁ ଛାଡି ପଳାଇଛି ବୋଲି କହିଛନ୍ତି ଶ୍ରୀକ୍ଷେତ୍ର। ସୋନାଲି ଓ ତାଙ୍କର ପ୍ରେମ ବିବାହ ହୋଇଥିଲା। ଉଭୟଙ୍କର ଜାତି ଅଲଗା ଥିଲା। ପରେ ପରିବାର ଲୋକେ ବିବାହ କରିଥିଲେ। ହେଲେ ସୋନାଲିଙ୍କ ଘର ଲୋକେ ତାଙ୍କୁ ଗ୍ରହଣ କରିନଥିଲେ। ହେଲେ ୧୦ବର୍ଷ ହେବ ମୋ ପୁଅ ତା ମା' ସ୍ନେହ ମମତାରୁ ବଞ୍ଚିତ ହୋଇ ରହିଛି। ୧୦ବର୍ଷ ହେଲା ତା' ମା' ମୋତେ ଓ ପୁଅକୁ ଛାଡ଼ି ନାଣ୍ଟୁ ବାବୁଙ୍କ ପାଖରେ ରହୁଛି। ତାଙ୍କର ପ୍ରକୃତ ନାଁ ସୋନାଲି ନୁହେଁ। ତାଙ୍କ ନାଁ କାଗଜି ପଲେଇ। ମୋତେ ବିବାହ କରିବା ପରେ କାଗଜି ସାମନ୍ତସିଂହାର ତାଙ୍କର ନାଁ ଥିଲା। ନାଣ୍ଟୁବାବୁ ତାଙ୍କର ମିଥ୍ୟା ନାଁ ସୋନାଲି ପଣ୍ଡା ରଖିଛନ୍ତି। ନାଣ୍ଟୁ ବାବୁ ଗୋଟିଏ ରାବଣ, ସେ ମୋ ସୀତାକୁ ଚୋରି କରିନେଲେ। ଅନ୍ୟପକ୍ଷରେ ତୁଳସୀ ଯାତ୍ରା ପାର୍ଟି ମାଲିକ ନାଣ୍ଟୁବାବୁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସେ ଝିଅକୁ ପଚାରିଲେ, ସବୁ ସତ କଥା ଜଣାପଡ଼ିବ। ସେମିତି କିଛି କଥା ନାହିଁ। ଯେ ଯେମିତି ଚାହିଁବ, ତାକୁ ବଦନାମ କରିଦେବ, ଏହା ସମ୍ଭବ ନୁହେଁ। ସେହିପରି ସୋନାଲି ପଣ୍ଡା କହିଛନ୍ତି, ଆମର ବିବାହ ୨୦୧୩ରେ ହୋଇଥିଲା। ଆମର ପ୍ରେମ ବିବାହ ବିବାହ ହୋଇଥିଲା। ସେ ମୋତେ ବିବାହ ପୂର୍ବରୁ ବହୁତ ମିଛ କହିଥିଲେ। ବିବାହ ପରେ ଅନ୍ୟ ଝିଅଙ୍କ ତାଙ୍କର ସଂପର୍କ ଥିଲା। ମୁଁ ଏହାକୁ ପ୍ରତିବାଦ କରିବାରୁ ସେ ମୋତେ ମାରଧର କଲେ। ଏଥିପାଇଁ ଆମ ଭିତରେ ଝଗଡ଼ାଝାଣ୍ଟି ହୋଇଥିଲା। ତା'ପରେ ମୋତେ ଯାତ୍ରା ପାର୍ଟିକୁ ଆଣିଥିଲେ। ମୋତେ ଯାତ୍ରା ପାର୍ଟି ବିଷୟରେ କିଛି ଜଣାନଥିଲା। ସେଠି ମଧ ସେ ବହୁତ ଝିଅଙ୍କ ସହ କଥା ହୋଇଥିଲେ। ମୁଁ ବାରଣ କଲେ ମଧ ସେ କଥା ଶୁଣିନଥିଲେ। ତା'ପରେ ସେ ଯାତ୍ରା ପାର୍ଟି ଛାଡ଼ି ପଳାଇଲେ। ସେତେବେଳେ ମୋ ପାଖରେ କେହି ବି ସାହା ଭରସା ନଥିଲେ। ମୁଁ ବାବା, ମା'ଙ୍କୁ ଛାଡ଼ି ତାଙ୍କ ଭରସାରେ ପଳାଇଆସିଥିଲି। ସେ ମୋତେ ଛାଡ଼ି ପଳାଇଲେ। ତା'ପରେ ସେ ମୋ ଫୋନ୍ ଉଠାଇଲେ ନାହିଁ, ମୋ ସହିତ କୌଣସି ସଂପର୍କ ରଖିନଥିଲେ। ତା'ପରେ ଶୁଣିବାକୁ ପାଇଲି ଯେ ଦ୍ୱିତୀୟ ବିବାହ କରିଛନ୍ତି। ଏହାପରେ ମୁଁ ଫୋନ୍ କରିବାରୁ ତାଙ୍କର ଦ୍ୱିତୀୟ ସ୍ତ୍ରୀ ମୋତେ ବହୁତ ଗାଳିଗୁଲଜ କରିଥିଲା। ମୋ ସ୍ୱାମୀଙ୍କୁ ଫୋନ୍ କରିବ ନାହିଁ ବୋଲି କହିଥିଲା। ତୁମେ ତୁମ ଲାଇଫରେ ଖୁସିରେ ରୁହ। ମୁଁ ସେବେଠୁ ମୋ ଜୀବନରେ ଖୁସିରେ ଅଛି। ମୋ ବାବା ମା'ଙ୍କ ସାଙ୍ଗରେ ଅଛି। ମୁଁ ସେହି ଲାଇଫକୁ ଫେରିବାର ନାହିଁ। ମୁଁ ତାଙ୍କୁ ଚିହ୍ନି ନାହିଁକି ଜାଣି ନାହିଁ।୧୨ ବର୍ଷ ହେଲା ଆମ ଭିତରେ କିଛି ସଂପର୍କ ନାହିଁ। ସେ ବେଳେ ବେଳେ ମୋତେ ଫୋନ୍ କରନ୍ତି, ହେଲେ ତାଙ୍କ ଫୋନକୁ ଧରେ ନାହିଁ। ସୋନାଲି ନିଜ ପୁଅ ବିଷୟରେ କହିଛନ୍ତି, ମୁଁ ସେହି ଛୋଟ ଛୁଆକୁ ଆଣିବାକୁ ବହୁତ ଚେଷ୍ଟା କରିଛି, ହେଲେ ସେହି ଛୁଆକୁ ତାର ଘର ଲୋକ ଦେଖା କରିବାକୁ ଦେଇନାହାନ୍ତି। ନାଣ୍ଟୁ ବାବୁ ସୋନାଲିଙ୍କୁ ଅଟକ ରଖିବା ବିଷୟରେ ସେ କହିଛନ୍ତି, କେହି ମୋତେ ଅଟକ ରଖି ନାହାନ୍ତି, ସେ ମୋ ମାଲିକ , ମୁଁ ଜଣେ କର୍ମଚାରୀ। ସେ ଜଣେ ଭଗବାନ ଭଳିଆ ଲୋକ। ତାଙ୍କ ସହ ମୋର ଲେନଦେନ ନାହିଁ। ଏହି ଅନୁଷ୍ଠାନ ମୋତେ ଭଲ ଲାଗୁଛି, ସେଥିପାଇଁ ୧୨ ବର୍ଷ ହେଲା ଅଛି। ଯଦି ଏହି ଅନୁଷ୍ଠାନ ଭଲ ନ ଲାଗିବ ମୁଁ ଆଉ କେଉଁଠିକି ଯାଇପାରିବି। ମୋ ବାପାମା' ଭାଇଭଉଣୀଙ୍କ ପାଖରେ ଭଲରେ ରହିଛି। ମୋତେ ବଦନାମ କରିବା ପାଇଁ ଏପରି କରାଯାଉଛି ବୋଲି ସୋନାଲି କହିଛନ୍ତି।

## ଉଦୟପୁର ବେଳାଭୂମି ଉପରେ ପଶ୍ଚିମବଙ୍ଗ ଆଖି

### ଓଡ଼ିଶା ସହ ହୋଇଥିବା ଚୁକ୍ତିକୁ ମାନୁନି



ଚନ୍ଦନେଶ୍ୱର,୧୬/୪: ଓଡ଼ିଶାର ସୀମାନ୍ତ ଅଞ୍ଚଳକୁ କବ୍‌ଜା ପାଇଁ ପଶ୍ଚିମବଙ୍ଗ ଉଦ୍ୟମ ଅବ୍ୟାହତ ରଖିଛି। କେତେବେଳେ ସୀମାରେ ଖୁଣ୍ଟ ପୋତୁଛି ତ ଆଉ କେତେବେଳେ ତାରବାଡ଼ ପକାଉଛି ଓ ସୂଚନାଫଳକ ବି ଲଗାଉଛି। ଏବେ ଉଦୟପୁର ବେଳାଭୂମିରେ କ୍ୟାବିନ୍ ପକାଇ ନିଜ ଦଖଲକୁ ନେବାକୁ ଉଦ୍ୟମ ଚଳାଇଥିବା ଦେଖିବାକୁ ମିଳିଛି। ଉଦୟପୁର ବେଳଭୂମି ଓ ଏହାର ଆଖପାଖ ଅଞ୍ଚଳ ଉପରେ ପଶ୍ଚିମବଙ୍ଗର ଲୋଲୁପ ଦୃଷ୍ଟି ପଡ଼ିଛି। ୧୯୭୮ ମସିହାରେ ଉଦୟପୁରଠାରେ ବନ ବିଭାଗ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ସହିତ ସାହାବାଜିପୁର ସୀମାଠାରୁ ଉଦୟପୁର ବେଳାଭୂମି ପର୍ଯ୍ୟନ୍ତ ନାଲିମୋରମ୍ ରାସ୍ତା ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗ ପ୍ରଶାସନ ୧୯୮୭ ମସିହାରେ ରାତିଅଧିଆ ଉକ୍ତ ରାସ୍ତାକୁ ପିଚୁ କରିଥିଲା। ଏହାକୁ ନେଇ ସେତେବେଳେ ତୀବ୍ର ଜନଅସନ୍ତୋଷ ଦେଖିବାକୁ ମିଳିଥିଲା। ୧୯୯୭ରେ ପଶ୍ଚିମବଙ୍ଗ ପ୍ରଶାସନ ପୁଣି ସାହାବାଜିପୁର ସୀମାନ୍ତରେ ଥିବା କାଳୀମନ୍ଦିରକୁ ନିଜ କବ୍‌ଜାକୁ ନେବାପାଇଁ ନାଲି ପତାକା ମାରିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ତତ୍କାଳୀନ ଭୋଗରାଇ ତହସିଲଦାର ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ୨୦୦୨ ମସିହାରେ ସାହାବାଜିପୁର ସୀମାରେ ଥିବା ବନ ବିଭାଗର ସୂଚନା ଫଳକକୁ ଭାଙ୍ଗି ଓଡ଼ିଶା ସୀମାରେ ପଶ୍ଚିମବଙ୍ଗ ପ୍ରଶାସନ ବସ୍‌ଷ୍ଟାଣ୍ଡ ନିର୍ମାଣ କରିଥିଲେ। ୨୦୧୩ରେ ଉଦୟପୁର ବେଳାଭୂମିରେ ପଶ୍ଚିମବଙ୍ଗ ପ୍ରଶାସନ ମେରାଇନ ଡ୍ରାଇଭ୍ ରାସ୍ତା ନିର୍ମାଣ କରୁଥିବା ବେଳେ ସାଗର ସାଥୀ କ୍ଲବ୍ ଓ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଥିଲେ। ପରେ ଉକ୍ତ ଅଞ୍ଚଳର ସୀମା ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ତାଳସାରୀ ସାମୁଦ୍ରିକ ଥାନା ପ୍ରତିଷ୍ଠା କରାଯାଇଥିଲା। ତେବେ, ୨୦୧୪ରେ ପଶ୍ଚିମବଙ୍ଗ ପକ୍ଷରୁ ଉଦୟପୁର ବନପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାତିଅଧିଆ ତନଖି ଫାଟକ ନିର୍ମାଣ କରିବା ପରେ ସ୍ଥାନୀୟ ସାଗର ସାଥୀ କ୍ଲବ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନର ବୈଠକ ପରେ ଉକ୍ତ ଫାଟକକୁ ବଙ୍ଗ ପ୍ରଶାସନ ଉଠାଇ ନେଇଥିଲେ। ୨୦୧୫ ରେ ଉଦୟପୁର ବେଳାଭୂମିଠାରୁ ସାହାବାଜିପୁର ପର୍ଯ୍ୟନ୍ତ ଓଡ଼ିଶା ସରକାର ରାସ୍ତା ପ୍ରଶସ୍ତୀକରଣ କରିଥିଲେ। ଏହି ରାସ୍ତାକୁ ପଶ୍ଚିମବଙ୍ଗ ପ୍ରଶାସନ ତାଙ୍କର ବୋଲି ଦର୍ଶାଇ ରାସ୍ତା ମଝିରେ ସାଇନ ବୋର୍ଡ ଲଗାଇଥିଲା। ତେବେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏହାକୁ ହଟାଇ ଦେଇଥିଲା। ବର୍ଷବର୍ଷ ଧରି ସୀମାନ୍ତ ଅଞ୍ଚଳରେ ଏହିଭଳି ଛକାପଞ୍ଝା ଲାଗି ରହିଛି। ୨୦୨୦ରେ ଉଭୟ ରାଜ୍ୟର ପ୍ରାଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ମାତ୍ର, ଉକ୍ତ ଚୁକ୍ତିପତ୍ରକୁ ବେଖାତିର କରି ବଙ୍ଗ ପ୍ରଶାସନ ବାରମ୍ବାର ଉଦୟପୁର ବେଳାଭୂମିରେ କ୍ୟାବିନ୍ ପକାଇବା ସହିତ ସାହାବାଜିପୁର-ପଦିମା ସୀମାରେ ସାହାବାଜିପୁର ଗାଁ ଭିତରେ ସିମେଣ୍ଟ ଖୁଣ୍ଟ ପୋତିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ପଶ୍ଚିମବଙ୍ଗର ସୀମା ଅତିକ୍ରମଣକୁ ଆମେ ବିରୋଧ କରୁଛୁ ବୋଲି କହିଛନ୍ତି ସାହାବାଜିପୁରର ଭଗବାନ ବେହେରା। ଉଭୟ ରାଜ୍ୟର ସରକାର ଓ କେନ୍ଦ୍ର ସରକାର ଆଲୋଚନା କରି ଉଦୟପୁରଠାରୁ ଚୂଡ଼ାମଣିପୁର ପର୍ଯ୍ୟନ୍ତ ଥିବା ସୀମା ବିବାଦର ସମାଧାନ କରନ୍ତୁ ବୋଲି ସମାଜସେବୀ ବ୍ରଜକିଶୋର ସାମଲ ଦାବି କରିଛନ୍ତି। ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ଘୋଷ କହିଛନ୍ତି, ଆମେ ସୀମା ସମସ୍ୟା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛୁ। କୌଣସି ସମସ୍ୟା ହେଲେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନେବୁ।

## ରାମମନ୍ଦିର ସାମନାରୁ ଶିଶୁ ଅପହରଣ ମାମଲା

# ମା' କୋଳକୁ ଫେରିଲା କେଶବ




ଭୁବନେଶ୍ୱର,୧୬/୪: ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ରାମମନ୍ଦିର ସାମ୍ନାରେ ଶୋଇଥିବା ଦୃଷ୍ଟିବାଧିତ ମା' କୋଳରୁ ଚୋରି ହୋଇଥିଲା ଦେଢ଼ ବର୍ଷର ଶିଶୁପୁତ୍ର ଶୁଭମ୍ ଓରଫ କେଶବ। କମିସନରେଟ୍ ପୁଲିସର ଚାରି ଚାରିଟି ଟିମ୍ ପାଖାପାଖି ୫୦ ଘଣ୍ଟା ସର୍ଚ୍ଚ ଅପରେସନ୍ କରି କେଶବକୁ ସୋମବାର ରାତିରେ ବାଲେଶ୍ୱରରୁ ଉଦ୍ଧାର କରିଛନ୍ତି। ଖଣ୍ଡପଡ଼ା ଥାନା ବୋଇତା ଗାଁର ପ୍ରଶାନ୍ତ ପଣ୍ଡାଙ୍କ ସ୍ତ୍ରୀ ଝେଲମ୍‌ରାଣୀ ପଣ୍ଡାଙ୍କ ନିକଟରୁ ପୁଲିସ କେଶବକୁ ଉଦ୍ଧାର କରି ଆଜି ମା ଜୟନ୍ତୀ ମଲ୍ଲିକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ କେଶବକୁ ଫଳରସ(ଜୁସ୍) ଦେବା ବାହାନାରେ ମା' କୋଳରୁ ଉଠାଇ ନେଇଥିବା କେଦାରସନ ପଣ୍ଡାକୁ ଗିରଫ କରାଯାଇଛି। ପୁଲିସ ଝେଲମରାଣୀକୁ ଅଟକ ରଖି ପଚରାଉଚରା କରୁଛି ଏବଂ ପିଲା ଚୋରି ପଛର କାରଣ ଜାଣିବାକୁ ମାରାଥନ୍ ଜେରା କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଏକ୍ସରେ କହିଛନ୍ତି ଯେ ଶିଶୁଟି ମା' କୋଳକୁ ଫେରିବା ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି। ମା' ମୁହଁରେ ହସ ଦେଖି ସେ ବେଶ୍ ଆନନ୍ଦିତ। ଗରିବ, ଅସହାୟ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଦିଗରେ ପୁଲିସର ପଦକ୍ଷେପ ପ୍ରଶଂସନୀୟ। ଏଭଳି ସମ୍ବେଦନଶୀଳ ଘଟଣାରେ ଗରିବଙ୍କୁ ନ୍ୟାୟ ଦେବା ତାଙ୍କ ସରକାରର ପ୍ରାଥମିକତା ବୋଲି ସେ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଘଟଣା ପରଠୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଲିସକୁ ଏନେଇ କଡ଼ା ନିର୍ଦ୍ଦେଶ ଦେଇଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ପୁଲିସ ଅପରେସନ୍‌ର ନିୟମିତ ମନିଟରିଂ କରୁଥିଲା। ଫଳରେ ପୁଲିସ ତତ୍ପରତା ପ୍ରଦର୍ଶନ କରି ତିନି ଦିନ ମଧ୍ୟରେ କେଶବକୁ ଉଦ୍ଧାର କରିଛି। ଶିଶୁ ଚୋରି ନେଇ ଖାରବେଳନଗର ଥାନାରେ ଅଭିଯୋଗ ହେବା ପରେ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଥିଲା। ଅପହର୍ତ୍ତା କେଦାରସନ ଭୁବନେଶ୍ୱର ରେଳଷ୍ଟେସନ ଦେଇ ପଳାଇଥିବା ଜଣାପଡ଼ିବା ପରେ ପୁଲିସ କୋଲକାତା ପର୍ଯ୍ୟନ୍ତ ବିଭିନ୍ନ ଷ୍ଟେସନର ସିସିଟିଭି ଫୁଟେଜ୍ ଯାଞ୍ଚ କରିବାରେ ଲାଗିପଡ଼ିଥିଲା। ରେଳବାଇ ପୁଲିସ ଏଥିରେ ବିଶେଷ ସହଯୋଗ କରିଥିଲା। ପୁଲିସ ୨୦୦ରୁ ଅଧିକ ସିସିଟିଭି ଯାଞ୍ଚ କରିଥିଲା। ଜଣାପଡ଼ିଲା ଯେ କେଦାରସନ ଭୁବନେଶ୍ୱର ଷ୍ଟେସନ ୩ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଥିବା ଗୌହାଟି ଏକ୍ସପ୍ରେସ୍‌ରେ ପଳାଇଛି। ଶେଷରେ ରେଳବାଇ ପୁଲିସ ତାକୁ ବାଲେଶ୍ୱର ଷ୍ଟେସନରେ ଜଣେ ମହିଳା(ଝେଲମରାଣୀ)ଙ୍କ ସହ ଠାବ କରିଥିଲା। ଏହାପରେ ତଦନ୍ତରୁ ଜଣାଗଲା ଯେ ବାଲେଶ୍ୱର ଷ୍ଟେସନରୁ ସେମାନେ ଏକ ଅଟୋ ଓ ପରେ ବାଇକ୍ ଯୋଗେ ବୋଇତା ଗାଁରେ ପହଞ୍ଚିଥିଲେ। ତୁରନ୍ତ ଝେଲମରାଣୀ କେଶବକୁ ଲଣ୍ଡା କରିବା ସହ ଏକ ଝିଅ ପୋଷାକ ପିନ୍ଧାଇ ଦେଇଥିଲା। ସୋମବାର ରାତିରେ କମିସନରେଟ୍ ପୁଲିସର ଏକ ସ୍କ୍ୱାଡ୍ ବୋଇତା ଗାଁରେ ପହଞ୍ଚି ଝେଲମରାଣୀକୁ କାବୁ କରିଥିଲା। ମାତ୍ର ଧରାପଡ଼ି ନଥିଲା ଅପହର୍ତ୍ତା କେଦାରସନ। ସେ କେଶବକୁ ଝେଲମରାଣୀଙ୍କୁ ହସ୍ତାନ୍ତର କରିବା ପରେ ପୁରୀ ପଳାଇଥିଲା। ରାତାରାତି ପୁଲିସ ଟିମ୍ ମୋବାଇଲ୍ ଫୋନ୍ ଟ୍ରାକ୍ କରି ପୁରୀରୁ ତାକୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ କେଦାରସନ ଜଣେ ପେସାଦାର ବାଇକ୍ ଚୋର। ଏକଦା ପାହାଲ ଥାନା ପୁଲିସ ତାକୁ ବାଇକ୍ ଚୋରି ମାମଲାରେ ଗିରଫ କରିଥିଲା। ପିଲା ଚୋରିକୁ ନେଇ ଉଭୟ କେଦାରସନ ଓ ଝେଲମରାଣୀ ପୁଲିସକୁ ମନଗଢ଼ା କାହାଣୀ କହିଛନ୍ତି। ଝେଲମରାଣୀଙ୍କ ଅସୁସ୍ଥ ପୁଅ ଭଲ ହେବା ପାଇଁ ତାଙ୍କୁ ଏକ ଅନାଥ ଶିଶୁର ଲାଳନପାଳନ କରିବାର ଥିଲା ବୋଲି ସେ କେଦାରସନକୁ କହିଥିଲେ। ତେଣୁ ଅନାଥ ପିଲାଟିଏ ପାଇବା ପାଇଁ କେଦାରସନ ଏହି କାଣ୍ଡ ଭିଆଇଥିଲା। କିନ୍ତୁ ଏହି କାହାଣୀ କେତେ ସତ ସେନେଇ ପୁଲିସ ଖୋଳତାଡ଼ କରୁଛି। ଏହି ପିଲାଚୋରି ପଛରେ ଅଙ୍ଗ ତସ୍କରୀ କିମ୍ବା ପ୍ରଚୁର ପଇସାରେ ପିଲା ବିକ୍ରି ଭଳି ଯୋଜନା ଥିଲା କି ନା, ସେଦିଗରେ ମଧ ପୁଲିସ ଛାନ୍‌ଭିନ୍ କରୁଛି। ଆଜି କ୍ୟାପିଟାଲ୍ ହସ୍ପିଟାଲ୍‌ରେ କେଶବର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଏହାପରେ ମା' ଜୟନ୍ତୀଙ୍କୁ ଦିଆଯାଇଥିଲା। କେଶବକୁ ପାଇବା ପରେ ମା' ଜୟନ୍ତୀଙ୍କ ଆଖିରୁ ଲୁହର ଧାର ବହିଯାଇଥିଲା। କୋହଭରା କଣ୍ଠରେ ସେ ମୁଖ୍ୟମନ୍ତ୍ରୀ ଓ ପୁଲିସକୁ ଧନ୍ୟବାଦ ଦେଇଥିଲେ। ପରେପରେ ଚାଇଲ୍ଡ ଲାଇନ୍ ପକ୍ଷରୁ ଉଭୟ ମା' ଓ ଶିଶୁକୁ ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି)ରେ ହାଜର କରାଯାଇଥିଲା ଏବଂ ସେମାନଙ୍କୁ ଏକ ସେଲ୍‌ଟର ହୋମ୍‌ରେ ରଖାଯାଇଛି।

# ଅଦାଲତ ହେପାଜତରେ ରହିବ ଜବତ ସାମଗ୍ରୀ

## ଭିଡିଓ ଗ୍ରାଫିରେ ହେବ ଗାଡି ନିଲାମ, ଲକରରେ ରହିବ ଗହଣା



କଟକ,୧୬/୪: ସିବିଆଇ ଦ୍ୱାରା ଜବତ ହୋଇଥିବା ୧୫ ଲକ୍ଷ ଟଙ୍କାକୁ ରିଲିଜ୍ ପାଇଁ ହୋଇଥିବା ଆବେଦନର ସୋମବାର ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଛି। ଏହି ଶୁଣାଣି ସମୟରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପୁଲିସ୍ ବା ଯେକୌଣସି ତଦନ୍ତକାରୀ ସଂସ୍ଥା ଦ୍ୱାରା ଜବତ ହେଉଥିବା ଟଙ୍କା ଥାନାରେ ନ ରହି ରିଲିଜ୍ ? ହେବ। ଏହା ପୂର୍ବରୁ ସେସବୁର ସ୍ଥାୟୀ ରେକର୍ଡ଼ ରଖିବା ଲାଗି ହାଇ-ରିଜୋଲ୍ୟୁସନ ଫଟୋଗ୍ରାଫ୍ ଉଠାଯିବ। ଉକ୍ତ ଜବତ ଟଙ୍କାକୁ ନେଇ ପଞ୍ଚନାମା କରାଯିବ। ଯେଉଁଥିରେ ତଦନ୍ତକାରୀ ଅଧିକାରୀ, ଅଭିଯୋଗକାରୀ, ଅନ୍ୟ ପକ୍ଷ ଏବଂ ପ୍ରତ୍ୟକ୍ଷଦର୍ଶୀ ଦସ୍ତଖତ କରିବେ। ଏଥିସହ ଉପଯୁକ୍ତ ସର୍ତ୍ତ ଏବଂ ସିକ୍ୟୁରିଟି ବଣ୍ଡ ମଧ ରଖିବା ପାଇଁ କୁହାଯିବ। ଯଦି କୌଣସି କାରଣରୁ ତୁରନ୍ତ ଟଙ୍କା ରିଲିଜ୍ କରାଯାଇ ପାରୁନାହିଁ ତାହେଲେ ଅର୍ଥନୀତିକୁ ବୃଷ୍ଟିଂ ପାଇଁ ଉକ୍ତ ଜବତ ଟଙ୍କାକୁ ଏକ ଜାତୀୟକରଣ ବ୍ୟାଙ୍କରେ ଜମା କରାଯିବ। ଜବତ ଟଙ୍କାକୁ ଜୁଡିସିଆଲ ହେପାଜତରେ ରଖାଗଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ନାହିଁ ବୋଲି ଲକ୍ଷ୍ମଣ ଶ୍ରୀନିବାସନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଶିବ ଶଙ୍କର ମିଶ୍ର ଏହି ରାୟ ଦେଇଛନ୍ତି। ହାଇକୋର୍ଟ ଜବତ ଟଙ୍କା ରିଲିଜ୍ ପରିପ୍ରେକ୍ଷୀରେ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଜବତ ହେଉଥିବା ଟଙ୍କା ପଡ଼ି ରହିଲେ ଅର୍ଥନୀତିର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଟଙ୍କାର ପ୍ରକୃତ ଅର୍ଥ ହେଉଛି ଏହା ଗୋଟିଏ ହାତରୁ ଅନ୍ୟ ହାତକୁ ଘୂରି ବୁଲିବ। ଯାହାଫଳରେ ବ୍ୟବସାୟ ବୃଦ୍ଧି ସହ ଦେଶର ଅର୍ଥନୀତିରେ ଏହାର ବଡ଼ ଭାଗୀଦାରି ମଧ ରହିବ। ତେଣୁ ଜବତ ହେଉଥିବା ଟଙ୍କା, ସାମଗ୍ରୀ ଯଥା ବ୍ୟାଙ୍କ୍ ଜମା, ସ୍ଥାୟୀ ଜମା (ଫିକ୍ସଡ୍ ଜମା), ଗାଡ଼ି, ସୁନା, ଗହଣା, କୃଷିଜାତ ସାମଗ୍ରୀ ବା ତୁରନ୍ତ ନଷ୍ଟ ହେଉଥିବା ସାମଗ୍ରୀ (ପେରିସେବୁଲ୍ ପ୍ରଡକ୍ଟ), ମୋବାଇଲ, କ୍ୟାମେରା ଆଦି କିପରି ଥାନାରେ ଜମା ନରହି ତୁରନ୍ତ ରିଲିଜ୍ ହେବ ସେନେଇ ହାଇକୋର୍ଟ ଆଦେଶରେ ଉଲ୍ଲେଖ କରିଛନ୍ତି। ଏଥିସହ ହାଇକୋର୍ଟ ନିମ୍ନ ଅଦାଲତ ଏବଂ ତଦନ୍ତକାରୀ ଅଧିକାରୀଙ୍କ ଏକ୍ଷେତ୍ରରେ କି' ଭୂମିକା ରହିଛି ସେନେଇ ମଧ ସ୍ପଷ୍ଟ କରିଛନ୍ତି। ଯଦି ତଦନ୍ତକାରୀ ସଂସ୍ଥା ଦ୍ୱାରା ବ୍ୟାଙ୍କ ଡିପୋଜିଟ୍ କିମ୍ବା ସ୍ଥାୟୀ ଜମା ଜବତ ହୋଇଥାଏ, ତାହାଲେ ଏହାର ରିଲିଜ୍ ପାଇଁ ଅଭିଯୁକ୍ତଙ୍କୁ ସମାନ ପରିମାଣର ବ୍ୟାଙ୍କ ଗ୍ୟାରେଣ୍ଟି ଅର୍ଥ ଦେବାକୁ ପଡ଼ିବ। ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରୋସିଡିଂ ଆରମ୍ଭ ହୋଇଥିଲେ ବ୍ୟାଙ୍କ୍ ଡିପୋଜିଟ୍ ବା ସ୍ଥାୟୀ ଜମା ରିଲିଜ୍ କରାଯାଇପାରିବ ନାହିଁ। କେବଳ ପ୍ରାଧିକୃତ ଅଦାଲତଙ୍କ ଅନୁମତିକ୍ରମେ ଉକ୍ତ ଜମା ରାଶି ରିଲିଜ୍ ହେବ। ପୁଲିସ୍ ଷ୍ଟେସନ୍‌ରେ ଜବତ ଗାଡ଼ି ପଡ଼ି ରହି ନଷ୍ଟ ହେଉଛି। ନିମ୍ନ ଅଦାଲତ ଏବଂ ବିଭାଗୀୟ ଅଧିକାରୀ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ନିହାତି ଆବଶ୍ୟକ। ଗାଡ଼ିର ମାଲିକଙ୍କୁ ଚିହ୍ନଟ କରି ସୁରକ୍ଷା ଜମା ବଦଳରେ ଗାଡ଼ି ଫେରସ୍ତ ଦିଆଯିବ। ଗାଡ଼ିର ମାଲିକାନାକୁ ନେଇ ବିବାଦ ଥିଲେ ବିଚାର ବିଭାଗୀୟ ଅଧିକାରୀମାନେ ଉକ୍ତ ବିବାଦକୁ ତୁଟାଇବା ସହ ଗାଡ଼ି ରିଲିଜ୍ ପାଇଁ ତୁରନ୍ତ ପଦକ୍ଷେପ ନେବେ। କୌଣସି ଗାଡ଼ି ତୁରନ୍ତ ରିଲିଜ୍ ହୋଇପାରୁନଥିଲେ ଏହାକୁ ସୁରକ୍ଷିତ ସ୍ଥାନରେ ରଖିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗାଡ଼ିର ପ୍ରକୃତ ମାଲିକ ଚିହ୍ନଟ ହୋଇପାରୁ ନଥିଲେ କିମ୍ବା କୌଣସି ଗୁରୁତର ମାମଲା ସହ ଜଡ଼ିତ ଥିଲେ ତଦନ୍ତକାରୀ ଅଧିକାରୀ ଗାଡ଼ିର ଫଟୋଗ୍ରାଫ୍ ସହ ସମସ୍ତ ରେକର୍ଡ଼ ରଖି ନିଲାମରେ ଡାକିବେ। ସେହିଭଳି ଜବତ ସୁନା ଆଦି ମୂଲ୍ୟବାନ ସାମଗ୍ରୀ ପୁଲିସ ହେପାଜତରେ ରଖିପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଗୁଡ଼ିକୁ ପୁଲିସ୍ ନିଜ ହେପାଜତ ବଦଳରେ ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାଙ୍କ ଲକରରେ ରଖିବ। ଯଦି ଉକ୍ତ ସୁନା, ଗହଣାର ମାଲିକ ଜଣାଅଛନ୍ତି ତାହେଲେ ସେକ୍ଷେତ୍ରରେ ପ୍ରମାଣ ପାଇଁ ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି କରି ସେହିସବୁ ସାମଗ୍ରୀକୁ ରିଲିଜ୍ କରିବା ଆବଶ୍ୟକ। ଭବିଷ୍ୟତରେ ଯଦି ଟ୍ରାଏଲ୍ ପାଇଁ ସେହିସବୁ ସାମଗ୍ରୀର ଆବଶ୍ୟକତା ପଡ଼େ ତାହେଲେ ଅଭିଯୋଗକାରୀ ଉକ୍ତ ସାମଗ୍ରୀ ପୁନର୍ବାର ଫେରାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବେ। ନିଶା ସାମଗ୍ରୀକୁ ନିଶ୍ଚିତ ଭାବରେ ରିଲିଜ୍ ବା ନଷ୍ଟ କରିବା ଆବଶ୍ୟକ। ତେବେ ଏଥିପାଇଁ କେତେକ ପଦକ୍ଷେପ ନେବାକୁ ପଡ଼ିବ। ଜବତ ନିଶା ସାମଗ୍ରୀର ନମୁନା ସଂଗ୍ରହ କରି ତାହାକୁ ଉପଯୁକ୍ତ ଭାବେ ଜଉମୁଦ କରି ରଖାଯିବ। ବାକି ସାମଗ୍ରୀକୁ ଅଦାଲତଙ୍କ ଅନୁମତିକ୍ରମେ ତୁରନ୍ତ ନଷ୍ଟ ପାଇଁ ପଦକ୍ଷେପ ନିଆଯିବବୋଲି ହାଇକୋର୍ଟ ମତ ଦେଇଛନ୍ତି। ତୁରନ୍ତ ନଷ୍ଟ ହେଉଥିବା ସାମଗ୍ରୀ ଏବଂ କୃଷିଜାତ ସାମଗ୍ରୀ ଯଦି ଜବତ ହୋଇଥାଏ ତାହାକୁ ପ୍ରାଥମିକତା ଭିତ୍ତିରେ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିବା ଆବଶ୍ୟକ। ଯଦି ଉକ୍ତ ସାମଗ୍ରୀର ପ୍ରକୃତ ମାଲିକ ନଥାନ୍ତି, ତାହେଲେ ସରକାରୀ ଏଜେନ୍ସି ଉକ୍ତ ସାମଗ୍ରୀକୁ ତୁରନ୍ତ ନିଲାମ କରିବ। ଯଦି ଆଇନଗତ ପ୍ରୋସିଡିଂର ଆବଶ୍ୟକତା ଥାଏ ସେକ୍ଷେତ୍ରରେ ନମୁନା (ସାମ୍ପୁଲ) ରଖି ବାକି ସାମଗ୍ରୀକୁ ପ୍ରଦାନ କରିବା ଉଚିତ୍। ବିସ୍ଫୋରକ ସାମଗ୍ରୀକୁ ଥାନାରେ ନରଖି ତୁରନ୍ତ ସେସବୁକୁ ସ୍ୱତନ୍ତ୍ର ସ୍ଥାନରେ ରଖିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଯଦି ଏହିଭଳି ବିସ୍ଫୋରକ ସାମଗ୍ରୀର କେହି ଆଇନଗତ ମାଲିକାନା ଥାଆନ୍ତି ତାହେଲେ ଉକ୍ତ ସାମଗ୍ରୀର ଯାଞ୍ଚ ପରେ ତାଙ୍କୁ ଫେରସ୍ତ ପାଇଁ ପଦକ୍ଷେପ ନିଆଯାଇ ପାରିବ। ଏହା କୌଣସି ଗୁରୁତର ଅପରାଧିକ କାର୍ଯ୍ୟରେ ଜଡ଼ିତ ଥାଏ ସେକ୍ଷେତ୍ରରେ ଉକ୍ତ ସାମଗ୍ରୀକୁ ତୁରନ୍ତ ନଷ୍ଟ କରାଯିବ ନଚେତ୍ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ପାଇଁ ପଦକ୍ଷେପ ନିଆଯିବ। ଜବତ କ୍ୟାମେରା, ଲାପଟପ, ମୋବାଇଲ୍ ଫୋନ୍ ଆଦି ଡାଟା ହେରଫେର ପୂର୍ବରୁ ସେସବୁର ଡକୁମେଣ୍ଟ ରଖାଯାଇ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବା ଆବଶ୍ୟକ। ତେବେ ମାଜିଷ୍ଟ୍ରେଟ୍ ଏବଂ ତଦନ୍ତକାରୀ ଅଧିକାରୀ ଏହିଭଳି ସାମଗ୍ରୀ ଯେପରି ତୁରନ୍ତ ରିଲିଜ୍ ହୋଇପାରିବ ସେଦିଗରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବାକୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି । ଏହି ରାୟର ନକଲ ପ୍ରତ୍ୟେକ ଜିଲାକୋର୍ଟ, ସ୍ୱତନ୍ତ୍ର କୋର୍ଟ, ନିମ୍ନ ଅଦାଲତ, ପୁଲିସ ଡିଜି, ଅନ୍ୟ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି, ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟ, ଅବକାରୀ ବିଭାଗ, ଜଙ୍ଗଲ ବିଭାଗ ଏବଂ ଅନ୍ୟ ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବାକୁ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଶାଗ ତୋଳିବାବେଳେ ବିଦ୍ୟୁତ ଆଘାତ, ମହିଳାଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୧୬/୪: ଗାଁ ନିକଟ ଚାଷ ଜମିରେ ଶାଗ ତୋଳିବାବେଳେ ୧୩୨ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଥାନା ବାତେଲିମା ପଞ୍ଚାୟତ ବେଲମ୍ବା ଗାଁର ଫୁଲ ମାଝୀ(୩୫)। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ସେ ଗାଁ ପାଖ ଚାଷ ଜମିରେ ଥିବା ବରଡ଼ା ଗଛରୁ ଶାଗ ତୋଳିବାକୁ ଯାଇଥିଲେ। ଉକ୍ତ ଗଛ ନିକଟ ଦେଇ ସିନ୍ଧିବହାଲିକୁ ୧୩୨ କେଭି ବିଦ୍ୟୁତ ତାର ଯାଇଥିବାବେଳେ ଗତକାଲି ଝଡ଼ ତୋଫାନ ଯୋଗୁ ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଝୁଲିପଡ଼ି ଗଛରେ ଲାଖି ରହିଥିଲା। ଫୁଲ ଶାଗ ତୋଳିବା ସମୟରେ ବିଦ୍ୟୁତ ତାରକୁ ଦେଖି ପାରି ନ ଥିଲେ। ବିଦ୍ୟୁତ ତାରରୁ ଗଛରେ ପ୍ରବାହିତ ବିଦ୍ୟୁତ ଯୋଗୁ ଘଟଣାସ୍ଥଳରେ ହିଁ ତାଙ୍କ ଶରୀର ପୋଡ଼ିଯିବା ସହିତ ସେଠାରେ ମୃତ୍ୟୁ ଘଟିଥିଲା। ଖବର ପାଇ ବାତେଲିମା ସରପଞ୍ଚ କରୁଣା ମାଝୀଙ୍କ ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ସୂଚନାଯୋଗ୍ୟ, ରାୟଗଡା ଜିଲ୍ଲା ଥେରୁବାଲି ଗ୍ରୀଡ଼ରୁ ସିନ୍ଧିବାହାଲିକୁ ୧୩୨ କେଭି ବିଦ୍ୟୁତ ଯୋଗାଣ ହେଉଥିବାବେଳେ ବର୍ଷ ବର୍ଷ ଧରି ଏହାର ପରିଚାଳନାରେ ଘୋର ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଫଳରେ କେତେକ ସ୍ଥାନରେ ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ବିପଦସଂକୁଳ ଅବସ୍ଥାରେ ଓହଳି ରହିଛି। ଫୁଲଙ୍କର ତିନିପୁଅ ଓ ଗୋଟିଏ ଝିଅ ଅଛନ୍ତି। ବର୍ଷକ ତଳେ ଫୁଲଙ୍କ ସ୍ୱାମୀ ବାସୁ ମାଝୀଙ୍କ ମୃତ୍ୟୁ ଘଟିଥିବାବେଳେ ତିନୋଟି ପୁଅ ଓ ଝିଅଙ୍କୁ ନେଇ ବଡ଼ ଦୁଃଖ କଷ୍ଟରେ ଚଳୁଥିଲେ ଫୁଲ। ତାଙ୍କ ମୃତ୍ୟୁ ପରେ ଏବେ କୁନି ପୁଅ-ଝିଅ ସଂପୂର୍ଣ୍ଣ ବେସାହାରା ହୋଇ ପଡିଥିବାବେଳେ ସେମାନଙ୍କୁ କ୍ଷତିପୂରଣ ସହିତ ଉପଯୁକ୍ତ ଥଇଥାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ପାଇପଲାଇନ ଯୋଗେ ଲୁହାପଥର ପରିବହନକୁ ଟ୍ରକ ମାଲିକଙ୍କ ବିରୋଧ

କେନ୍ଦୁଝରଗଡ,୧୬/୪: ଖଣିଜ ସମ୍ପଦରେ ଭରପୁର ଏହି ଜିଲାକୁ ଉତ୍ତୋଳିତ ଖଣିଜ ସମ୍ପଦକୁ ଟ୍ରକ ଯୋଗେ ପରିବହନ କରି ଜିଲାର ଶିକ୍ଷିତ ବେକାର ଯୁବକ ଯୁବତୀ ରୋଜଗାରକ୍ଷମ ହୋଇ ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଟ୍ରକ ବ୍ୟବସାୟ ଜିଲାର ଅର୍ଥନୀତିକୁ ବିଶେଷ ପ୍ରଭାବିତ କରି ଆସୁଥିବା ବେଳେ ବିଗତ କିଛି ବର୍ଷ ଧରି ପାଇପଲାଇନ ଯୋଗେ ଖଣିଜ ସମ୍ପଦ ପରିବହନ ଯୋଗୁଁ ପରିବହନ ସମସ୍ୟା ବାଧାପ୍ରାପ୍ତ ହେବାସହ ଟ୍ରକ ମାଲିକ ବହୁ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ପାଇପଲାଇନ ଯୋଗେ ଖଣିଜସମ୍ପଦକୁ ବିରୋଧ କରି ଜିଲାର ବିଭିନ୍ନ ଟ୍ରକ ମାଲତକ ସଂଘ ପକ୍ଷରୁ ବହୁବାର ଆନ୍ଦୋଳନ ଓ ବିରୋଧ କରିଆସୁଛନ୍ତି ?। ପାଇପଲାଇନ ଯୋଗେ ଖଣିଜସମ୍ପଦ ପରିବହନ ଯୋଗୁଁ ନିର୍ଦ୍ଦିଷ୍ଟ କେତେକ ଶିଳ୍ପସଂସ୍ଥାର ମାଲିକ ବେଶ୍ ଲାଭବାନ ହୋଇଆସୁଥିବା ବେଳେ ଜିଲାର ଟ୍ରକମାଲିକ ପରିବହନରୁ ବଞ୍ଚିତ ହୋଇ ଆର୍ଥିକ ବୋଝ ସହିନପାରି ଆତ୍ମହତ୍ୟା କରିବା ଭଳି ଘଟଣା ଅନେକ ସମୟରେ ଘଟି ଆସିଛି ?। ଏଭଳିସ୍ଥିତିରେ ଟ୍ରକ ମାଲିକଙ୍କ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଜିଲାରେ ନିର୍ମାଣାଧିନ ପାଇପଲାଇନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରି ଟ୍ରକ ମାଲିକଙ୍କୁ ନ୍ୟାୟ ପ୍ରଦାନ ସହ ପରିହବନ ବ୍ୟବସ୍ଥାରେ ସୁଧାର ଆଣିବା ଦାବିରେ ବୁଧବାର କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ କୋର କମିଟି ଆବାହକ ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଜିଲ୍ଲା ଆରକ୍ଷୀଙ୍କ ଆଦେଶକୁ ଅବମାନନା

## ବିଭାଗୀୟ ଚିଠିର ଧଜିଆ ଉଡାଇଲେ ହୋମଗାର୍ଡ

ପଟ୍ଟାମୁଣ୍ଡାଇ **୧୬/୪ (ନି.ପ୍ର):** କେନ୍ଦ୍ରାପଡା ପୋଲିସ ବିଭାଗ ର ପାରିବା ପଣିଆ ଉପରେ ଏବେ ବଡ ପ୍ରଶ୍ନବାଚୀ । ଗତ ୧୧ ମାର୍ଚ୍ଚ ରୁ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଚିଠି ନଂ ୧୨୪ ତାରିଖ୧୧/୦୩/୨୦୨୫ ରେ ୬ ଜଣ ହୋମଗାର୍ଡ ଙ୍କ ବଦଳି ଆଦେଶ କରିଲେ । ଆଜକୁ ମାସେ ପୁରିବାକୁ ବସିଲାଣି ହେଲେ ଏଯାବତ ଜଣ ଙ୍କୁ ଛାଡିଲେ ଆହୁରି ୫ ଜଣ ଆରକ୍ଷୀ ଙ୍କ କଥା ନଶୁଣି ନିଜ ପୂର୍ବ ଜାଗା ରେ ଗାଦି ସମ୍ଭାଳୁଛନ୍ତି । କିଏ ନେତାଙ୍କ ଶରଣ ପଶୁଛି ତ କିଏ ବିଭାଗର ବଡ଼ ଅଧିକାରୀ ଙ୍କୁ ଧରୁଛନ୍ତି । ସୂଚନା ଅନୁଯାୟୀ HG/157 ମନୋଜ ଲେଙ୍କା ପାଟକୁରା ଥାନା ରୁ ପଟ୍ଟାମୁଣ୍ଡାଇ ,HG/188 ଅମର ମଳିକ ମହାକାଳପଡ଼ା ଥାନା ରୁ ରାଜନଗର , HG/198ପ୍ରମୋଦ କୁମାର ସେଠୀ ମହାକାଳପଡ଼ା ଥାନା ରୁ କୁଦନଗରୀ ,HG/211 ଶିବୁ ମାଝୀ ଜମ୍ବୁ ମେରାଇନ ରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ,HG/245 ଚନ୍ଦନ ଗିରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ରୁ ନିକିରାଇ ଓ HG /137 ରିଜର୍ଭ ରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା କୁ ବଦଳି କରାଯାଇଛି । ହେଲେ ସୂଚନା ଅନୁଯାୟୀ ଜଣେ ମାତ୍ର ହୋମଗାର୍ଡ ମନୋଜ ଲେଙ୍କା ପାଟକୁରା ରୁ ରିଲିଭ ହୋଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ରେ ଯୋଗ ଦେଇଥିବା ବେଳେ ଆହୁରି ୫ ଜଣ ହୋମଗାର୍ଡ ଏଯାବତ ନିଜ ପୁରୁଣା ଥାନା ଛାଡୁନାହାନ୍ତି କାରଣ କଣ ତାହା ସମସ୍ତଙ୍କୁ ଜଣା । କିନ୍ତୁ ନିଜ ନିଜ ସ୍ଥାନରେ ରହିବା ପାଇଁ ପୁରା ଜୋରଦାର ପ୍ରୟାସ ଜାରି ରଖିଛନ୍ତି କିଏ ନେତା ଙ୍କ ପାଖରେ ଶରଣ ପଶୁଛି ତ ଆଉ କିଏ ଅଫିଷର ନିକଟରେ ଏପଟେ କିଛି ଥାନା ର ଅଧିକାରୀ ମଧ ନିଜ ହୋମଗାର୍ଡ ଙ୍କୁ ଛାଡିବାକୁ ନାରାଜ । କାରଣ ତ ଅନେକ ରହିଛି ତେବେ ଯଦି ଏଭଳି ପରିସ୍ଥିତି ସୃଷ୍ଟି ହୁଏ ତେବେ ଆଗାମୀ ଦିନରେ ଜିଲ୍ଲା ଆରକ୍ଷୀ ଙ୍କ ପାରିବା ପଣିଆ ଉପରେ ଲୋକେ ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ କଥା । ଜିଲ୍ଲା ଆରକ୍ଷୀ ୬ ଜଣ ହୋମଗାର୍ଡ ଙ୍କ ବଦଳି କରିଲେ ତନ୍ମଧ୍ୟରୁ ଜଣେ ମାତ୍ର ଆରକ୍ଷୀ ଙ୍କ ଆଦେଶ କୁ ମାନି ପୁରୁଣା ଥାନା ଛାଡି ନୂଆ ଥାନା ରେ ଯୋଗଦେଇଥିବା ବେଳେ ଆଉ ୫ ଜଣ କାହିଁକି ଜିଲା ଆରକ୍ଷୀ ଙ୍କ ନିୟମ କୁ ବେଖାତିର କରୁଛନ୍ତି ତାହା ମଧ ସନ୍ଦେହ ଘେରରେ । ରାଜନୈତିକ ଚାପ ପକାଇବା ସହ କଳ ବଳ ସବୁ ଲଗାଇବାକୁ ଚେଷ୍ଟା କରୁଛନ୍ତି । ତେବେ ଏଦିଗରେ ଜିଲା ଆରକ୍ଷୀ କାହିଁକି ଚୁପ ତାହା ସାଧାରଣ ରେ ଆଲୋଚନା ହେଉଛି ।

# କଲ୍ୟାଣ ସିଂହପୁରରେ ଚୈତ୍ରଘଣ୍ଟ ପର୍ବ ବନ୍ଦକୁ ଜନସାଧାରଣ ଅସନ୍ତୋଷ, ପୂଜାପାଉଛନ୍ତି ଗଛ ତଳେ



କଲ୍ୟାଣସିଂହପୁର-**୧୬/୪ (ନି.ପ୍ର):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପୂର୍ବରୁ ରଜାରାଜୁତି ସମୟରୁ ପାଳିତ ହୋଇ ଆସୁଥିବା ଚୈତ୍ର ଘଣ୍ଟ ପର୍ବ ବନ୍ଦ ହୋଇଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି । ଗ୍ରାମର ଭଦ୍ର ବ୍ୟକ୍ତି, ନେତା,ଯୁବ ସମାଜ ,ଜନପ୍ରତିନିଧି ମାନେ ଅଞ୍ଚଳରେ ଗଣେଷ ପୂଜା, ଦଶହରା ପୂଜା, ଗଜଲକ୍ଷ୍ମୀ ପୂଜା, ବିଶ୍ୱକର୍ମା ପୂଜା, ଧନଲକ୍ଷ୍ମୀ ପୂଜା ଓ ଦେବଗିରି ମହାଶିବ ରାତ୍ରି ଜାଗର ଯାତ୍ରା କରିବାପାଇଁ ଆଗଭର ହେଉଥିବା ବେଳେ ରଜା ରାଜୁତି ସମୟରୁ ପାଳିତ ହେଉଥିବା ଚୈତ୍ର ଘଣ୍ଟ, ଜ୍ୟେଷ୍ଠଘଣ୍ଟ ,ଝାମିଯାତ୍ରା ବା ନିଆଁମଡ଼ା କୁ ବନ୍ଦ କରି ଦେଉଥିବା ଦେଖିବାକୁ ମିଳିଛି । ଏହି ପୂଜାପାଳନ କଲେ ଗ୍ରାମର ମଙ୍ଗଳ, ଭଲ ବର୍ଷା, ଭଲ ଅମଳ ହୋଇଥାଏ ବୋଲି ପୂର୍ବ ପୁରୁଷରୁ ବିଶ୍ୱାସ ରହିଛି । ଏହି ତିନୋଟି ପୂଜାକୁ ଛାଡି ଅନ୍ୟ ପୂଜା ଉପରେ ଗ୍ରାମର ଲୋକମାନେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି । ଉକ୍ତ ଚୈତ୍ରଘଣ୍ଟ ୯ଦିନ ଧରି ବ୍ଲକର ୧୪ଟି ପଞ୍ଚାୟତ ର ପ୍ରତ୍ୟେକ ଗ୍ରାମରେ ଦିନରେ ଦେବୀଙ୍କ ଘଣ୍ଟ ପହଞ୍ଚିଲେ । ଗ୍ରାମବାସୀ ମାନେ ଘଣ୍ଟକୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଆମ୍ବ, କାନ୍ଦୁଲ, ମହୁଲ, ଝଟା ବା ଶିମ୍ବ, ଚାହଁର ଇତ୍ୟାଦି ନୂଆଁ ଖାଇଥାନ୍ତି ହେଲେ ଆଜି କଲ୍ୟାଣ ସିଂହପୁର ଠାରୁ କାତାଗୁଡା ଦେଇ ହତିମୁଣ୍ଡା, ସିଙ୍ଗାରି ଗ୍ରାମକୁ ରାଜାରାଜୁତି କାଳରୁ ଚୈତ୍ରଘଣ୍ଟ ଭଗରାଗ ଖାଇ ଗ୍ରାମବାସୀ ଙ୍କୁ ଆଶୀର୍ବାଦ ଦେଇ ଯାଇଥାଏ ଯାହା ଫଳରେ ଗ୍ରାମବାସୀ ଓ ଗାଁ କୁ ଶାନ୍ତି ଦେଇଥାଏ ଓ ଅମଳ ଫସଲ ବି ଭଲ ହୋଇଥାଏ ବୋଲି ଜଣାଯାଏ। ଏହି ଚୈତ୍ରଘଣ୍ଟ ବନ୍ଦ କରାଯାଇଥିବାରୁ ଆଜି ପ୍ରତ୍ୟେକ ବର୍ଷ ଭଳି ରୀତିନୀତି ଅନୁଯାୟ ସେ ମାଁଙ୍କୁ ସ୍ମରଣ କରି ନଡ଼ିଆ କଦଳୀ ଧୂପ ଦ୍ୱୀପ ମୁହାଁ ବେଲପତ୍ର, ରକ୍ତବଳୀ ଦେଇ ଗ୍ରାମର ସମସ୍ତ ଲୋକଙ୍କ ମିଳିତରେ ଛକରେ ଥିବା କଦମ୍ବ ଗଛ ମୂଳେ ଚୈତ୍ରଘଣ୍ଟ ଦେବୀଙ୍କୁ ଭଗରାଗ ଦେଇ ମନରେ ଭାବିଥିବା ମନସ୍କାମନା ପ୍ରାପ୍ତି କରିଛନ୍ତି । ଏହି ବର୍ଷ ବର୍ତ୍ତମାନ ବ୍ଲକରେ ଘଣ୍ଟ ଯାତ୍ରା କରାଯାଉ ନ ଥିବାରୁ ପ୍ରତ୍ୟେକ ପଞ୍ଚାୟତର ଲୋକମାନେ ବିଚଳିତ ହୋଇପଡିଛନ୍ତି । ଏହି ଘଣ୍ଟ ଯାତ୍ରା କେଉଁ କାରଣରୁ ବନ୍ଦ ହୋଇଛି ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ଏହାକୁ ଦେବତ୍ତର ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ବ୍ଲକର ବିଭିନ୍ନ ଗ୍ରାମର ଲୋକମାନେ ପୂଜା ବାବଦରେ ଛେଳି ମେଣ୍ଢା କିଣି ରଖିଥିବା ବେଳେ ଘଣ୍ଟ ପର୍ବ ବନ୍ଦ ହୋଇଛି ବୋଲି ଶୁଣିବା ପରେ ଅଞ୍ଚଳର ଲୋକମାନେ କାହିଁକି ବନ୍ଦ ହେଲା ବୋଲି ଭୟଭୀତ ହେଉଥିବା ଶୁଣିବାକୁ ମିଳିଛି ।

# ମନରେଗା କାର୍ଯ୍ୟରେ ମେସିନ କରୁଛି କାମ



କନ୍ଧମାଳ **୧୬/୪ (ନି.ପ୍ର):** ସରକାର ଗରିବ ଲୋକକୁ କାମ ଯୋଗାଇ ଦେବା ଲକ୍ଷ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନା ମଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଶ୍ରମିକ ବଦଳରେ ଜେସିବି ମେସିନରେ କାମ କରାଯାଉଛି । ଅନ୍ୟପଟେ ଗରିବ ପରିବାର କାମ ନପାଇ ଦାଦନ ଖଟି ଯିବାପାଇଁ ବାଧ ହେଉଛନ୍ତି । ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି କ୍ଷ ସୂଚନା ପ୍ରକାରେ ଘଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ରେକଡୋଲ ଗ୍ରାମରେ ଜେସିବି ମେସିନ ଓ ଟ୍ରାକ୍ଟର ସାହାଯ୍ୟରେ ପୋଖରୀରୁ ମାଟିଉଠା ଯାଉଛି । ପୋଖରୀ ହିଡରେ ମାଟି ପକାଇବାର ନୀୟମ ରହିଥିବା ବେଳେ କିନ୍ତୁ ରାସ୍ତା ଏବଂ ଏକ ପଡିଆରେ ପକାଯାଉଛି । ମନରେଗା ଯୋଜନାରେ ଶ୍ରମିକଙ୍କୁ ନିୟୋଜିତ ନକରି ମେସିନରେ କାମ ହେଉଥିବାରୁ ଶ୍ରମଜୀବୀ ମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୋଖରୀରେ ମାଟି କାମ ହେଉଥିବା ବେଳେ କାର୍ଯ୍ୟ ବିଷୟରେ ସୂଚନା ଫଳକ ଲଗାଯାଇ ନାହିଁ । ସେହିପରି ପୋଖରୀ ମାଟି ଆଣି ପକାଉଥିବା ରାସ୍ତା ଓ ପଡିଆରେ ମଧ କୌଣସି ସୂଚନା ଫଳକ ଲଗାଯାଇ ନାହିଁ । କାର୍ଯ୍ୟ ବିଷୟରେ ଜାଣିବା ପାଇଁ ଗ୍ରାମ ରୋଜଗାର ସେବକଙ୍କୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ନାହିଁ । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ ପ୍ରତିକ୍ରିୟା ଦେବାକୁ ରୋକଠୋକ ମନା କରିଥିଲେ ।

# ଗ୍ରାମୀଣ ମହୋତ୍ସବରେ ଯୋଗ ଦେଲେ ସାଧୁସନ୍ଥ , ସାହିତ୍ୟିକ ଏବଂ ଚିକିତ୍ସକ



ନିଆଳୀ **୧୬/୪ (ନି.ପ୍ର):** ନିଆଳୀ ତଥା ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ର ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଗ୍ରାମୀଣ ମହୋତ୍ସବ ରେ ଉଦଘାଟକ ମୁଖ୍ୟ ଅତିଥି ଭାବେ ନାଇଜର କୂଳ ସଚିବ ପ୍ରଫେସର ଡ଼ ଅଭୟ କୁମାର ନାୟକ, ମୁଖ୍ୟବକ୍ତା ରୂପେ ଏସ ଭି ନିରତାରର ନିର୍ଦ୍ଦେଶକ ପ୍ରଫେସର ଡ଼ ପତିତପାବନ ମହାନ୍ତି, ସମ୍ମାନିତ ଅତିଥି ରୂପେ ଓଡିଶା ଯୁଗ୍ମ ଶାସନ ସଚିବ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ, ସୁସାହିତ୍ୟିକ ଉମାକାନ୍ତ ନାୟକ, ସୁସାହିତ୍ୟିକ ପୂର୍ଣ୍ଣ ମଲ୍ଲିକ ପ୍ରମୁଖଯୋଗ ଦେଇଥିବା ବେଳେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ତଥା ଏଡ଼ ଇଣ୍ଡିଆ ଓଡିଶା ଶାଖା ର ମୁଖ୍ୟ ପ୍ରଫେସର ଡ଼ ଧନଦାକାନ୍ତ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ ସ୍ୱାମୀ ଚେତନା ନନ୍ଦ ସରସ୍ୱତୀଙ୍କ ସ୍ମୃତି ଉଦେଶ୍ୟରେ ରେ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ଜ୍ଞାନ ଜ୍ୟୋତି ସମ୍ମାନ ଅବଧୂତ ବାବା ଆଦିତ୍ୟ ଚରଣ ଦାଶ ମହାରାଜ, ବାବା ପର୍ଶୁରାମ ଦାଶ ମହାରାଜ, ବାବା ମହନ୍ତ ରାଧାଚରଣ ଦାଶ ମହାରାଜ, ପଣ୍ଡିତ ଅମୁଲ୍ୟ କୁମାର ମିଶ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ଙ୍କୁ ସମ୍ମାନିତ କରାଯାଇଥିଲା ସେଇପରି ମୁଖ୍ୟ ଅତିଥି ପ୍ରଫେସର ଡ଼ ନାୟକ, ଡ଼ ସାମନ୍ତରାୟ ଶ୍ରୀ ମଲ୍ଲିକ, ଶ୍ରୀ ନାୟକ ଙ୍କୁ ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ମୁଖ୍ୟ ବକ୍ତା ପ୍ରଫେସର ଡ଼ ମହାନ୍ତି ଙ୍କୁ ଜ୍ଞାନଦୀପ ତ୍ରିଲୋଚନ କାନନୁଗୋ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା ଏହି ମଞ୍ଚରେ ଅନୁଷ୍ଠାନର ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ସଭାପତି ପ୍ରସନ୍ନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ମଣିଷ ଜୀବନ ରେ ଜ୍ଞାନ ପ୍ରାପ୍ତି ପାଇଁ ସବୁବେଳେ ପ୍ରୟାସ କରିବା ଦରକାର, ସେଇପରି ଗାନ୍ଧୀ ଦର୍ଶନ ବିନା ବିଶ୍ୱ ରେ ଶାନ୍ତି ବଜାଇ ରହି ପାରିବ ନାହିଁ ତେଣୁ ସମସ୍ତେ ଗାନ୍ଧୀ ବିଚାରକୁ ଅନୁସରଣ କରିବା ଦରକାର ବୋଲି ଅନୁଷ୍ଠାନ ର ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡ଼ ମିଶ୍ର ପ୍ରକାଶ କରିଥିଲେ ଏହି ସଭାକୁ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଅଧକ୍ଷ ସନ୍ତୋଷ କୁମାର ମାଝୀ ପରିଚାଳନା କରିଥିଲେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ଦ୍ୱିଜବର ମହାପାତ୍ର, ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ପରିଚାଳନା କରିଥିଲେ ।

# ପାନପୋଷରୁ ଆରଜିଏଚକୁ ସ୍ଥାନାନ୍ତରିତ ହେବ ଶବ ବ୍ୟବଚ୍ଛେଦ ଗୃହ: ଆରଏମସି କମିଶନର



ବଣାଇ, **୧୬/୪ (ନି.ପ୍ର):** ପାନପୋଷ ଅଞ୍ଚଳରେ ଥିବା ଶବ ବ୍ୟବଚ୍ଛେଦ ଗୃହକୁ ଖୁବ୍ ଶୀଘ୍ର ରାଉରକେଲା ସରକାରୀ ଚିକିତ୍ସାଳୟ ପରିସରରେ ଥିବା ଶବାଗାର ନିକଟକୁ ସ୍ଥାନାନ୍ତରିତ କରାଯିବ। ରାଜ୍ୟ ସରକାର ଓ ରାଉରକେଲା ମହାନଗର ନିଗମ ତରଫରୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି। ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି ଯେ, ଦୁର୍ଘଟଣା ଜନିତ ମୃତ୍ୟୁ କିମ୍ବା କୌଣସି ଅପ୍ରତ୍ୟାଶିତ ମୃତ୍ୟୁ ପରେ ଏହାର କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ ଦରକାର ହେଉଥିବା ବେଳେ ବ୍ରିଟିଶ ଅମଳରେ ରାଉରକେଲା ସହର ପ୍ରତିଷ୍ଠାର ହୋଇ ନଥିବାରୁ ପାନପୋଷ ଉପଖଣ୍ଡ ନିମନ୍ତେ ସେହି ପାନପୋଷ ଚିକିତ୍ସାଳୟ ଅଞ୍ଚଳରେ ହିଁ ଶବ ବ୍ୟବଚ୍ଛେଦ ଗୃହ ତିଆରି କରାଯାଇଥିଲା। ପରେ ରାଉରକେଲା ସହର ତିଆରି ହେବା ପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ଜିଲ୍ଲା ସ୍ତରୀୟ ଚିକିତ୍ସାଳୟ ଭଳି ସୁବିଧା ଉପଲବ୍ଧ ଥାଇ ରାଉରକେଲା ସରକାରୀ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ରାଉରକେଲା ସରକାରୀ ଡାକ୍ତରଖାନାରେ କୌଣସି ଶବ ବ୍ୟବଚ୍ଛେଦ ଗୃହ ନଥିବାରୁ ପାନପୋଷ ଠାରେ ହିଁ ଶବ ବ୍ୟବଚ୍ଛେଦ କରାଯାଉଥିଲା। ଯାହା ଫଳରେ ଡାକ୍ତର ବ୍ୟକ୍ତିକୁ ମୃତ ଘୋଷଣା କରିବା ପରେ ତା'ର ଶବକୁ ଆମ୍ବୁଲାନ୍ସରେ ନେଇ ରାଉରକେଲା ସରକାରୀ ଡାକ୍ତରଖାନାରୁ ପାନପୋଷ ଠାରେ ଥିବା ଶବ ବ୍ୟବଚ୍ଛେଦ ଗୃହକୁ ନେବା ଆଉ ପୁଣି ଥରେ ସେଠାରୁ ରାଉରକେଲା ଡାକ୍ତରଖାନାକୁ ଆଣିବା, ଏହିପରି ଭାବେ ନେବା ଆଣିବା ବହୁତ ସମୟସାପେକ୍ଷ ଥିବା ବେଳେ ଏଥିପାଇଁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପୁଲିସ ପ୍ରଶାସନ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିସହ ଶବ ବ୍ୟବଚ୍ଛେଦ ଗୃହକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାର ଅଭିଯୋଗ ଆଣିବା ସହ ଏହାର ସ୍ଥାନାନ୍ତରଣ ପାଇଁ ଦାବୀ କରୁଥିଲେ। ସେଥିପାଇଁ କିଛି ଦଶକ ଧରି ଏହି ଶବ ବ୍ୟବଚ୍ଛେଦ ଗୃହର ସ୍ଥାନାନ୍ତରଣ ପାଇଁ ଅଞ୍ଚଳବାସୀ ଯେଉଁ ଦାବୀ କରୁଥିଲେ ତାହାର ସମାଧାନ ଖୁବ୍ ଶୀଘ୍ର ହୋଇଯିବ। ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ଥିବା ଶବ ଗୃହ ନିକଟରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଚାଲିଛି ବୋଲି କମିଶନର କହିଥିଲେ। ରାଉରକେଲା ମହାନଗର ନିଗମ ତରଫରୁ ଏହି ଗୃହର ନିର୍ମାଣ କରାଯାଉଥିବା ବେଳେ ଏଥିପାଇଁ ଆବଶ୍ୟକ ସରଞ୍ଜାମ ନିମନ୍ତେ ଆରଏମସି ଆର୍ଥିକ ସହାୟତା ଯୋଗାଇ ଦେବ ବୋଲି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୂଚନା ଦେଇଛନ୍ତି।

# ଜାମପାଲିସ୍ଥିତ ଓଆଇଏସଲ ପ୍ଲାଣ୍ଟକୁ ଅନୈତିକ ଭାବରେ ପାଣି ନେବାକୁ ଗ୍ରାମବାସୀଙ୍କ ବିରୋଧ



ବଣାଇ **୧୬/୪ (ନି.ପ୍ର):** ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ଜାମପାଳି ସ୍ଥିତ ଓସିଏଲ ଆଇରନ ଏଣ୍ଡ ସ୍ପଞ୍ଜ କାରଖାନା ନିଜ ଫ୍ୟାକ୍ଟ୍ରି ନିମନ୍ତେ ପାଣି ଅନୈତିକ ଭାବେ ଝାରବେଡା ଗ୍ରାମ ନିକଟରେ ବନ୍ଦ ପଡି ହୋଇ ରହିଥିବା ଟାଟା ଖଣି ରେ ଗଚ୍ଛିତ ପାଣିକୁ ପାଇପ ଦ୍ୱାରା ନିଜ ଫ୍ୟାକ୍ଟ୍ରି କାର୍ଯ୍ୟ ପାଇ ବିନା ଗ୍ରାମ ସଭା ଅନୁମୋଦନ ରେ ନେଇ କାର୍ଯ୍ୟ ସମ୍ପାଦନ କରୁଥିବା, ବେଳେ ଆଜି ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଏହାକୁ ବିରୋଧ କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ ଜାମପାଲି ସ୍ଥିତ ଓଆଇ ଏସଏଲ କମ୍ପାନୀ ନିଜ ଫ୍ୟାକ୍ଟ୍ରି କାର୍ଯ୍ୟ ପାଇ ଗାଁ ରୁ ପାଣି ବିନା ଗ୍ରାମସଭାର ଅନୁମତି ରେ ବ୍ୟବହାର କରୁଛନ୍ତି। ଏବେ ମାର୍ଚ୍ଚ ମାସରେ ପ୍ରବଳ ଖରା ହୋଉଥିବାରୁ ଗାଁ ର ସମସ୍ତ କୂଅ ,ପୋଖରୀ ରେ ଜଳ ସଙ୍କଟ ଦେଖା ଯାଉଛି, ଆଗାମୀ ଦିନରେ ପ୍ରବଳ ଖରା ଓ ତାତି ଅନୁଭବ ହେବ ସେତେ ବେଳେ ଗାଁ ରେ ପାଣି ର ଘୋର ଅଭାବ ସଙ୍କଟ ହେବ। ଗ୍ରାମବାସୀ ଏହି ଗଚ୍ଛିତ ଜଳାଶୟ ଉପରେ ନିର୍ଭରଶୀଳ ଏହାକୁ ମଧ କମ୍ପାନୀ ଅନୈତିକ ଭାବରେ ବ୍ୟବହାର କରୁଥିବାରୁ ତୀବ୍ର ବିରୋଧ ଗ୍ରାମବାସୀ କରିଥିଲେ,ଏବଂ ଜିଲ୍ଲା ପ୍ରଶାସନ କୁ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ, ଏବଂ ଚେତାଇ ମଧ ଦେଇଥିଲେ, ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଧାନ ନ କରଯାଏ, ଆଗାମୀ ଦିନରେ ତୀବ୍ରତର ଆନ୍ଦୋଳନ କରାଯିବ ।

# ରାଜ ରାସ୍ତାରେ ୮ ଟିକିଆ ହାତୀ, ବହୁ ପରିଶ୍ରମ କରି ଘଞ୍ଚ ଜଙ୍ଗଲକୁ ପାର କଲେ ବନବିଭାଗ



ବଣାଇ,**୧୬/୪ (ନି.ପ୍ର):** କିଛି ଦିନ ବ୍ୟବଧାନ ରେ ପୁଣି ଦେଖା ଦେଇଛି ହାତୀ ପଲ। ଜଙ୍ଗଲରେ ନିଆଁ ଲାଗି ଥିବା ଯୋଗୁ ଏହି ହାତୀଙ୍କ ଦେଖା ନଥିଲା, ଏବେ ବର୍ଷା ହୋଇ ଥିବା ରୁ ହାତୀ ପୁଣି ଗାଁ ମୁହାଁ ହୋଇ ଛନ୍ତି, ଗତ କାଲି ବିଳମ୍ବିତ ରାତିରେ ରାଜ ରାସ୍ତାରେ ୮ ଟିକିଆ ହାତୀପଲ ଙ୍କୁ ଦେଖି ବାକୁ ମିଳିଛି, ଏହି ହାତୀ ପଲ ତକ୍ଷମଡା ରେଞ୍ଜର ତକ୍ଷମଡା ସେକ୍ସନ ଅଂଚଳର ଢ଼ିଙ୍କିଅକ୍ଷମ ଦେଇ ବ୍ରାହ୍ମଣୀ ନଦୀ ଦେଇ ରାଉରକେଲା ଡିଭିଜନର ବାଙ୍କୀ ରେଞ୍ଜର ବୀର ତୋଳା ନିକଟ ଜାତୀୟ ରାଜ ପଥରେ ଏହି ୮ ଟିକିଆ ହାତୀ ପଲଙ୍କୁ ଦେଖି ଗାଡି ଚଳା ଚଳ ବନ୍ଦ ହୋଇ ଯାଇ ଥିଲା, ବାଙ୍କୀ ରେଞ୍ଜର କର୍ମଚାରୀ ତୁରନ୍ତ ଘଟଣା ସ୍ଥଳରେ ପହଂଚି କିପରି ଘଞ୍ଚ ଜଙ୍ଗଲକୁ ଯିବେ ବହୁ ପରିଶ୍ରମ କରି ଘଞ୍ଚ ଜଙ୍ଗଲ କୁ ଦେଇ ଥିବା ବେଳେ ଏବେ ଧାନ ଘର ଜଙ୍ଗଲ ରେ ଥିବା ବେଳେ ବନ ବିଭଗ ତାଙ୍କ ଗତି ବିଧି କୁ ଲକ୍ଷ୍ୟ ରଖିଛି।

# ସୁନ୍ଦରଗଡ଼ ଠାରେ ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ



ବଣାଇ , **୧୬/୪ (ନି.ପ୍ର):** ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସୁନ୍ଦରଗଡ଼ ଭେଷଜ ମହାବିଦ୍ୟାଳୟ ତଥା ହସ୍ପିଟାଲ ଠାରେ ଆଜି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ, ଅଖିଳ ଭାରତୀୟ ଚିକିତ୍ସା ସଂସ୍ଥାନ, ଦିଲ୍ଲୀ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିରକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ, ଜୁଏଲ ଓରାମ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ର ଅଧକ୍ଷା ତନୟା ମିଶ୍ର, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାୟ ର ଉପ ସଚିବ ଡ଼ା. ରାଜି ଏନ୍. ଏସ. , ଭାରତୀୟ ଚିକିତ୍ସା ସଂସ୍ଥାନ, ଦିଲ୍ଲୀର ହେମାଟୋଲୋଜି ବିଭାଗର ମୁଖ୍ୟ ଡ଼ା. (ପ୍ରଫେସର) ମନୋରଞ୍ଜନ ମହାପାତ୍ର, ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ, ଓଡ଼ିଆର ନିର୍ଦ୍ଦେଶକ ପୋମା ଟୁଡୁ ଏବଂ ଜିଲ୍ଲାପାଳ ମନୋଜ ମହାଜନ ସଦୟ ଉପସ୍ଥିତ ରହିଥିଲେ। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଥିଲେ ଯେ, ଲୋକଙ୍କ ମଧ୍ୟରେ ବିଭିନ୍ନ ରୋଗ ଆଦି ସମ୍ପର୍କରେ ସଚେତନତା ଅଭାବରୁ ତାହା ପରେପରେ ମାନବ ଶରୀରରେ କାୟା ବିସ୍ତାର କରି ଭୟାବହ ରୂପ ନେଇଥାଏ। ତେଣୁ ସମୟରେ ଏହି ରୋଗ ସବୁ ଚିହ୍ନଟ ହେଲେ ତାହାର ପ୍ରତିକାର ମଧ କରାଯାଇପାରିଥାଏ। ତେଣୁ ସମସ୍ତେ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ସେହିଭଳି ଜିଲ୍ଲାବାସୀ ମାନେ ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ର ଲାଭ ନେବାକୁ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ନିମନ୍ତେ ଜିଲ୍ଲାର ସମସ୍ତ ବ୍ଲକ୍ ତଥା ପୌରପାଳିକା ଅଞ୍ଚଳରେ ପ୍ରଥମେ ରୋଗୀ ମାନଙ୍କର ସ୍କ୍ରିନିଂ କରାଯାଇଥିଲା । ଏବଂ ସେହି ସ୍କ୍ରିନିଂରୁ ଆଜି ୧୯୬୧ ଜଣ ରୋଗୀ ପଞ୍ଜିକରଣ କରିଥିଲେ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ରେ ଭାରତୀୟ ଚିକିତ୍ସା ସଂସ୍ଥାନରୁ ବିଭିନ୍ନ ବିଭାଗ ରୁ ୧୯ ଜଣ ବିଶେଷଜ୍ଞ ଡାକ୍ତର ଯୋଗ ଦେଇଛନ୍ତି । ଏହି ଅବସରରେ ଆଜି ପ୍ରାୟ ୧୧୦ ଜଣ ଦିବ୍ୟାଙ୍ଗ ହିତାଧିକାରୀ ମାନଙ୍କୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମଙ୍କ ଦ୍ୱାରା ହ୍ୱିଲ ଚ୍ୟାର ବଣ୍ଟନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ହିତାଧିକାରୀ ମାନଙ୍କ ସହ କଥା ହୋଇ ଭଲ ମନ୍ଦ ପଚାରି ବୁଝିବା ସହ ସ୍ୱାସ୍ଥ୍ୟବସ୍ଥା ମଧ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ପି ଏ. ଆଇ. ଟି. ଡି. ଏ ଧୀରେନ୍ଦ୍ର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ହସ୍ପିଟାଲ ର ଅନ୍ୟାନ୍ୟ ଡକ୍ଟର ଏବଂ ହିତାଧିକାରୀ ମାନେ ଯୋଗ ଦେଇଥିଲେ।

## ସଂପାଦକୀୟ

# ମୁକ୍ତ ବାଣିଜ୍ୟର ଶେଷ ସମୟ

ବିଶ୍ୱରେ ତାରିଫ ଯୁଦ୍ଧ ଭୟଙ୍କର ଦିଗକୁ ଗତି କରୁଛି । ଟ୍ରମ୍ପ ଆମେରିକାର ରାଷ୍ଟ୍ର ମୁଖ୍ୟ ହେବା ପରେ ବିଶ୍ୱର ଆର୍ଥିକ ନୀତି, ଯୋଗାଣ ଶୃଙ୍ଖଳା (ଗ୍ଧଙ୍କକ୍ଟକ୍ଷଚ ମଷବସଭ ) ବିପର୍ଯ୍ୟସ୍ତ ହୋଇଯାଇଛି । ବିଶ୍ୱର ଅନେକ ରାଷ୍ଟ୍ର ମୁଖ୍ୟଙ୍କୁ ଏହି ନୂତନ ସ୍ଥିତି ବ୍ୟସ୍ତ, ବିବ୍ରତ କରିଦେଇଛି । ବ୍ରିଟିଶ ପ୍ରଧାନମନ୍ତ୍ରୀ ଷ୍ଟାମରଙ୍କ ଭାଷାରେ ବୈଶ୍ୱିକରଣ ସମାପ୍ତ ହେବାକୁ ଯାଉଛି । ସେ କହିଛନ୍ତି 'ଯେଉଁ ଦୁନିଆକୁ ଆମେ ଜାଣିଥିଲେ ତାହା ସମାପ୍ତ ହୋଇଯାଇଛି । ଏକ କଷ୍ଟକର ସମୟର ସମ୍ମୁଖୀନ ହେବା ପାଇଁ ଆମକୁ ପ୍ରସ୍ତୁତ ହୋଇଯିବାକୁ ପଡ଼ିବ' । ସିଂଗାପୁର ପ୍ରଧାନମନ୍ତ୍ରୀ ଲାରିନ୍ସ ୱେଗ କହିଛନ୍ତି 'ମୁକ୍ତ ବାଣିଜ୍ୟର ସମୟ ସମାପ୍ତ ହୋଇ ଯାଇଛି । ଏବେ ସମ୍ପୂର୍ଣ୍ଣ ଦୁନିଆ ଏକ ନୂଆ ଯୁଗରେ ଜିଉଁଛି, ଯାହା ବିପଦପୂର୍ଣ୍ଣ ହେବାର ଅଛି' । ସ୍ପଷ୍ଟ ରୂପରେ ବିଶ୍ୱ ଏକ ନୂତନ ବ୍ୟବସାୟିକ ଯୁଦ୍ଧ ଆଡକୁ ଟାଣି ହୋଇଯାଉଛି । ଯୋଗାଣ ଶୃଙ୍ଖଳା ପ୍ରଭାବିତ ହେବ । ଉତ୍ପାଦନର ସ୍ଥାନ ପରିବର୍ତ୍ତନ ହେବ, ଯେଉଁଥି ପାଇଁ ଅନେକ ଶ୍ରମିକ ବେରୋଜଗାର ହେବେ । ସିଙ୍ଗାପୁର ଭଳି ଛୋଟ ଛୋଟ ଦେଶର ଆର୍ଥିକ ସ୍ଥିତି ଖରାପ ହୋଇଯିବ । ଅଯଥା ପ୍ରତିଯୋଗିତା ବଢ଼ିବ । ୧୯୯୧ ମସିହାରେ ସୋଭିଏତ ୟୁନିଅନ ପତନ ପରେ ବିଶ୍ୱରେ ବୈଶ୍ୱିକରଣ ପ୍ରାରମ୍ଭ ହେଲା । ବିଦେଶୀ ବସ୍ତୁ ପାଇଁ ଅନେକ ଦେଶ ଦ୍ୱାର ଉନ୍ମୁକ୍ତ କଲେ । ବିଦେଶୀ ବସ୍ତୁ ଉପରେ କର (ଗ୍ଧବଙ୍ଗ)କମିବାରେ ଲାଗିଲା । ଅନେକ ଦେଶ ନିଜ ଭିତରେ ମୁକ୍ତ ବାଣିଜ୍ୟ ଚୁକ୍ତି କଲେ । ମୁକ୍ତ ବାଣିଜ୍ୟ ପାଇଁ ଅନେକ ବୈଶ୍ୱିକ ସଂଗଠନ ତିଆରି ହେଲା । ସମ୍ପୂର୍ଣ୍ଣ ଦୁନିଆ ଗୋଟିଏ ବଜାରରେ ପରିଣତ ହୋଇଗଲା । ବିଦେଶୀ ବସ୍ତୁ ଶସ୍ତା ହେବାରେ ଲାଗିଲା । ଦେଶଗୁଡିକ ଭିତରେ ପରସ୍ପରିକ ସମ୍ପର୍କ ବଢ଼ିବା ଆରମ୍ଭ କଲା, ସେହି ଅନୁସାରେ ବ୍ୟାପାର ବଢ଼ିବା ଆରମ୍ଭ ହେଲା । ବିଶ୍ୱରେ ଏକ ନୂତନ ବ୍ୟବସ୍ଥା ଛିଡା ହେଲା । ଭାରତ ଭଳି ଦେଶ ଆରମ୍ଭରୁ କ୍ଷତି ସହି ଧୀରେ ଧୀରେ ପ୍ରତିଯୋଗିତାରେ ଆଗକୁ ବଢିଲେ । ବଡ଼ ବଡ଼ ଦେଶକୁ ପଛରେ ପକେଇ ଭାରତୀୟମାନେ ନିଜ ବସ୍ତୁ ବିଶ୍ୱ ବଜାରରେ ବିକ୍ରି କରିବାରେ ସଫଳ ହୋଇଗଲେ । ୯୦ ଦଶକରେ ବିଶ୍ୱ ବଜାରକୁ ନିୟନ୍ତ୍ରଣ କରୁଥିବା ଆମେରିକା, ଜାପାନ, ଜର୍ମାନ ଓ ଇଂଲଣ୍ଡ ଆଦି ଦେଶ ଧୀରେ ଧୀରେ ପଛରେ ପଡିବା ଆରମ୍ଭ କଲେ । ଆମେରିକାର ଅର୍ଥଶାସ୍ତ୍ରୀ ନିଜର ବିପର୍ଯ୍ୟୟ ପାଇଁ ଭାରତ, ଚୀନ, କୋରିଆକୁ ଦାୟୀ କରିବା ଆରମ୍ଭ କରିଦେଲେ । ଭବିଷ୍ୟତ ବିପଦରୁ ରକ୍ଷା ପାଇବା ପାଇଁ ଟ୍ରମ୍ପ ମୁକ୍ତ ବାଣିଜ୍ୟରୁ ଓହରି ଯାଇ ତାରିଫ ଯୁଦ୍ଧ ଘୋଷଣା କରିଦେଲେ । ୬୦ଟି ଦେଶ ଉପରେ ନୂତନ ଶୁଳ୍କ ଲଗେଇଦେଲେ । ଚୀନ ଭଳି ଦେଶ ଉପରେ ୫୪% ଶୁଳ୍କ ଲଗେଇଦେଲେ । ଭାରତଉପରେ ୨୬% ସୀମା ଶୁଳ୍କ ଲାଗିଗଲା । ଅବଶ୍ୟ ଭାରତ ଲାଭରେ ରହିବ ବୋଲି ଆଶାକରାଯାଉଛି । ଚୀନ ଉପରେ ଅଧିକ ଶୁଳ୍କ ଲାଗିଥିବାରୁ ଭାରତ ବସ୍ତୁ ଆମେରିକା ବଜାରରେ ଅପେକ୍ଷାକୃତ ଶସ୍ତା ହେବ । ଅନ୍ୟ ଏକ ଦିଗ ହେଉଛି ବିଶାଳ ବଜାର ପାଇଁ ଭାରତ ନିକଟରେ ବିଶାଳ ଜନସଂଖ୍ୟା ଅଛି , ଯାହା ଭାରତକୁ ପ୍ରତିଯୋଗିତା କରିବା ପାଇଁ ସହାୟକ ହେବ ।ସୀମାଶୁଳ୍କ ମାଧ୍ୟମରେ ପ୍ରତ୍ୟେକ ଦେଶ ନିଜ ଦେଶର ଶିଳ୍ପ ଓ ଉତ୍ପାଦନ କୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରନ୍ତି । ସୀମାଶୁଳ୍କ କାରଣରୁ ବାହାର ଦେଶର ବସ୍ତୁ ଘରୋଇ ବଜାରରେ ମହଙ୍ଗା ହୋଇଯାଏ । ଘରୋଇ ଉଦ୍ୟୋଗକୁ ପ୍ରତିଯୋଗିତା କରିବା ପାଇଁ ସହଜ ହୁଏ । ଆମଦାନୀ କମ ହେଲେ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ କମ ପଡ଼େ । ନିଜ ଦେଶ ମୁଦ୍ରାର ଅବମୂଲ୍ୟାୟନକୁ ରୋକଯାଇ ପାରେ । ଏମିତି ଅନେକ କାରଣ ଥାଏ ସୀମାଶୁଳ୍କ ବୃଦ୍ଧି ପାଇଁ । ୟୁରୋପିଅନ ୟୁନିଅନ ଆମେରିକା ବସ୍ତୁ ଉପରେ ୩୯% ଶୁଳ୍କ ଆଦାୟ କରୁଥିଲା ତେଣୁ ଆମେରିକା ବାଧ୍ୟ ହୋଇ ୨୦% ସୀମାଶୁଳ୍କ ଲଗେଇଛି । ଆମେରିକା ଉପରୁ କାମ୍ବୁଡ଼ିଆ ୯୭%, ଭିଏତନାମ ୯୦%, ବାଂଲାଦେଶ ୭୪% ସୀମାଶୁଳ୍କ ଆଦାୟ କରୁଥିଲେ । ଏବେ ଆମେରିକା ଜବାବି ରାସ୍ତା ବାହାର କରି କାମ୍ବୁଡ଼ିଆ ଠାରୁ ୪୯%, ଭିଏତନାମ ୪୬%, ବାଂଲାଦେଶ ୩୭% ସୀମାଶୁଳ୍କ ଆଦାୟ କରିବା ପାଇଁ ସ୍ଥିର କରିଛି । ଯେଉଁ ଦେଶ ଆମେରିକା ଉପରୁ ଯେତିକି ସୀମା ଶୁଳ୍କ ଆଦାୟ କରୁଛନ୍ତି ପ୍ରାୟ ତାର ଅଧା ଶୁଳ୍କ ଆଦାୟ କରିବା ପାଇଁ ଆମେରିକା ଯୋଜନା କରିଛି । ବିଗତ ୩୦ ବର୍ଷରେ ସୀମାଶୁଳ୍କ ଏକ ଆର୍ଥିକ ଷଡଯନ୍ତ୍ରରେ ପରିଣତ ହୋଇଗଲା । ଏହି ଷଡଯନ୍ତ୍ରରେ ଅଧିକ ଶିକାର ହେଲା ଆମେରିକା । ଆମେରିକାକୁ ଅଧିକ ଶିକାର କଲା ଚୀନ । ଆମେରିକା ବଜାର ଚୀନ ମାଲରେ ଭର୍ତି ହୋଇଗଲା । ଆମେରିକାର ବେରୋଜଗାର ଶତାବ୍ଦୀର ଉଚ୍ଚ ସୀମାରେ ପହଁଚି ଗଲା । ତାରିଫ ଯୁଦ୍ଧ କରିବା ପଛରେ ଆମେରିକାର ବିବସତା ମଧ୍ୟ ଥିଲା । ଚୀନ ଆମେରିକା ବସ୍ତୁ ଉପରୁ ୬୭% ସୀମା ଶୁଳ୍କ ଆଦାୟ କରୁଥିଲା ଯାହା ଆମେରିକା ପାଇଁ ବହୁତ ଅଧିକ ଥିଲା । ଚୀନ ଆମେରିକା ବଜାରରେ ଶସ୍ତାରେ ନିଜ ବସ୍ତୁ ବିକ୍ରି କରୁଥିଲା ଠିକ ସେହି ସମୟରେ ଆମେରିକା ବସ୍ତୁ ଉପରୁ ଅଧିକ ସୀମାଶୁଳ୍କ ଆଦାୟ କରୁଥିଲା । ଆମେରିକା ବସ୍ତୁ ଏତେ ଅଧିକ ଦାମ ହୋଇଯାଉଥିଲା ଯେ ଚୀନ ବଜାରରେ ବିକ୍ରି ହୋଇ ପାରୁନଥିଲା । ଚୀନର ଅତ୍ୟଧିକ ଲୋଭଖୋର ମନୋବୃତି ଓ ଆର୍ଥିକ ସାମ୍ରାଜ୍ୟବାଦ, ମୁକ୍ତ ବାଣିଜ୍ୟ ପାଇଁ ଘାତକ ହେଲା । ବିଶ୍ୱର ମୁକ୍ତ ବାଣିଜ୍ୟର ସମାପ୍ତି ପାଇଁ ଚୀନ ପରୋକ୍ଷରେ ଦାୟୀ ଅଟେ । ଆର୍ଥିକ ଯୁଦ୍ଧ ଏତେ ଭୟଙ୍କର ସ୍ତରକୁ ଚାଲି ଯାଇଛି ଯେ ଏହାକୁ ସମାପ୍ତ କରି ମୁକ୍ତ ବାଣିଜ୍ୟ ପ୍ରତିଷ୍ଠା କରିବା ଆଉ ସମ୍ଭବପର ନୁହେଁ । ବର୍ତମାନ ସ୍ଥିତିରେ ଚୀନ ପଛ ଘୁଂଚା ଦେବା ନୀତିରେ ନାହିଁ । ଅଧିକ ଆକ୍ରମକ ନୀତି ଗ୍ରହଣ କରି ବିଶ୍ୱ ବଜାର ଦଖଲ ପାଇଁ ଗୋଟିଏ ପରେ ଗୋଟିଏ ନୀତି ତିଆରି କରୁଛି । ବିଶେଷ କରି ଚୀନର ଆର୍ଥିକ ସାମ୍ରାଜ୍ୟବାଦ ଏପରି ଏକ ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଦାୟୀ ବୋଲି କୁହାଯାଇପାରିବ । ତେଣୁ ସଂପୂର୍ଣ୍ଣ ବିଶ୍ୱକୁ ଏପରି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡିବ ।

# ଆମେ ଏତେ ଉଦାସୀନ କେମିତି

ସଂସଦରେ ୱାକଫ ସଂଶୋଧନ ବିଲ୍ ପାରିତ ହେବାପରେ ପ୍ରଥମେ ବିହାର ଜେଡିୟୁ ର ଦୁଇଜଣ ନେତା, ମହମ୍ମଦ କାସିମ୍ ଆନ୍ସାରୀ ଓ ମହମ୍ମଦ ନୱାଜ ମଲ୍ଲିକ ଦଳରୁ ଇସ୍ତଫା ଦେଇଛନ୍ତି, କାରଣ ସେମାନଙ୍କ ଦଳ ପାର୍ଲ୍ୟାମେଣ୍ଟରେ ବର୍ତ୍ତମାନର ୱାକଫ ସଂଶୋଧନ ବିଲ୍ କୁ ସମର୍ଥନ କରିଛି । ପରେପରେ ସେହିଦଳର ଆହୁରି ଏକାଧିକ ମୁସଲିମ୍ ନେତା ଦଳରୁ ଇସ୍ତଫା ଦେଲେ ।ଲୋକସଭା ଓ ରାଜ୍ୟସଭାରେ ସମସ୍ତ ତଥ୍ୟ ସହିତ ଓ ଟିକିନିଖି ଦୀର୍ଘ ଆଲୋଚନା ହେଲାପରେ ୱାକଫ ଉପରେ ବର୍ତ୍ତମାନ ଆଉ କିଛିବି ଅବୁଝା ହୋଇ ରହିନାହିଁ । ଖାଲି ହିନ୍ଦୁ ସମାଜ ନୁହେଁ, ସମଗ୍ର ଦେଶକୁ ପ୍ରତାରିତ କରିବକୁ ହୋଇଥିବା ଷଡ଼ଯନ୍ତ୍ର ଆଲୁଅ କୁ ଆସିଛି । ଏହାର ନଗ୍ନ ସ୍ୱରୂପ ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । ୧୯୯୫ ଓ ୨୦୧୩ ରେ ତତ୍କାଳୀନ ସରକାରମାନେ ଯେଉଁ କୃତ୍ୟ କରିଥିଲେ ତା' ଉପରେ ସେମାନେ ଆଜି ଯଦି କିଛି ସଫେଇ ଦିଅନ୍ତି, ତେବେ ତାହା କେବଳ ହାସ୍ୟାସ୍ପଦ ହିଁ ହେବ ।ଉପରୋକ୍ତ ଜେଡିୟୁ ନେତାମାନେ ସେମାନଙ୍କ ଦଳର ନିଷ୍ପତ୍ତି କୁ ବିରୋଧକରି ଇସ୍ତଫା ଦେଇଛନ୍ତି ; କାରଣ ସେମାନେ ଭଲ ଭାବରେ ଜାଣନ୍ତି ସେମାନଙ୍କର ପ୍ରତ୍ୟେକଟି ପଦକ୍ଷେପ ପାଇଁ ସେମାନଙ୍କୁ ତୁରନ୍ତ ସେମାନଙ୍କ ସମାଜ କାଠଗଡାରେ ଠିଆ କରାଇବ । ତେଣୁ ସେମାନଙ୍କ ଉପରୋକ୍ତ ଆଚରଣ ସ୍ୱାଭାବିକ, ସେଥିରେ ଆଚମ୍ବିତ ହେବାର କିଛି ନାହିଁ ।କିନ୍ତୁ, ଗତ କିଛିଦିନ ଧରି ଓଡ଼ିଶାର କିଛି ରାଜନୈତିକ ଦଳ ଓ ରାଜନେତାଙ୍କର ବକ୍ତବ୍ୟ ଓ ଗତିବିଧି କୁ ଲକ୍ଷ୍ୟକଲେ ମନକୁ ସ୍ୱତଃ ପ୍ରଶ୍ନ ଆସେ : ଏମାନଙ୍କ ଭିତରେ ଏତେ ଔଦ୍ଧତ୍ୟ ଆସିଲା କେମିତି ପ୍ରଥମତଃ ଏମାନେ ଭାବି ନେଇଛନ୍ତି : ଲୋକସଭା ଓ ରାଜ୍ୟସଭାରେ ହୋଇଥିବା ସମସ୍ତ ଆଲୋଚନା ତଥା ବିଭିନ୍ନ ଗଣମାଧ୍ୟମରେ ସେ ପ୍ରସଙ୍ଗରେ ହେଉଥିବା ପରସ୍ତ ପରସ୍ତ ପର୍ଯ୍ୟାଲୋଚନା କୁ ମୂର୍ଖ ଅଶିକ୍ଷିତ ଓଡ଼ିଆ ମାନେ ସମ୍ଭବତଃ ବୁଝି ପାରିନଥିବେ !!ଦ୍ୱିତୀୟରେ : ଏମାନେ ମଧ୍ୟ ଭୁଲିଯାଇଛନ୍ତି ଯେ, ଓଡ଼ିଶା ଏପରି ଗୋଟିଏ ରାଜ୍ୟ , ଯାହାର ଅଧିକାଂଶ ଅଧିବାସୀ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ନିଜର ଇଷ୍ଟ ଭାବେ ଉପାସନା କରିଥାନ୍ତି ଏବଂ ଜଗନ୍ନାଥଙ୍କୁ ଯୁଗଯୁଗ ଧରି ଏ ଜାତି ନିଜ ରାଜ୍ୟର ରାଷ୍ଟ୍ର ଦେବତା ଭାବରେ ମାନି ଆସିଛି ।ଶଷରେ, ସେମାନଙ୍କର ଏହି ଅବଜ୍ଞା ଓ ଦୁଃସାହସର ପ୍ରଧାନ କାରଣଟି ହେଲା : ଚିରକାଳ ଉଦାସୀନ ହିନ୍ଦୁ ମାନଙ୍କୁ ଯେତେ ଅପମାନ , ଉପେକ୍ଷା ଓ ଅତ୍ୟାଚାରିତ କଲେ ମଧ୍ୟ ସେମାନେ ନୀରବ ରହିବେ । ଏ ନୀରବତା କୁ ଅହେତୁକ ଉଦାରତା ତ ନୁହେଁ , ଚରମ ଭୀରୁତା ଭାବରେ ହିଁ ଗଣ୍ୟ କରିନେଇଛନ୍ତି ସେମାନେ । ଯଥାର୍ଥରେ ତାହା ହିଁ ସତ୍ୟ । ଏକଥା ଆମ ଦେଶର ଅନ୍ୟ ରାଜନୈତିକ ଦଳମାନେ ମଧ୍ୟ ଭଲଭାବରେ ଜାଣିଛନ୍ତି ଯେ ଭୋଟ୍ ବ୍ୟାଙ୍କର ହିସାବ ରେ ହିନ୍ଦୁ ମାନଙ୍କୁ ଗଣତି କରିବାର ଆବଶ୍ୟକତା ନାହିଁ ।

# ଡ. ଆମ୍ବେଦକରଙ୍କ ପଞ୍ଚତୀର୍ଥ

**ସର୍ବେଶ୍ୱର ବେହେରା**

ଡ. ଆମ୍ବେଦକର ନିଜର କାର୍ଯ୍ୟଶୈଳୀ ମାଧ୍ୟମରେ ଭାରତର ତତ୍କାଳୀନ ବୁଦ୍ଧିଜୀବୀ, ଜନସାଧାରଣ ଓ ଔପନିବେଶିକ କ୍ଷମତାର ଧ୍ୟାନ ଆକୃଷ୍ଟ କରିଥିଲେ । ତତ୍କାଳୀନ ସମାଜ ବ୍ୟବସ୍ଥା ତାଙ୍କ କାର୍ଯ୍ୟ ଦ୍ୱାରା ଚିନ୍ତାଶୀଳ ହୋଇଥିଲା । ଅସ୍ପୃଶ୍ୟତା ନିବାରଣ ପାଇଁ ତାଙ୍କ ପ୍ରଚେଷ୍ଟା ସହିତ ସମରସତାପୂର୍ଣ୍ଣ ସାମାଜିକ ଜୀବନ ପାଇଁ ସେ ପ୍ରଚଣ୍ଡ ସାଧନା କରିଥିଲେ । ସାମନ୍ତବାଦୀ ମାନସିକତା ବିରୋଧରେ ସେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ସାମାଜିକ ସଂରଚନାର ଅବଧାରଣା ଓ ସମାବେଶୀ ସମାଜ ରଚନାର ସେ ପ୍ରଚଣ୍ଡ ପକ୍ଷଧର ଥିଲେ ।ଡ. ଆମ୍ବେଦକରଙ୍କ ଜୀବନ ସମାଜର ସମସ୍ତ ବର୍ଗ ପାଇଁ ପ୍ରେରଣାଦାୟୀ । ସେ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ସେ ଅସ୍ପୃଶ୍ୟ ସମାଜ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ସମାଜ ମଧ୍ୟରେ ଶିକ୍ଷାର ବିସ୍ତାର ଚାହୁଁଥିଲେ । ଶିକ୍ଷା ବିନା ମନୁଷ୍ୟ ଜୀବନ ଅନ୍ଧକାର । ଏଣୁ ସେ ଚାହୁଁଥିଲେ ସମସ୍ତେ ଶିକ୍ଷିତ ହୁଅନ୍ତୁ । ଏଥିପାଇଁ ସେ କିଛି ସମୟ ଅଧ୍ୟାପନା କାର୍ଯ୍ୟ ମଧ୍ୟ କରିଛନ୍ତି । ବିଭିନ୍ନ ସମ୍ବାଦପତ୍ରର ସମ୍ପାଦନ କରି ବହୁ ଲେଖା ଦ୍ୱାରା ସମାଜ ଜାଗରଣ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ସମ୍ପାଦିତ ସମ୍ବାଦପତ୍ର- ମୂକନାୟକ, ଜନତା, ବହିଷ୍କୃତ ଭାରତ ଆଦିରେ ସେ ବହୁତ ଲେଖା ଲେଖିଛନ୍ତି । ସମଗ୍ର ଭାରତ ଶିକ୍ଷିତ ଓ ସଶକ୍ତ ହେଉ, ଏହା ତାଙ୍କର ସ୍ୱପ୍ନ ଥିଲା ।ପ୍ରଜ୍ଞା ପୁରୁଷ ଓ ଆମ୍ବେଦକରଙ୍କ ସଂକଳ୍ପ ଓ ପ୍ରେରଣାକୁ ସତତ ଜାଗ୍ରତ କରିବା ପାଇଁ କେନ୍ଦ୍ର ସରକାର ତାଙ୍କ ନାମରେ ପଞ୍ଚତୀର୍ଥ ସ୍ଥାପନା କରିଛନ୍ତି । ଏହି ପଞ୍ଚତୀର୍ଥ ସମଗ୍ର ଭାରତୀୟମାନଙ୍କ ପାଇଁ ଆଜି ପ୍ରେରଣାର କେନ୍ଦ୍ର ପାଲଟିଛନ୍ତି । ଏଗୁଡ଼ିକ ହେଲା- ୧. ଜନ୍ମଭୂମି, ୨. ଶିକ୍ଷାଭୂମି, ୩. ଦୀକ୍ଷାଭୂମି, ୪. ମହାନିର୍ବାଣ ଭୂମି, ୫. ଚୈତ୍ୟ ଭୂମି। ଦେଶର ସମ୍ବିଧାନ ନିର୍ମାତା ଆମ୍ବେଦକରଙ୍କୁ ଏହାଦ୍ୱାରା ବିଶ୍ୱବ୍ୟାପି ସମ୍ମାନ ମିଳୁଛି । ତାଙ୍କର ଜୀବନ ସମ୍ବନ୍ଧିତ ଏହି ପଞ୍ଚତୀର୍ଥ ସ୍ଥାନକୁ ଦର୍ଶନ କରି ଆଜିର ନୂତନ ପିଢ଼ି ତାଙ୍କୁ ଅଧିକ ଜାଣିବା ପାଇଁ ଇଚ୍ଛୁକ ହେଉଛନ୍ତି । ସରକାରଙ୍କ ଦ୍ୱାରା ଏହି ପ୍ରଚେଷ୍ଟା ସର୍ବାଦୌ ପ୍ରଶଂସନୀୟ ।ଭାରତୀୟ ସମାଜ ପାଇଁ ଡ. ଆମ୍ବେଦକରଙ୍କ ତ୍ୟାଗ ଓ ତପସ୍ୟା, ଯଶ ଓ କୀର୍ତ୍ତିକୁ ଏହି ପଞ୍ଚତୀର୍ଥରେ ଦର୍ଶାଯାଉଛି । ଏଗୁଡ଼ିକ ଆଜି କେବଳ ପର୍ଯ୍ୟଟନ ସ୍ଥଳ ହୋଇନାହିଁ, ବରଂ ଏହା ଆଜି ସମାଜ ଜାଗରଣର କେନ୍ଦ୍ର ପାଲଟିଛି । ଏହାଦ୍ୱାରା ଆଜି ବିଶ୍ୱରେ ଭାରତର ଛବି ଦ୍ୱିଗୁଣିତ ହେଉଛି । କାରଣ ତାଙ୍କର ଜୀବନାଦର୍ଶ ଓ କାର୍ଯ୍ୟ ସମଗ୍ର ବିଶ୍ୱବାସୀଙ୍କ ପାଇଁ ପ୍ରେରଣାର ସ୍ରୋତ । ସେଥିପାଇଁ ସମସ୍ତେ ତାଙ୍କର ସ୍ମାରକୀ ଦର୍ଶନ କରିବା ପାଇଁ ବ୍ୟାକୁଳ । ଏଗୁଡ଼ିକ ଦର୍ଶନ କରି ସମସ୍ତେ ଆଜି କୃତାର୍ଥ । ବିଶେଷକରି ଅନଗ୍ରସର ସମାଜ ମଧ୍ୟରେ ଏହି ସ୍ମାରକୀ ଗୁଡ଼ିକ ତୀର୍ଥସ୍ଥାନ ପାଲଟିଛି । ଏଗୁଡ଼ିକ ଦ୍ୱାରା ଭାରତ ବିକଶିତ ରାଷ୍ଟ୍ର ରୂପେ ପରିଗଣିତ ହେଉଛି ।ଜନ୍ମଭୂମି ଡ. ଆମ୍ବେଦକରଙ୍କ ୧୨୫ତମ ଜନ୍ମଜୟନ୍ତୀ ଅବସରରେ ଗତ ୨୦୧୬ ଏପ୍ରିଲ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଜନ୍ମସ୍ଥାନ ମଧ୍ୟପ୍ରଦେଶର ମହୁଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେ ସ୍ଥାନର ସମଗ୍ର ବିକାଶ କରି ତାହା ଆଜି ତୀର୍ଥସ୍ଥାନ ରୂପେ ବିକଶିତ ହୋଇଛି । ମହୁଠାରେ ଆମ୍ବେଦକର ୧୮୯୧ ଏପ୍ରିଲ ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମଶତବାର୍ଷିକୀରେ ୧୯୯୧ ଏପ୍ରିଲ ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ସୁନ୍ଦରଦାର ପଟୱା ଏକ ଭବ୍ୟ ସ୍ମାରକୀ ନିର୍ମାଣ କରିବା ପାଇଁ ଶୁଭ ପ୍ରଦାନ କରିଥିଲେ । ଏଥିପାଇଁ ସେ ୪.୪୨ ଏକର ଜମି ଆବଣ୍ଟନ କରିଥିଲେ । ବର୍ତ୍ତମାନ ଜନ୍ମଭୂମିରେ ସ୍ମାରକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ପରେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ୨୦୧୮ ଏପ୍ରିଲ ୧୪ ତାରିଖ ଦିନ ସେଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରତ୍ୟେକ ବର୍ଷ ଏପ୍ରିଲ ୧୪ ତାରିଖ ଦିନ ସେଠାରେ ବହୁ ସଂଖ୍ୟାରେ ସାଧାରଣ ଜନତା ବିଶେଷକରି ବୌଦ୍ଧ ଓ ଅନ୍ୟ ପର୍ଯ୍ୟଟକ ଶ୍ରଦ୍ଧା ସୁମନ ଅର୍ପଣ କରିଥାଆନ୍ତି । ଏହି ସ୍ମାରକୀର ସଂରଚନା ବୌଦ୍ଧ ସ୍ତୂପ ସଦୃଶ୍ୟ । ସ୍ମାରକୀର ପ୍ରବେଶ ଦ୍ୱାରରେ ଆମ୍ବେଦକରଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି । ସ୍ମାରକୀରେ ହିନ୍ଦୀରେ 'ଭୀମ ଜନ୍ମଭୂମି' ମୂର୍ତ୍ତି ସହିତ ଉପରେ ଏକ ବଡ଼ ଅଶୋକ ଚକ୍ର ସ୍ଥାନୀତ ହୋଇଛି । ସ୍ମାରକ ସମ୍ମୁଖ ଭାଗ ଉପରେ ଦୁଇଟି ବୌଦ୍ଧ ଧ୍ୱଜ ଶୋଭା ପାଉଛି । ସ୍ମାରକର ମଧ୍ୟରେ ଆମ୍ବେଦକରଙ୍କ ଜୀବନାଦର୍ଶର ଅନେକ ଚିତ୍ର ଶୋଭା ପାଉଛି । ପର୍ଯ୍ୟଟକମାନେ ସେଠାରୁ ତାଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟ ଜାଣିପାରିବେ ।ଶିକ୍ଷାଭୂମି ଲଣ୍ଡନ ଠାରେ ଡ. ଆମ୍ବେଦକର ଉଚ୍ଚଶିକ୍ଷା ପ୍ରାପ୍ତ କରିଥିଲେ । ସେଠାରେ ସେ ଯେଉଁ ଘରେ ରହୁଥିଲେ ତାହା ଏକ ସ୍ମାରକୀରେ ପରିଣତ ହେଉ, ସେଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ୨୦୧୫ ମସିହାରେ ମହାରାଷ୍ଟ୍ରର ତତ୍କାଳୀନ ସରକାର ସେ ସ୍ଥାନକୁ କ୍ରୟ କରିଛନ୍ତି ଓ ତାହାକୁ ବିକଶିତ କରିଛନ୍ତି । ଏହି ଘରେ ଅଧ୍ୟୟନ କରି ସେ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ଡି.ଏସ.ସି କରିଥିଲେ । ତାଙ୍କର ଗବେଷଣାର ବିଷୟ ଥିଲା 'ପ୍ରବ୍ଲେମ ଅଫ ଇଣ୍ଡିଆନ ରୁପି' ଏହି ଶୋଧପତ୍ରରେ ସେ ଇଂରେଜ ସରକାର କିପରି ଭାରତକୁ ଅର୍ଥନୈତିକ ଶୋଷଣ କରୁଛନ୍ତି ତାହା ଦର୍ଶାଇଥିଲେ । ଇଂଲଣ୍ଡର ରାଜଧାନୀରେ ଅଧ୍ୟୟନ କରି ଇଂଲଣ୍ଡ ବିରୋଧରେ ନିଜର ଗବେଷଣା ପୁସ୍ତକ ମାଧ୍ୟମରେ ସେ ଯାହା ଦର୍ଶାଇଥିଲେ ତତ୍କାଳୀନ ଇଂରେଜ ଶିକ୍ଷାବିତମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ତାଙ୍କର ଏହି ସତସାହସ ଯୋଗୁଁ ସେ ଆଜି ପ୍ରଜ୍ଞାପୁରୁଷ । ଇଂରେଜ ପରୀକ୍ଷକ ତାଙ୍କର ଗବେଷଣାମୂଳକ ପୁସ୍ତକକୁ ଅଗ୍ରାହ୍ୟ କରିଦେଇଥିଲେ । ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରି ବିଭିନ୍ନ ସମ୍ବାଦପତ୍ରରେ ତାହାକୁ ଉଲ୍ଲେଖ କରିଥିଲେ । ତାଙ୍କର ଏହି ଲେଖା ଭାରତୀୟ ଅର୍ଥନୀତିରେ ଘୋର ପ୍ରଭାବ ବିସ୍ତାର କଲା । ଫଳସ୍ୱରୂପ ୧୯୩୪ ମସିହାରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସ୍ଥାପନା କରିବାକୁ ଇଂରେଜମାନେ ବାଧ୍ୟ ହୋଇଥିଲେ । ମହାରାଷ୍ଟ୍ର ସରକାର ସେ ସ୍ଥାନକୁ ବିକଶିତ କରି ସ୍ମାରକୀରେ ପରିଣତ କରିଛନ୍ତି । ସେଠାରେ ଏକ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ଗବେଷଣା ଆଲେଖ୍ୟ ସଂଗୃହୀତ ଓ ଗଚ୍ଛିତ କରାଯାଇଛି । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଣ୍ଡନ ପ୍ରବାସ ସମୟରେ ଏହି ସ୍ମାରକୀକୁ ଶୁଭ ଉଦ୍‌ଘାଟନ କରିଥିଲେ ।ମହାନିର୍ବାଣ ଭୂମିଡ. ଆମ୍ବେଦକରଙ୍କ ଦେହାବସାନ ୧୯୫୬, ଡିସେମ୍ବର ୬ ତାରିଖରେ ଦିଲ୍ଲୀର ୨୬ ଅଲ୍ଲୀପୁର ରୋଡ଼ସ୍ଥିତ ବଙ୍ଗଳାରେ ହୋଇଥିଲା । ତାହା ଏକ ରାଷ୍ଟ୍ରୀୟ ସ୍ମାରକୀ ରୂପେ ଶୋଭା ପାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଏକ ରାଷ୍ଟ୍ରୀୟ ସଂଗ୍ରହାଳୟ ରୂପେ ଉଦ୍‌ଘାଟନ କରିଛନ୍ତି । ୧୬୨ କୋଟି ଆବଣ୍ଟନ କରି ସେଠାରେ ବହୁତଳ ବିଶିଷ୍ଟ ଗୃହ ନିର୍ମାଣ କରି ଡ. ଆମ୍ବେଦକରଙ୍କ ସମସ୍ତ ସ୍ମୃତି ଗଚ୍ଛିତ କରାଯାଇଛି । ୧୯୫୧ ମସିହାରେ ଡ. ଆମ୍ବେଦକର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରି ଏହି ୨୬, ଅଲିପୁର ରୋଡ଼ରେ ନିଜସ୍ୱ ଭବନରେ ମୃତ୍ୟୁ ପର୍ଯ୍ୟନ୍ତ ବସବାସ କରୁଥିଲେ । ଏହାକୁ ଏବେ ପବିତ୍ର ପରିନିର୍ବାଣ ସ୍ଥାନ ରୂପେ ନାମିତ କରାଯାଇଛି । ଏହି ସ୍ଥାନ ୭,୩୭୪ ବର୍ଗ ମିଟର ମଧ୍ୟରୁ ୪୫୬୧ ବର୍ଗ ମିଟରରେ ଏହି ସ୍ମାରକୀ ନିର୍ମାଣ କରାଯାଇଛି । ଏହି ସ୍ଥାନ ଆଜି ସମସ୍ତ ଆମ୍ବେଦକର ପ୍ରେମୀ ଶ୍ରଦ୍ଧାଳୁମାନଙ୍କ ପାଇଁ ତୀର୍ଥସ୍ଥାନ ପାଲଟିଛି । ଏଠାରେ ତାଙ୍କର ଜୀବନୀ ସହିତ ସାମାଜିକ- ଆର୍ଥିକ ବିଷୟରେ ଅନୁସନ୍ଧାନ କରାଯାଉଛି । ତାଙ୍କ ସମ୍ବନ୍ଧରେ ଗବେଷଣା କରିବା ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନରେ ପରିଚିତ ହୋଇଛି ।ଦୀକ୍ଷାଭୂମି ଡ. ଆମ୍ବେଦକର ୧୯୫୬, ଅକ୍ଟୋବର ୧୪ ତାରିଖ ବିଜୟାଦଶମୀ ତିଥିରେ ମହାରାଷ୍ଟ୍ରର ନାଗପୁର ଠାରେ ନିଜର ୪ଲକ୍ଷ ଅନୁଗାମୀଙ୍କ ସହିତ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । ଏହି ଦୀକ୍ଷାଭୂମି ସାମାଜିକ ଆନ୍ଦୋଳନକାରୀଙ୍କ ପାଇଁ ଏକ ପ୍ରେରଣା ଭୂମି ପାଲଟିଛି । ଏହି ସ୍ଥାନରେ ବିଶ୍ୱର ସର୍ବଶ୍ରେଷ୍ଠ ବୌଦ୍ଧ ସ୍ତୂପ ନିର୍ମାଣ କରାଯାଇଛି । ନାଗପୁରର ନଗରଠାରେ ଏକ ବିରାଟ ସ୍ତୂପ ନିର୍ମାଣ କରାଯାଇଛି। ଏହି ସ୍ତୂପରୁ ୧୯୭୮ ଜୁଲାଇ ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଦୀର୍ଘଦିନ ପରେ ୨୦୦୧ ଡିସେମ୍ବର ୧୮ ତାରିଖରେ ଏହାର ଶୁଭ ଉଦ୍‌ଘାଟନ ଭାରତର ରାଷ୍ଟ୍ରପତି ଶ୍ରୀ କେ.ଆର.ନାରାୟଣଙ୍କ ଦ୍ୱାରା ହୋଇଥିଲା । ଦ୍ୱିତଳ ବିଶିଷ୍ଟ ସ୍ତୂପଟି ୪୦୦୦ ବର୍ଗ ଫୁଟ । ଏକ ସମୟରେ ଏଠାରେ ପ୍ରାୟ ୫୦୦୦ ସନ୍ନ୍ୟାସୀମାନଙ୍କର ସଭା ଅନୁଷ୍ଠିତ ହୋଇପାରୁଛି । ତା' ସହିତ ଗ୍ରନ୍ଥାଗାର, ଫଟୋ ପ୍ରଦର୍ଶନୀ, ତାଙ୍କ ଜୀବନର ଘଟଣା ସମ୍ବଳିତ ତଥ୍ୟ ସବୁ ସେଠାରେ ଗଚ୍ଛିତ ଅଛି । ଚାରି ଦ୍ୱାର ବିଶିଷ୍ଟ ସ୍ତୂପର ଉପରେ ଅଶୋକ ଚକ୍ର ବିଦ୍ୟମାନ । ତାଙ୍କର ୧୨୫ତମ ଜନ୍ମଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ପ୍ରଥମ ଶ୍ରେଣୀ ପର୍ଯ୍ୟଟନ ସ୍ଥାନ ରୂପେ ଘୋଷଣା କରିଛନ୍ତି । ଏହାକୁ ଅଧିକ ବିକଶିତ କରିବା ପାଇଁ ଅର୍ଥ ଆବଣ୍ଟନ କରିଛନ୍ତି ।ଚୈତ୍ୟଭୂମିମୁମ୍ବାଇ ସ୍ଥିତ ଚୈତ୍ୟଭୂମିରେ ଡ. ଆମ୍ବେଦକର ସ୍ମାରକକୁ ବିକଶିତ କରାଯାଇ ଏହାକୁ ଭବ୍ୟ ରୂପ ପ୍ରଦାନ କରାଯାଇଛି । ୨୦୧୫ ଅକ୍ଟୋବର ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଭୂମି ପୂଜନ କରିଛନ୍ତି । ଆମ୍ବେଦକରଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଏଠିାରେ ଶୋଭା ପାଇବ ।

**ଆଡଭୋକେଟ, ଖଟବିନ ସାହି, କଟକ**
**ମୋ-୯୪୩୭୦୧୬୩୮୪**

# ଅବହେଳା ଓ ଭ୍ରାନ୍ତି

**ଶ୍ରୀନିବାସ ମାନସିଂହ**

ଉନବିଂଶ ଶତାବ୍ଦୀରେ ପ୍ରକାଶିତ ଜେନ୍ ଅଷ୍ଟିନ୍ ଙ୍କ ଉପନ୍ୟାସ 'ଅହମିକା ଓ ଭ୍ରାନ୍ତି' ( ଚକ୍ସୟର ବଭୟ ଚକ୍ସରହଙ୍କୟସମର) ସହିତ ଏହାର କିଛି ସମ୍ବନ୍ଧ ନାହିଁ । ତେବେ ଏତିକି କହିବି : ଅହମିକା ଠାରୁ ଅବହେଳା ଅନେକ ସମୟରେ ଅଧିକ ଘାତକ ସିଦ୍ଧ ହୋଇଥାଏ । ଉପେକ୍ଷା ଓ ଅବହେଳାର ଶିକାର ହେଲେ ଯେମିତି ନିଷ୍ପାପ ଦେବଶିଶୁଟିଏ ବି ଅନ୍ଧଗଳିରେ ବାଟବଣା ହୋଇଯାଏ ; ଆଉ ଯେଉଁଭଳି କାମ୍ବୋଡିଆର ସହସ୍ର ବର୍ଷର ଐତିହ୍ୟ , ଐଶ୍ୱର୍ଯ୍ୟ ଅରଣ୍ୟ ତଳେ ହଜିଯାଇ ଆଜିର ଆଙ୍କୋର ୱାଟ୍ ପାଲଟିଯାଏ, ଠିକ୍ ସେଇଭଳି ବର୍ତ୍ତମାନର ଗୋଟାଏ ଅଧେ ବିଷୟକୁ ନେଇ ଏ ଚର୍ଚ୍ଚା । ଏବେ ଏଇ ମାର୍ଚ୍ଚ ମାସର କ୍ୟାଲେଣ୍ଡରଟି ଓଲଟି ଏପ୍ରିଲ ହେବା ଭିତରେ ଆମେ ଦୁଇ ଦୁଇଟି ବଡ଼ ଐତିହାସିକ ଦିବସ ପାଳନ କରିବା । ସେଇ ସ୍ମୃତିରେ କେତେଥର ଶଙ୍ଖ ଫୁଙ୍କା ହୋଇଯିବ ଓ ତା'ପରେ ଆଉ ବର୍ଷ ଟିଏ ବିତିଯିବ ଗଭୀର ସୁସୁପ୍ତି ଭିତରେ ପୁଣି ଆସନ୍ତା ବର୍ଷ କେଇ ଘଡ଼ି ଚେଇଁ ଆଉଥରେ ଶଙ୍ଖ ଫୁଙ୍କିବା ପର୍ଯ୍ୟନ୍ତ ।୧) ପ୍ରଥମଟି ହେଲା ଚୈତ୍ର ଶୁକ୍ଳ ପ୍ରତିପଦା, 'ବର୍ଷ ପ୍ରତିପଦା' ବା 'ହିନ୍ଦୁ ନବବର୍ଷ' , ଯାହା ଏ ବର୍ଷ ମାର୍ଚ୍ଚ ୩୦ ତାରିଖରେ ପଡୁଛି । ଆମ ତିଥି ମାନଙ୍କର ବୈଶିଷ୍ଟ୍ୟ ଯଦି ଆମେ ବିଚାରକୁ ନେଉଥାଉ ତାହେଲେ, ଏଇ ତିଥିଟି ସମସ୍ତ ତିଥି ମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଶାସ୍ତ୍ର ଅନୁସାରେ : ବ୍ରହ୍ମାଙ୍କ ସୃଷ୍ଟି ରଚନାର ଏହା ହିଁ ହେଉଛି ପ୍ରାରମ୍ଭ ଦିବସ । କାଳ ଗଣନା ଏହି ଦିନରୁ ଆରମ୍ଭ ହୋଇଛି । ଏହି ତିଥିର ମହତ୍ତ୍ୱ କାଳେ କାଳେ ଜାଜ୍ୱଲ୍ୟମାନ ରହିଆସିଛି । ସେଇଥିପାଇଁ ତ୍ରେତୟା ଯୁଗରେ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ଦ୍ୱାପର ଯୁଗରେ ଧର୍ମରାଜ ଯୁଧିଷ୍ଠିର ନିଜ ନିଜର ସିଂହାସନ ଆରୋହଣ ପାଇଁ ଏହି ତିଥିଟିକୁ ହିଁ ବାଛିଥିଲେ । କେବଳ ସେତିକି ନୁହେଁ , ସମ୍ରାଟ ବିକ୍ରମାଦିତ୍ୟ ମଧ୍ୟ ନିଜର ରାଜ୍ୟାଭିଷେକ ଏହି ତିଥିରେ ସମ୍ପର୍ଣ୍ଣକରି ବିକ୍ରମାବ୍ଦ ର ପ୍ରଚଳନ କରିଥିଲେ । ନିକଟ ଅତୀତରେ ବେଦ ଉଦ୍ଧାରକ ମହର୍ଷି ଦୟାନନ୍ଦ ସରସ୍ୱତୀ 'ଆର୍ଯ୍ୟ ସମାଜ' ର ପ୍ରତିଷ୍ଠା ପାଇଁ ମଧ୍ୟ ଏହି ତିଥି ଟିକୁ ବରଣ କରିଥିଲେ । ସେଇଥି ପାଇଁ ଏବର୍ଷ ମାର୍ଚ୍ଚ ୩୦ ତେଇଁ ୩୧ ହେବାମାତ୍ରେ କ୍ୟାଲେଣ୍ଡର ରେ କଳ୍ୟାତୀତାବ୍ଦ ବା ଯୁଗାବ୍ଦ ୫୧୨୫ ରୁ ୫୧୨୬ ହୋଇଯିବ ଓ ସମ୍ବତ୍ ବା ବିକ୍ରମ ସମ୍ବତ ହେବ ୨୦୮୧ ରୁ ୨୦୮୨ । ହଜାର ହଜାର ବର୍ଷଧରି ଏହି କାଳ ଗଣନା ଆମ ଦେଶରେ ଚଳି ଆସିଛି ଓ ଏହା ଆମର ନିଜସ୍ୱ । ସମୟର ଆବଶ୍ୟକତା କୁ ଦୃଷ୍ଟିରେ ରଖି ନୂତନତା କୁ ଅପଣେଇବାରେ ଆପତ୍ତି ନାହିଁ , କିନ୍ତୁ ଆତ୍ମପରିଚୟକୁ ଜଳାଞ୍ଜଳି ଦେଇକରି କେବେ ନୁହେଁ । ପଡୋଶୀଘରର ମାଉସୀଙ୍କୁ ସମ୍ମାନ କରିବା ବହୁତ ଭଲ, ସେଥିପାଇଁ ସାଧୁବାଦ । ହେଲେ, ଭ୍ରାନ୍ତି ର ବଶବର୍ତ୍ତୀ ହୋଇ ପ୍ରତିବଦଳରେ ନିଜର ମାଆଙ୍କୁ ଚିରାକନା ପିନ୍ଧେଇ ଦାଣ୍ଡରେ ବସେଇଦେଲେ , କେବଳ ଧିକ୍କାର ହିଁ ପ୍ରାପ୍ୟ ହେବ । ୨) ଠିକ୍ ସେମିତି ଏପ୍ରିଲ ୧ ତାରିଖ ଦିନ ପାଳନ ହେବ ଉତ୍କଳ ଦିବସ( ୦୧.୦୪.୧୯୩୬) । ଓଡ଼ିଶା ପାଇଁ ୧୫୬୦ ରୁ ୧୯୩୬ ମସିହାର କାଳଖଣ୍ଡଟି ଇତିହାସର ଏକ ଅଭିଶପ୍ତ ଅଧ୍ୟାୟ । ଷୋଡ଼ଶ ଶତାବ୍ଦୀର ପୂର୍ବବର୍ତ୍ତୀ ହଜାର ହଜାର ବର୍ଷର ଇତିହାସରେ କିନ୍ତୁ ଏ ଭୂଖଣ୍ଡ ନିରବଚ୍ଛିନ୍ନ ଭାବରେ ନିଜର ଗୌରବ ଅକ୍ଷୁର୍ଣ୍ଣ ରଖିଥିଲା । ଏପରିକି କଳିଙ୍ଗ ଯୁଦ୍ଧରେ ମଧ୍ୟ ସମ୍ରାଟ ଅଶୋକ ଏହାର ଶକ୍ତିକୁ ସମ୍ପୂର୍ଣ୍ଣଭାବେ ପଦାନତ କରିପାରି ନାହାଁନ୍ତି ।ଆଜି ବିନମ୍ରତାର ସହିତ ଏକ ଛୋଟିଆ ପ୍ରଶ୍ନ : ଉତ୍କଳ ଦିବସ ତ ଆମେ ପାଳନ କରୁଛେ ଓ କରିବା , କିନ୍ତୁ ଜଣେ ଓଡ଼ିଆ ଭାବରେ ଆମେ କେତେ ଗର୍ବିତ ଓ କେତେ ଦାୟିତ୍ୱଶୀଳ ? ?ବେଶି ନୁହେଁ, ଆଉ ମାତ୍ର ତିରିଶ ବର୍ଷ ପରେ ଓଡ଼ିଆ ଭାଷାର ସ୍ଥିତି ଓ ସ୍ୱରୂପ କେମିତି ହେବ ତାହା କେବଳ ଏଇ ଗୋଟିଏ ଦୁଇଟି କଥାରୁ ଜଣାପଡିଯିବ : ଆମର ପରବର୍ତ୍ତୀ ପ୍ରଥମ ପିଢି ରେ କେତେଜଣ ଓଡ଼ିଆରେ ଲେଖିପଢି ପାରନ୍ତି ? ? ଆଉ ଦ୍ୱିତୀୟ ପିଢ଼ି ଟି ବିଷୟ ନକହିଲେ ଭଲ ।ଷାଠିଏ ବୟସ ଛୁଇଁଥିବା, ସମସାମୟିକ ଆମେ ସମସ୍ତେ ଓଡ଼ିଆ ଲେଖି ପଢି ପାରୁଥିଲେ ମଧ୍ୟ ଏହାର ବ୍ୟବହାର ରେ ଆଜି ଆମର ଆନ୍ତରିକତା କେତେ ? ଏବେ ଆମେ ବ୍ୟବହାର କରୁ କି ଆମର ମାତୃଭାଷା କୁ ପଦେ କିଛି ଲେଖିଲା ବେଳକୁ, କାଗଜରେ ହେଉ ବା ମୋବାଇଲ୍ ରେ ? ? ଆଉ ତିରିଶ ବର୍ଷ ପରେ ପିଲାମାନଙ୍କର ଆନ୍ତରିକତା ଯେଉଁ ସ୍ତରରେ ପହଞ୍ଚିଥିବ ସେଇଥିରୁ ହିଁ ଆମ ମାତୃଭାଷା ର ଭବିଷ୍ୟତ ଜଳଜଳ ଦିଶୁଛି !!ଏବର ବଡ଼ବଡ଼ ଲୋକମାନେ, ବିଲାତି ନୁହଁନ୍ତି ,ଦେଶୀ ଓଡିଆ ସାହେବ ସାହେବାଣୀ ମାନେ , ତାଙ୍କ ଘରର କୁକୁର ସହିତ ବାଟ ଘାଟରେ ବି ଇଂରାଜୀ ରେ କଥାବାର୍ତ୍ତା କରନ୍ତି : 'ହା..ଇ.. ଟାଇଗର୍ , କମ୍ ହିଅର । ଗୁଡ୍ ବୟ । ସିଟ୍ ଡାଉନ୍ ....' ତେଣୁ , ସେମାନେ ପିଲାମାନଙ୍କ ସହିତ ଘରେ ଓଡ଼ିଆରେ କଥାବାର୍ତ୍ତା କରିବା ପ୍ରଶ୍ନ ଟି ଉଠାଇବା ନାହିଁ ।ଏବେକାର ପିଲାମାନଙ୍କ ଭିତରୁ ତପସ୍ୱିନୀ, ଚିଲିକା, ନୀଳଶୈଳ, ଛଅମାଣ ଆଠଗୁଣ୍ଠ କେତେଜଣ ପଢିଥିବେ ପଚାରିବି ନାହିଁ , କେବଳ ପଚାରିବି, ସେମାନଙ୍କ ଭିତରୁ କେତେଜଣ ଗୋଟିଏ ଲେଖାଏଁ ଧାଡି ମାତ୍ର କହି ପାରିବେ ସାରଳା ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ରାଧାନାଥ ରାୟ, ଗଙ୍ଗାଧର ମେହେର କି ଗୋଦାବରୀଶ ମହାପାତ୍ର ଙ୍କ ଉପରେ !ଆମ ପିଲାମାନେ କେବେ ବି ଥରେ ସଂଯୁକ୍ତା ପାଣିଗ୍ରାହୀ, ସୁନନ୍ଦା ପଟ୍ଟନାୟକ, ବାଳକୃଷ୍ଣ ଦାଶ,ରଘୁନାଥ ପାଣିଗ୍ରାହୀ, ଗୁରୁ କେଳୁଚରଣ ଙ୍କ ବିଷୟରେ ଶୁଣିବାର ଅବସର ପାଉଛନ୍ତି କି ?ଆମେ କେବେ ସୁଯୋଗ ଦେଇଛେ ଆମର ପିଲାଙ୍କୁ , ଗଜପତି କୃଷ୍ଣଚନ୍ଦ୍ର ଦେବ, ବୀର ସୁରେନ୍ଦ୍ର ସାଏ , ମଧୁ ବାବୁ, ଉତ୍କଳମଣି କିମ୍ବା ପଠାଣି ସାମନ୍ତ ଙ୍କ ବିଷୟରେ ଜାଣିବା ପାଇଁ !! ମାତ୍ର ଅଳ୍ପକିଛି ମହାପୁରୁଷଙ୍କ ନାମ ଉଲ୍ଲେଖ କରିଛି, ସେହିପରି ଶହଶହ ପ୍ରାତଃ ସ୍ମରଣୀୟ ଙ୍କୁ ଜନ୍ମ ଦେଇଛି ରତ୍ନଗର୍ଭା ଏଇ ମାଟି ।ସ୍ୱାଧୀନତା ପରେ, ପଚାଶ ,ଷାଠିଏ ଓ ସତୁରୀ ଦଶକରେ ଜନ୍ମ ନେଇଥିବା ଆମ ଭିତରୁ ପ୍ରାୟ ସମସ୍ତଙ୍କର ଆତ୍ମ ସମୀକ୍ଷା ର ସମୟ ହୁଏତ ଆସିଛି , ତାହାହେଲା : ବର୍ତ୍ତମାନର ଏ ବିକଟ ପରିସ୍ଥିତି ପାଇଁ ଆମର ଅବଦାନ କେତେ, ତା'ର ଆକଳନ କରିବା ; ତାହା ପୁଣି ନିରପେକ୍ଷ ଭାବରେ । ଏଠି ସରକାର କିମ୍ବା ବ୍ୟବସ୍ଥା ଆଡ଼କୁ ଆଙ୍ଗୁଳି ଦେଖାଇବା ଚଳିବ ନାହିଁ !!ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ନିଜର ତନ ମନ ଧନ ସମର୍ପଣ କରିଥିବା ସେନାପତି ମାନେ ସେତେବେଳେ ଏ ଜାତିର ଦୁର୍ଗତି ଦେଖି ଗାଇଥିଲେ .......' ମାଆ ମାଆ ବୋଲି କେତେ ମୁଁ ଡାକିଲି ମାଆ କୁ ପାଇଲି ନାହିଁ ........'କାରଣ ସେତେବେଳେ ଓଡ଼ିଆ ର ସ୍ୱତନ୍ତ୍ର ପରିଚୟ କିଛି ନଥିଲା । ସବୁକିଛି ହଜି ଯାଇଥିଲା । ସେହି ଯୋଦ୍ଧାମାନଙ୍କ ବଳିଦାନରୁ ଆମେ ଆମର ହୃତ ପରିଚୟ ଫେରି ପାଇଲେ, ଜୀବନଦାନ ପାଇଲା ସ୍ୱତନ୍ତ୍ର ଓଡ଼ିଶା । ହେଲେ, ଶହେଟି ବର୍ଷ ବି ନପୁରୁଣୁ ପୁଣି ଦେଖାଦେଲାଣି ସେଇ ଏକା ସମସ୍ୟା ।ଯଦି ଯତ୍ନ ନ ନିଆଯାଏ, ତେବେ ନିଜର ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ...ଭିତରେ ନିହିତ ଅପାର ଐଶ୍ୱର୍ଯ୍ୟ ର ଜ୍ୟୋତିପିଣ୍ଡ କୁ ଜାଣିନପାରି ଆମର ଦାୟାଦ ମାନେ ସ୍ୱପରିଚୟବିହୀନ ହୋଇ ସାମାନ୍ୟ ଜୁଳୁଜୁଳିଆ ପୋକଙ୍କ ଗହଣରେ ବି ଝାଉଁଳି ପଡି ମୁହଁ ଲୁଚେଇ ରହିବେ !!ସମୟ ଅତିକ୍ରାନ୍ତ ହୋଇଯାଉଥିଲେ ବି ପୁରାପୁରି ଅନ୍ଧକାର ହୋଇନାହିଁ । ଏବେ ବି ପ୍ରାୟଶ୍ଚିତ କରିବାର ଅବସର ରହିଛି ।

**ଖଣ୍ଡଗିରିବାରୀ,ଘାଟିକିଆ,ଖଣ୍ଡଗିରି,**
**ଭୁବନେଶ୍ୱର-୩୦**
**ମୋ-୮୯୭୧୭୦୬୭୯୦**



# ପୁଣି ‘ ହିରୋଇନ୍ ହେବେ ରକୁଲ

ରିଲିଜ୍ ହୋଇଥିବା ‘ଦେ ଦେ ପ୍ୟାର ଦେ’ ଫିଲ୍ମ ମାଧ୍ୟମରେ ଅଭିନେତା ଅଜୟ ଦେବଗନ୍‌ଙ୍କ ସହ ନଜର ଆସିଥିଲେ ରାକୁଲପ୍ରୀତ ସିଂହ। ଫିଲ୍ମରେ ତାଙ୍କର ଅଭିନୟକୁ ଉଚ୍ଛ୍ୱସିତ ପ୍ରଶଂସା ମିଳିଥିଲା। ଏହାପରେ ‘ରନ୍‌ୱେ ୩୪’ରେ ଦର୍ଶକେ ପୁଣି ସେମାନଙ୍କର ଯୋଡ଼ିକୁ ଦେଖିବାକୁ ପାଇଥିଲେ। ଏବେ ତୃତୀୟ ଥର ଲାଗି ରକୁଲ ଅଜୟଙ୍କ ସହ ‘ଥ୍ୟାଙ୍କ୍ ଗଡ୍ ?’ରେ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି । ଫିଲ୍ମଟି ଚଳିତବର୍ଷ ଦୀପାବଳିରେ ରିଲିଜ୍ ହେବ। ଭୂଷଣ କୁମାରଙ୍କ ଦ୍ୱାରା ନିର୍ମିତ ‘ଥ୍ୟାଙ୍କ୍ ଗଡ୍’ ଏକ କମେଡି ଫିଲ୍ମ। ସେଥିରେ ଅଜୟ ଦେବଗନ୍, ରାକୁଲପ୍ରୀତଙ୍କ ବ୍ୟତୀତ ସିଦ୍ଧାର୍ଥ ମଲହୋତ୍ରାଙ୍କୁ ବି ଦର୍ଶକେ ଦେଖିବାକୁ ପାଇବେ। ଇନ୍ଦ୍ର କୁମାର ଏହାର ନିର୍ଦ୍ଦେଶନାରେ ଅଛନ୍ତି। ଏ ସମ୍ପର୍କରେ ଏକ ସାକ୍ଷାତକାରରେ ରାକୁଲ କହିଛନ୍ତି, ଅଜୟ ହେଉଛନ୍ତି ଏମିତି ଜଣେ ଅଭିନେତା ଯାହାଙ୍କ ସହ କାମ କରିବାକୁ ସମସ୍ତେ ଇଚ୍ଛା ପ୍ରକାଶ କରନ୍ତି। ତାଙ୍କ ଫିଲ୍ମରେ ସବୁବେଳେ ଏକ ନୂଆ ପଣ ଦେଖିବାକୁ ମିଳେ। ତାଙ୍କ ସହ ଅଭିନୟ କରି ମୁଁ ଅନେକ କଥା ଶିଖିବାକୁ ପାଇଛି। ‘ଥ୍ୟାଙ୍କ୍ ଗଡ୍’କୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା। ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଏହି ଫିଲ୍ମ ବ୍ୟତୀତ ରାକୁଲଙ୍କୁ ଆଗକୁ ‘ଡକ୍ଟର ଜି’ରେ ଦେଖିବାକୁ ମିଳିବ । ସେଥିରେ ତାଙ୍କ ସହ ଆୟୁଷ୍ମାନ ଖୁରାନା ନଜର ଆସିବେ । ଏହାଛଡ଼ା ‘ଛତ୍ରୀୱାଲି’ରେ ବି ତାଙ୍କୁ ଦର୍ଶକେ ଦେଖିବାକୁ ପାଇବେ।

# କୋଷ୍ଠକାଠିନ୍ୟ ଦୂର କରିଥାଏ ରସୁଣ

ସାଧାରଣତଃ ଆମେ ରସୁଣକୁ ଖାଦ୍ୟରେ ମସଲାଦ୍ରବ୍ୟ ଭାବେ ବ୍ୟବହାର କରିଥାଉ। କାରଣ ରସୁଣ କୌଣସି ବି ପ୍ରକାର ବ୍ୟଞ୍ଜନକୁ ସ୍ୱାଦିଷ୍ଟ କରାଇଥାଏ। ମାତ୍ର ରସୁଣ ମଧ୍ୟରେ ଏପରି ଗୁଣକାରୀ ତତ୍ୱ ରହିଛି ଯାହା ଆପଣଙ୍କୁ ଅନେକ ରୋଗରୁ ଉପଶମ ଦେଇଥାଏ। କାରଣ ରସୁଣରେ ବହୁମାତ୍ରାରେ ରୋଗ ପ୍ରତିରୋଧକ ଶକ୍ତି ଭରପୂର ମାତ୍ରାରେ ରହିଥାଏ। ଆୟୁର୍ବେଦରେ ରସୁଣକୁ ଔଷଧ ବୋଲି କୁହନ୍ତି। ଆପଣ ରସୁଣକୁ ଯେପରି ପ୍ରକ୍ରିୟାରେ ହେଉ ମଧ୍ୟ ନିଜ ଖାଦ୍ୟରେ ସାମିଲ କରିବା ଉଚିତ। ମାତ୍ର ପ୍ରତିଦିନ ସକାଳେ ଖାଲି ପେଟରେ ରସୁଣ ଖାଇବାଦ୍ୱାରା ଅଧିକ ଫାଇଦା ମିଳିଥାଏ। ରସୁଣ ହୃଦୟ ସମ୍ବନ୍ଧିତ ସମସ୍ୟାରୁ ମୁକ୍ତି ଦେଇଥାଏ। ରସୁଣ ଖାଇବାଦ୍ୱାରା ରକ୍ତ ଜମାଟ ବାନ୍ଧେ ନାହିଁ ଏବଂ ହୃଦରୋଗଜନିତ ସମସ୍ୟା କମ୍ ଦେଖାଯାଇଥାଏ। ରସୁଣ ଏବଂ ମହୁ ମିଶାଇ ଖାଇବାଦ୍ୱାରା ହୃଦୟ ପରିଷ୍କାର ରହିଥାଏ। ଯାହାଦ୍ୱାରା ହୃଦୟ ପର୍ଯ୍ୟନ୍ତ ସଠିକଭାବେ ରକ୍ତ  ସଂଚାଳିତ ହୋଇଥାଏ। ପେଟଜନିତ ରୋଗ ଯଥା ଡାଇରିଆ କିମ୍ବା କୋଷ୍ଠକାଠିନ୍ୟ ରୋଗରୁ ମୁକ୍ତି ରସୁଣକୁ ଔଷଧରୂପେ ବ୍ୟବହର କରିବାଦ୍ୱାରା ସୁଫଳ ମିଳିଥାଏ। ପାଣିକୁ ଫୁଟାଇ ସେଥିମଧ୍ୟରୁ କିଛି ରସୁଣ ପାଖୁଡା ପକାନ୍ତୁ। ଖାଲିପେଟରେ ଏହି ପାଣିକୁ ସେବନ କରନ୍ତୁ ଏହାଦ୍ୱାରା ପେଟ ରୋଗରୁ ସୁଫଳ ମିଳିବ। କେବଳ ଏହା ନୁହେଁ ଶରୀର ଭିତରେ ମହଜୁଦ ଥିବା ବିଷାକ୍ତ ପଦାର୍ଥକୁ ମଧ୍ୟ ଶରୀରରୁ ନିର୍ଗତ କରିବାରେ ସହାୟତା କରେ।

# ଗରମ ପାଇଁ ୭ ଜଣରେ ଜଣେ ଅସୁସ୍ଥ

ଦିନକୁ ଦିନ ପୃଥିବୀର ତାପମାତ୍ରା ବଢୁଛି। ଅନ୍ୟପକ୍ଷରେ ଦାରିଦ୍ର୍ୟ ମଧ୍ୟରେ ବାସ କରୁଥିବା ଲୋକମାନେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକ ଉପକରଣ କିମ୍ବା ନିରନ୍ତର ବିଜୁଳି ଯୋଗାଣର ସୁବିଧା ପାଉନାହାନ୍ତି। ଏଥିପାଇଁ ବିଶ୍ୱରେ ପ୍ରତି ୭ ଜଣରେ ଜଣଙ୍କ ଜୀବନ ପ୍ରତି ସ୍ୱାସ୍ଥ୍ୟଜନିତ ବିପଦ ରହିଛି। ବିଶ୍ୱରେ ୧୨୦ କୋଟି ଲୋକ ଏଭଳି ଭୟଙ୍କର ବିପଦର ସମ୍ମୁଖୀନ ହେଉଛନ୍ତି। ରୁଆଣ୍ଡାର କିଗାଲି ଠାରେ ଗ୍ଲୋବାଲ ଏନର୍ଜି ଫୋରମରେ ଉନ୍ମୋଚିତ ‘ସଷ୍ଟେନବେଲ୍ ଏନର୍ଜି ଫର ଅଲ୍’ ଆନୁଆଲ ରିପୋର୍ଟ ଚିଲିଂ ପ୍ରସପେକ୍ଟସ: ଟ୍ରାକିଂ ସଷ୍ଟେନେବଲ୍ କୁଲିଂ ଫର ଅଲ୍ ୨୦୨୨ ଉନ୍ମୋଚନ ଅବସରରେ ଏଭଳି ତଥ୍ୟ ପଦାକୁ ଆସିଛି। ଅତ୍ୟଧିକ ତାପମାତ୍ରା ଯୋଗୁ ସମାଜରେ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହୋଇଛି। କାରଣ ବିଭିନ୍ନ ପ୍ରକାର କୁଲିଂ ସାମଗ୍ରୀ ସେମାନଙ୍କ ହାତପାଆନ୍ତାରେ ରହୁନାହିଁ। କୁଲିଂ ସୁବିଧା ଯୋଗାଣ ନେଇ ଯଦି ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରାନଯିବ ତାହେଲେ ଲୋକଙ୍କ ଜୀବନ ପ୍ରତି ବିପଦ ଅଧିକ ରହିବ। ବିଶ୍ୱର ୭୬ଟି ଦେଶରେ କୁଲିଂ ସୁବିଧା ପାଇବା ନେଇ ରହିଥିବା ସମସ୍ୟାକୁ ଉକ୍ତ ରିପୋର୍ଟରେ ଅନୁଧ୍ୟାନ କରାଯାଇଛି। ବିଶ୍ୱରେ ୧୨୦ କୋଟି ଲୋକଙ୍କ ପାଖରେ କୁଲିଂ ସୁବିଧା ନଥିବାରୁ ଅଧିକ ତାପମାତ୍ରାରେ ବଞ୍ଚିରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। କେବଳ ସେତିକି ନୁହେଁ, ପୁଷ୍ଟିକର ଖାଦ୍ୟ ସାଇତି ରଖିବା ଏବଂ ନିରାପଦରେ ଟିକା ନେବା ସମସ୍ୟା ସୃଷ୍ଟି ହୋଇଛି। ବର୍ତ୍ତମାନର ଧାରା ଅବ୍ୟାହତ ରହିଲେ ଆହୁରି ଅଧିକ ଲୋକ ଚଳିତ ଦଶନ୍ଧି ଶେଷବେଳକୁ ଅସୁବିଧାରେ ରହିଥିବେ। କିନ୍ତୁ ସମସ୍ତଙ୍କୁ ବିଜୁଳି ସୁବିଧା ଉପଲବ୍ଧ ହେଲେ ଏବଂ ଉତ୍କଟ ଦାରିଦ୍ର୍ୟ ହ୍ରାସ ପାଇଲେ ଜୀବନ ପ୍ରତି ଅଧିକ ବିପଦ ଥିବା ଲୋକଙ୍କ ସଂଖ୍ୟା ୩୬ ପ୍ରତିଶତ ବା ୪୫ କୋଟିରୁ ଅଧିକ ହ୍ରାସ ପାଇବ। ବିଶ୍ୱର କୋଟି କୋଟି ଲୋକଙ୍କ ପାଇଁ ଏହି ରିପୋର୍ଟ ଚିନ୍ତା ଉଦ୍ରେକକାରୀ ବିଷୟ ହୋଇଛି। ତାପମାତ୍ରା ଯେତେବେଳେ ଗ୍ରୀଷ୍ମଲହରୀ ସ୍ତରକୁ ଯାଉଛି ସେତେବେଳେ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ ବନ୍ଦ ରହିପାରିବ ନାହିଁ। ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚୁଛନ୍ତି କିମ୍ବା ଯେଉଁମାନଙ୍କ ନିକଟରେ ସୁଲଭ ଏବଂ ନିରନ୍ତର ଶକ୍ତି ପହଞ୍ଚି ପାରୁନାହିଁ କୁଲିଂ ଉତ୍ପାଦ ବିନା ସେହି ପରିବେଶ ସହିତ ଖାପ ଖୁଆଇ ଚଳିବା କଷ୍ଟକର ହୋଇପଡ଼ିଛି। ୨୦୧୪ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆକଳନ କରାଯାଇଥିଲା ଯେ ଗ୍ରୀଷ୍ମଲହରି ଯୋଗୁ ବିଶ୍ୱରେ ବର୍ଷକୁ ୧୨ ହଜାର ଲୋକଙ୍କ ଜୀବନ ଯିବ। କିନ୍ତୁ ୮ ବର୍ଷ ପରେ ଏହି ସମସ୍ୟା ବହୁଗୁଣିତ ହୋଇଥିବା ଦେଖାଦେଉଛି। ଲାନସେଟର ଏକ ନୂଆ ରିପୋର୍ଟରୁ ଜଣାଯାଇଛି ଯେ ଅତ୍ୟଧିକ ଗରମ ଯୋଗୁ ୨୦୧୯ରେ କେବଳ ୩,୫୬,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଭାରତର ମୋଟ ଲୋକସଂଖ୍ୟାରୁ ୩୬ ପ୍ରତିଶତ ହେଉଛନ୍ତି ଗ୍ରାମାଞ୍ଚଳର ଗରିବ ଲୋକ। ଯଦିଓ ସେମାନଙ୍କ ନିକଟରେ ପାଖାପାଖି ୧୦୦ ପ୍ରତିଶତ ବିଜୁଳି ପହଞ୍ଚି ରହିଛି କିନ୍ତୁ ଶୀତଳତା ପ୍ରଦାନକାରୀ ଉପାଦାନ ନାହିଁ। ଭାରତର ୧୪୦ କୋଟି ଲୋକରେ ମାତ୍ର ୧୬.୨ କୋଟି ରେଫ୍ରିଜରେଟର ରହିଛି ବୋଲି କୁହାଯାଇଛି।



# ରହସ୍ୟମୟ କଣ୍ଢେଇ ଦ୍ୱୀପ



ମେକ୍ସିକୋ ସହରର ଦକ୍ଷିଣ ଭାଗରେ ଜୋଚିମିଲ୍‌କୋ କେନାଲ କଡ଼ରେ ରହିଥିବା କଣ୍ଢେଇ ଦ୍ୱୀପ (ସ୍ପେନୀୟ ଭାଷାରେ ‘ଲା ଇସଲା ଡି ଲାସ ମୁନେକାସ’) ସମ୍ପ୍ରତି ବିଶ୍ୱବ୍ୟାପୀ ପର୍ଯ୍ୟଟକମାନଙ୍କର ଅନ୍ୟତମ ଆକର୍ଷଣସ୍ଥଳୀ ପାଲଟିଛି। ସେଠାରେ ଦ୍ୱୀପ ସାରା ସମସ୍ତ କୋଠାବାଡ଼ି, ଖୁଣ୍ଟ ଓ ଗଛଡାଳ ଆଦି ବିଭିନ୍ନ ଭଙ୍ଗୀ ଏବଂ ଆକାରର କଣ୍ଢେଇମାନ ଝୁଲୁଥିବା ଦେଖାଯାଏ। ଏପରିକି ଦୀର୍ଘଦିନ ଧରି ଝୁଲି ରହିଥିବା ଏହି କଣ୍ଢେଇଗୁଡ଼ିକର ଚାରିପାଖେ ବୁଢ଼ିଆଣି ଜାଲ ମାଡ଼ି ଏକ ରହସ୍ୟମୟ ପରିବେଶର ଭ୍ରମ ସୃଷ୍ଟି କରିଥାଏ। ଏହି କଣ୍ଢେଇଗୁଡ଼ିକୁ ଉକ୍ତ ଦ୍ୱୀପର ପୂର୍ବତନ ମାଲିକ ଜୁଲିଆନ ସାଣ୍ଟାନା ଏପରି ସ୍ଥାନିତ କରିଥିବା ଜଣାଯାଏ। ୨୦୦୧ ମସିହାରୁ ବାରେରାଙ୍କର ଦେହାନ୍ତ ହୋଇ ଯାଇଥିବା ବେଳେ ସେ କଣ୍ଢେଇମାନଙ୍କୁ ଏମିତି ଝୁଲାଇବା ପଛରେ ଏକ ରୋଚକ କାରଣ ମଧ୍ୟ ରହିଛି। ବିଗତ ପଚାଶ ଦଶକରେ ଉକ୍ତ ଦ୍ୱୀପରେ ଜଣେ ବାଳିକାର ନିକଟ କେନାଲ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିଲା। ତେବେ ତାହାକୁ ବଞ୍ଚାଇ ପାରିନଥିବା ଦୁଃଖରେ ଏବଂ ତାହାରି ସ୍ମୃତିରେ ବାରେରା ଏପରି ବାଳିକା କଣ୍ଢେଇମାନଙ୍କୁ ଦ୍ୱୀପ ସାରା ଝୁଲାଇ ରଖିବାକୁ ନିଷ୍ପତ୍ତି ନେଇଥିଲେ। ସେ ଯେତେବେଳେ ଦ୍ୱୀପ ବାହାରକୁ ଯାଆନ୍ତି ନୂଆ ନୂଆ କଣ୍ଢେଇ ଆଣି ଗଛ ଡାଳରେ ଟାଣି ଦେଇଥାନ୍ତି। ବର୍ଷା, ପବନ ଓ ଧୂଳିମାଡ଼ରେ କଣ୍ଢେଇଗୁଡ଼ିକ କ୍ରମେ କିଂଭୂତକିମାକାର ହେବା ଆରମ୍ଭ କରିଥିଲେ। କାହାର ପାଦ ନାହିଁ ତ କାହାର ଡେଣା ନାହିଁ, କାହାର ଆଖି କୋରଡ଼ ଭିତରେ ତ କାହାର ପାଟି ଗୁମ୍ଫା ପରି, ଏପରି କଣ୍ଢେଇଗୁଡ଼ିକ ଅତ୍ୟନ୍ତ ବିକୃତ ଓ ବୀଭତ୍ସ ମଧ୍ୟ ଦେଖାଯାଉଛନ୍ତି। ତେବେ ସେଗୁଡ଼ିକ ଅସ୍ୱାଭାବିକ ଅବସ୍ଥାରେ ଅଦ୍ୟାବଧି ଝୁଲି ରହି ଏକ ନିଆରା ରହସ୍ୟମୟ ଅନୁଭବ ଆଣିଥାଏ।

# ନରୱେର ହେମରଫେଷ୍ଟ ସହରରେ ୪୦ ମିନିଟ୍ ପାଇଁ ହୋଇଥାଏ ରାତି

ସୂର୍ଯ୍ୟ ଏଠାରେ ଜମାବି ହୁଅନ୍ତି ନାହିଁ ଅସ୍ତ। ରାତି ମାତ୍ର ୪୦ ମିନିଟ୍ ହୋଇଥାଏ। ବାକି ସମୟରେ ହୋଇଥାଏ ଦିନ। ବିଶ୍ୱାସ ନହେଲେ ମଧ୍ୟ କଥାଟି ସତ । ବିଶ୍ୱର ଏଭଳି ବି ସ୍ଥାନ ରହିଛି। ଯେଉଁଠି ମାତ୍ର ୪୦ ମିନିଟ ପାଇଁ ହୋଇଥାଏ ରାତି। ଦିନସାରା ଲୋକ ଥକାପଣ ହଟାଇବା ପାଇଁ ରାତିର ଅପେକ୍ଷାରେ ରହିଥାନ୍ତି। ସୃଷ୍ଟିର ନିୟମ ଅନୁସାରେ ରାତିରେ ସମସ୍ତେ ବିଶ୍ରାମ ନେଇଥାନ୍ତି। କିନ୍ତୁ ଯେଉଁଠି ମାତ୍ର ୪୦ ମିନିଟ ପାଇଁ ରାତି ହୋଇଥାଏ ସେଠାକାର ଲୋକେ କିଭଳି ଚଳୁଥିବେ ତାହା ଆପଣ ଭାବି ପାରୁଥିବେ। ତେବେ ନରୱେର ହେମରଫେଷ୍ଟ ସହରରେ ମାତ୍ର ୪୦ ମିନିଟ ପାଇଁ ହୋଇଥାଏ ରାତି। ରାତି ୧୨ଟା ୪୩ରେ ସୂର୍ଯ୍ୟ ଅସ୍ତ ହେଉଥିବାବେଳେ ମାତ୍ର ୪୦ ମିନିଟରେ ପରେ ପୁଣିଥରେ ଉଦୟ ହୋଇଥାନ୍ତି। ବର୍ଷରେ ମେ’ରୁ ଜୁଲାଇ ପର୍ଯ୍ୟନ୍ତ ୭୬ଦିନ ସୂର୍ଯ୍ୟ ଅସ୍ତ ହୋଇନଥାନ୍ତି । ଯେଉଁଠି ନରୱେକୁ ‘ଲ୍ୟାଣ୍ଡ ଅଫ୍ ମିଡ୍ ନାଇଟ୍ ସନ୍’ ବୋଲି ମଧ୍ୟ କୁହାଯାଏ । ଦେଶର ପୂର୍ବରେ ସ୍ୱିଡେନ ଏବଂ



ଉତ୍ତରରେ କିଛି ସ୍ଥାନ ଫିନଲ୍ୟାଣ୍ଡ ଏବଂ ରଷିଆ ସୀମା ସହ ରହିଛି । ତେବେ ଏଠାକାର ପ୍ରାକୃତିକ ପରିବେଶ କିଛି ନିଆରା ରହିଥାଏ। ତେବେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠାରେ ରାତିରେ ମଧ୍ୟ ସୂର୍ଯ୍ୟ ଉଦୟ ହୋଇଥାନ୍ତି। ସ୍ୱିଡେନରେ ମଧ୍ୟ ମଧ୍ୟରାତ୍ରରେ ଦିନର ମଜା ନେଇପାରିବେ। ଏଠାରେ ମଧ୍ୟ ଅଧରାତିରେ ସୂର୍ଯ୍ୟଉଦୟ ହୋଇଥାନ୍ତି। ମେ ଆରମ୍ଭରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଅଧରାତିରେ ସୂର୍ଯ୍ୟ ଅସ୍ତ ହୋଇଥାନ୍ତି। ୟୁରୋପର ଆଇସଲ୍ୟାଣ୍ଡରେ ମଧ୍ୟ ମଧ୍ୟରାତ୍ରରେ ସୂର୍ଯ୍ୟ କିରଣ ମଜା ନେଇପାରିବେ। ୧୦ ମେ’ଠାରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ସୂର୍ଯ୍ୟଅସ୍ତ ହୋଇନଥାଏ। ଝରଣା, ପ୍ରାକୃତିକ ପରିବେଶରେ ଭରା ଏଠାକାର ସ୍ଥାନ ବେଶ ମନୋରମ ହୋଇଥାଏ। ସେପଟେ କାନାଡ଼ାର ମଧ୍ୟ କିଛି ଅଞ୍ଚଳରେ ଖରାଦିନେ ୫୦ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଅସ୍ତ ହୋଇନଥାନ୍ତି।

# ଗ୍ରହରେ ପାଣି ବଦଳରେ ହୁଏ ପଥର ବର୍ଷା

ବର୍ତ୍ତମାନ ସମୟରେ ବିଜ୍ଞାନ ଏତେ ବିକାଶ କରିଛି ଯେ, କଠିନରୁ କଠିନ କାମ ମଧ୍ୟ ସହଜ ହୋଇଯିବ। ବିଜ୍ଞାନର ବିକାଶ କାରଣରୁ ବୈଜ୍ଞାନିକଙ୍କୁ ସୌରମଣ୍ଡଳର ଦୂରରେ ଥିବା ଗ୍ରହକୁ ଖୋଜିବାରେ ମଧ୍ୟ ସହଜ କରିନେଇଛି। ଉନ୍ନତ ଟେକ୍ନୋଲୋଜି ଓ ମହାକାଶରେ ହବଲ ଭଳି ଟେଲିସ୍କୋପର ସାହାଯ୍ୟରେ ବୈଜ୍ଞାନିକମାନେ ଏଭଳି ଅଦ୍ଭୁତ ଗ୍ରହ ଖୋଜିଛନ୍ତି, ଯାହା ବିଷୟରେ ଖୋଜି ବାହାର କରିବା କଷ୍ଟକର ଥିଲା। ବୈଜ୍ଞାନିକମାନେ କିଛି ଦିନ ପୂର୍ବରୁ ଏଭଳି ଅଦ୍ଭୁତ ଗ୍ରହକୁ ଖୋଜି ବାହାର କରିବା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେବେ। ଏହା ଭିତରୁ ଗୋଟିଏ ଏଭଳି ଗ୍ରହ ରହିଛି ଯେଉଁଠି ପଥର ତରଳିବା ପରେ ବର୍ଷା ହୋଇଥାଏ, ସେଭଳି ଆଉ ଏକ ଗ୍ରହରେ ଟାଇଟାନିୟମ୍ ଭଳି ଧାତୁ ମଧ୍ୟ ବାମ୍ପ ପାଲଟି ଯାଇଥାଏ। ବୈଜ୍ଞାନିକମାନେ ଯେଉଁ ରହସ୍ୟମୟୀ ଦୁନିଆରେ ଦୁଇଟି ଗ୍ରହକୁ ଖୋଜିଛନ୍ତି, ସେହି ଦୁଇଟିର ଆକାର ଗୁରୁ ଗ୍ରହର ସମାନ ଥିଲା। ଏହି ଦୁଇଟି ଆମର ମିଲ୍‌କି ୱେ ଗାଲାକ୍ସିରେ ନିଜର ତାରାର ପାଖରେ ରହିଛି। ଏହି ଦୁଇଟି ଗ୍ରହ ତାରାର ଏତେ ପାଖରେ



ରହିଛି ଯେ, ଅଧିକ ତାପମାତ୍ରା କାରଣରୁ ଗରମ୍ ହୋଇଯାଇଥାଏ। ଏହି ଗ୍ରହ ଉପରେ ବାଷ୍ପିକୃତ ପଥର ବର୍ଷା ହେବା ଓ ଦ୍ୱିତୀୟଟିରେ ଟାଇଟାନିୟମ୍ ଭଳି ଶକ୍ତିଶାଳୀ ଧାତୁ ମଧ୍ୟ ବାମ୍ପ ହେବାର କାରଣରୁ ଅଧିକ ତାପମାତ୍ରା ରହିଥାଏ। ବୈଜ୍ଞାନିକମାନେ ଦୁଇଟି ଷ୍ଟଡିରେ ଏହି ଦୁଇଟି ରହସ୍ୟମୟୀ ଗ୍ରହ ବିଷୟରେ ବିସ୍ତାର ଭାବରେ କହିଛନ୍ତି। ଏବେ ଏଥିରେ ବୈଜ୍ଞାନିକମାନେ ଆମର ଆକାଶଗଙ୍ଗାରେ ବ୍ୟାପିଥିବା ବିବିଦ୍ଧତା, ଜଟିଳତା ଓ ଅଦ୍ଭୁତ ରହସ୍ୟ ବିଷୟରେ ଜାଣି ପାରିବେ। ବାହ୍ୟଗ୍ରହରୁ ବ୍ରହ୍ମାଣ୍ଡରେ ଗ୍ରହର ତନ୍ତ୍ରରେ ବିକଶିତ ହେବାର ବିବିଧତା ବିଷୟରେ ସୂଚନା ମିଳୁଛି। ନେଚର ଜର୍ଣ୍ଣାଲରେ ପ୍ରକାଶିତ ଷ୍ଟଡି ଅନୁସାରେ, ବୈଜ୍ଞାନିକମାନେ ହବଲ ସ୍ପେସ୍ ଟେଲିସ୍କୋପ୍ ମାଧ୍ୟମରେ ପୃଥିବୀରୁ ୧୩୦୦ ପ୍ରକାଶ ବର୍ଷ ଦୂରରେ ଥିବା ଡବ୍ଲୁଏଏସ୍‌ପି-୧୭୮ବି କୁ ଦେଖିଛନ୍ତି। ଏହାକୁ ଯେଉଁଠି ଦେଖାଯାଏ ସେଠାରେ ବାୟୁମଣ୍ଡଳରେ ସିଲିକନ୍ ମୋନୋଅକ୍ସାଇଡ୍ ଗ୍ୟାସ୍ କରିଥାଏ। ରିସର୍ଚ୍ଚରମାନେ କହିଛନ୍ତି ଯେ, ଏହି ଗ୍ରହରେ ଦିନରେ ବାଦଲ ନଥାଏ, କିନ୍ତୁ ରାତିରେ ଦୁଇ ହଜାର ମାଇଲ୍ ପ୍ରତି ଘଣ୍ଟା ବେଗରେ ପବନ ଚାଲିଥାଏ। ଏହି ରିସର୍ଚ୍ଚରେ କୁହାଯାଇଛି ଯେ, ଗ୍ରହଟି ନିଜର ତାରର ଖୁବ୍ ନିକଟରେ ରହିଛି। ଗ୍ରହର ଦ୍ୱିତୀୟ ପଟେ ଓ ସିଲିକନ୍ ମନୋଅକ୍ସାଇଡ୍ ଏତେ ପରିମାଣରେ ଥଣ୍ଡା ହୋଇଯାଇଥାଏ ଯେ, ତା କାରଣରୁ ବାଦଲରୁ ପାଣି ବଦଳରେ ପଥର ବର୍ଷା ହୁଏ। ସକାଳେ ଓ ସନ୍ଧ୍ୟାରେ ଗ୍ରହଟି ଏତେ ଅଧିକ ଗରମ ହୋଇଯାଏ ଯେ, ପଥରକୁ ମଧ୍ୟ ବାମ୍ପରେ ପରିଣିତ କରିଦେଇଥାଏ। ବୈଜ୍ଞାନିକମାନେ କହିଛନ୍ତି, ପ୍ରଥମ ଥର ସିଲିକନ୍ ମନୋଅକ୍ସାଇଡକୁ ଏଭଳି ରୂପରେ ଦେଖାଯାଉଛି।



# ବହୁଭାଷୀ ଫିଲ୍ମରେ ଉର୍ବଶୀ

ସିନେ ଦୁନିଆରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି ଅଭିନେତ୍ରୀ ଉର୍ବଶୀ ରୌତେଲା। ନିକଟରେ ଶେଷ ହୋଇଥିବା କାନ୍ ଫିଲ୍ମ ମହୋତ୍ସବରେ ସେ ରେଡ୍ କାର୍ପେଟ୍‌କୁ ଓହ୍ଲାଇଥିଲେ। ନିଜର ଦମ୍‌ଦାର ଲୁକ୍ ଜରିଆରେ ଦର୍ଶକଙ୍କୁ ସେ ମତୁଆଲା କରିଥିଲେ। ଏବେ ପୁଣି ଥରେ ନିଜର ଚମତ୍କାର ଲୁକ୍ ଜରିଆରେ ଫ୍ୟାନ୍‌ଙ୍କ ହୃଦୟ ଜିତିଛନ୍ତି । ପ୍ରଥମ ତାମିଲ ଫିଲ୍ମ ‘ଦ ଲିଜେଣ୍ଡ’ର ଟ୍ରେଲର ଲଞ୍ଚ୍ ସମୟରେ ଉର୍ବଶୀ କାଞ୍ଜିବରମ୍ ଶାଢ଼ିରେ ମଞ୍ଚକୁ ଓହ୍ଲାଇଥିଲେ। ପାରମ୍ପରିକ ପୋଷାକ ସହିତ ଗହଣା ତାଙ୍କ ଲୁକ୍‌କୁ ବହୁଗୁଣିତ କରୁଥିଲା। ଭାରତୀୟ ହେଉ ବା ପାଶ୍ଚାତ୍ୟ, ସେ ସର୍ବଦା ନିଜ ବ୍ୟକ୍ତିତ୍ୱର ପରିପ୍ରକାଶ କରିଛନ୍ତି । ଟ୍ରେଲର ଲଞ୍ଚ୍‌ରେ ୫୦ ହଜାର ଲୋକଙ୍କ ସମ୍ମୁଖରେ ଉର୍ବଶୀ ପ୍ରଦର୍ଶନ କରିଥିଲେ। ‘ଦ ଲିଜେଣ୍ଡ’ ଅନ୍ୟତମ ବହୁଭାଷୀ ଫିଲ୍ମ, ଯାହା ୨୦୦ କୋଟି ବଜେଟ୍‌ରେ ପ୍ରସ୍ତୁତ ହୋଇଛି। ଏହି ଫିଲ୍ମ ଜରିଆରେ ବହୁଭାଷୀ ଫିଲ୍ମରେ ଅଭିନୟ କରିବାର ସ୍ୱପ୍ନ ପୂରଣ ହୋଇଛି ବୋଲି ଟ୍ରେଲର ଲଞ୍ଚ୍ ସମୟରେ ଉର୍ବଶୀ କହିଛନ୍ତି। ଫିଲ୍ମରେ ପ୍ରେମ, ହାସ୍ୟରସ, ଆକ୍ସନ୍ ସମେତ ଅନେକ ଟ୍ୱିଷ୍ଟ ରହିଛି। ଏଥିରେ ଉର୍ବଶୀ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ଭୂମିକା ନିର୍ବାହ କରିଛନ୍ତି। ଶିକ୍ଷା ପଦ୍ଧତି ବିଷୟରେ ଏକ ବାର୍ତ୍ତା ମଧ୍ୟ ଏହି ଫିଲ୍ମ ଲୋକଙ୍କୁ ଦେଉଛି ବୋଲି ସେ କହିଛନ୍ତି। ଟ୍ରେଲର ଲଞ୍ଚ୍ ଅବସରରେ ଉର୍ବଶୀ ତାମିଲନାଡୁର ପାରମ୍ପରିକ ପୋଷାକ କାଞ୍ଜିବରମ୍ ଶାଢ଼ିକୁ ଚୟନ କରିଥିଲେ, ଯାହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତିନିଧିତ୍ୱ କରେ। ବିଶ୍ୱସ୍ତରରେ ଅନେକ କୃତିତ୍ୱ ହାସଲ କରି ଉର୍ବଶୀ ସର୍ବଦା ଲାଇମ୍‌ଲାଇଟ୍‌ରେ ରହିଛନ୍ତି । ନିକଟରେ ସ୍ମାଇଲ୍ ଟ୍ରେନ୍ ଫାଉଣ୍ଡେସନ୍ ପାଇଁ ସେ ପ୍ରଥମ ବିଶ୍ୱସ୍ତରୀୟ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି।

## ହନୁମାନ ଜୟନ୍ତୀ ଅବସରରେ କଳସାଧିବାସ ଓ ବିଶ୍ୱଶାନ୍ତି ଯଜ୍ଞର ଶୁଭାରମ୍ଭ



ଦାମନଯୋଡ଼ି, : ନାଲକୋ ଟାଉନସିପରେ ଅବସ୍ଥିତ ଓଡ଼ିଶାର ସର୍ବୋଚ୍ଚ ଶ୍ରୀଅଭୟ ଆଞ୍ଜେନେୟଙ୍କ ବିଗ୍ରହ ଓ ଅଷ୍ଟଧାତୁ ମୂର୍ତ୍ତୀଙ୍କ ୪ଦିନ ବ୍ୟାପି ହେଉଥିବା ଜୟନ୍ତୀ ଉତ୍ସବ ଉପଲକ୍ଷେ ପବିତ୍ର ଚୈତ୍ର ପୂର୍ଣ୍ଣମୀ ତିଥିରେ ଶନିବାର କଳସାଧିବାସ,ଆଚାର୍ଯ୍ୟାଦି ବରଣ,ମଣ୍ଡଳାଦି ପୂଜନ,ଅଗ୍ନି ସଂସ୍କାର ଓ ହବନ ଅନୁଷ୍ଠିତ ହୋଇଯାଇଛି ।ପୂଜାର୍ଚ୍ଚନା ପରେ ହନୁମାନ ବାଟିକା ପରିସରରେ ଥିବା ସରଯୁ ପୁଷ୍କରିଣୀରୁ କର୍ତ୍ତାକର୍ତ୍ତ୍ରୀ ଓ ଶ୍ରଦ୍ଧାଳୁ ମହିଳା କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ ।ହରିବୋଲ,ହୁଳହୁଳି,ପାରମ୍ପରିକ ବାଦ୍ୟ ଓ ସଙ୍କୀର୍ତ୍ତନ ସହିତ ଜୟ ଶ୍ରୀରାମ ଓ ଜୟ ବଜରଙ୍ଗବାଲି ନାରା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରୁ ଆସିଥିବା ପଣ୍ଡିତ ବିନୟ କୁମାର ମିଶ୍ର,ପଣ୍ଡିତ ଅଜୟ କୁମାର ଦାଶ,ପଣ୍ଡିତ ଜନାର୍ଦ୍ଦନ ମିଶ୍ର,ପଣ୍ଡିତ ବିଜୟା ନନ୍ଦ ଦାଶ,ପଣ୍ଡିତ ସର୍ବେଶ୍ୱର ନନ୍ଦ,ପଣ୍ଡିତ ପ୍ରଶାନ୍ତ କୁମାର ବ୍ରହ୍ମା,ମହେଶ୍ୱର ପଣ୍ଡା,ପଣ୍ଡିତ ଶ୍ରୀଧର କୁମାର ଦାଶ,ପଣ୍ଡିତ ଦୀନବନ୍ଧୁ ମହାପାତ୍ର,ପଣ୍ଡିତ ଶ୍ରୀଧର ରଥ,ପଣ୍ଡିତ ବିନୟ ଆଚାର୍ଯ୍ୟ,ପଣ୍ଡିତ ନରେନ୍ଦ୍ର ପତି ଓ ପଣ୍ଡିତ ପ୍ରିତମ ପାଲଙ୍କ ସହିତ ଶ୍ରୀଅଭୟ ଆଞ୍ଜେନେୟଙ୍କ ମନ୍ଦିରର ନିୟମିତ ପୂଜକ ବଳରାମ ରଥ ଓ ପ୍ରଭାତ କୁମାର ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ ।ଯଜ୍ଞ ବରାହଙ୍କ କର୍ତ୍ତାକର୍ତ୍ତ୍ରୀ ଭାବେ ଆଲୋକ ଚୌଧୁରୀ ଓ ପତ୍ନୀ ପ୍ରୀତିପଦ୍ମା,ଶ୍ରୀନିବାସ ସୁଧାକର ଓ ରାଧିକା ନିଶଙ୍କର,ହୃଷୀକେଶ ମହାପାତ୍ର ଓ ପତ୍ନୀ ସୁନୀତା, ଶ୍ୟାମସୁନ୍ଦର ପଣ୍ଡା ଓ ପତ୍ନୀ କୁନ୍ତଳା,ଏମ.ଭି.ସୁରିୟା ଓ ପତ୍ନୀ ଏମ.ଅନୀତା ଦାୟିତ୍ୱ ତୁଲାଇଥିଲେ ।ଶୁକ୍ରବାର ଶୁଭ ଅଙ୍କୁରାରୋପଣ ନୀତି ହୋଇଥିଲା ।

## ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୫ ଦିନିଆ ଗବେଷଣା ପଦ୍ଧତି କର୍ମଶାଳା ସଫଳତାର ସହ ଉଦ୍ଯାପିତ



କୋରାପୁଟ, ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) କୋରାପୁଟ ରେ ସ୍କୁଲ ଅଫ୍ ଲାଙ୍ଗୁଏଜ୍ ପକ୍ଷରୁ ଆୟୋଜିତ ଗବେଷଣା ପଦ୍ଧତି ଉପରେ ୫ ଦିନିଆ କର୍ମଶାଳା ୨୦୨୫ ଏପ୍ରିଲ ୧୧ ତାରିଖରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ସଂସ୍କୃତ ବିଭାଗମୁଖ୍ୟ ତଥା ଭାଷା ବିଦ୍ୟାଳୟର ଡିନ୍ ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏପ୍ରିଲ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବିଶ୍ୱବିଦ୍ୟାଳୟରେ ଏକ ସୁଦୃଢ଼ ଗବେଷଣା ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏହାର ମହତ୍ତ୍ୱକୁ ସ୍ୱୀକାର କରି ସ୍କୁଲ ଅଫ୍ ଲାଙ୍ଗୁଏଜ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ । ବିଶିଷ୍ଟ ଗବେଷକ, ଲେଖକ ତଥା ବିଶ୍ୱଭାରତୀ, ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ପ୍ରଫେସର ଅରୁଣ ରଞ୍ଜନ ମିଶ୍ର କର୍ମଶାଳାରେ ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରିଥିଲେ । ପାଞ୍ଚ ଦିନ ମଧ୍ୟରେ, ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ, ଯାହା ଏହି କର୍ମଶାଳାରେ ଅଂଶଗ୍ରହଣକାରୀଙ୍କ ବୁଦ୍ଧିମତ ଓ ଜ୍ଞାନକୁ ଅନେକ ଭାବରେ ସମୃଦ୍ଧ କରିଥିଲା ।ଏହି କର୍ମଶାଳାରେ ସଂସ୍କୃତ, ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ବିଭାଗର ଗବେଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଚଳିତ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳରେ ପ୍ରାୟ ସମସ୍ତ ବିଭାଗରେ ପିଏଚ୍ଡି ପାଠ୍ୟକ୍ରମ ଆରମ୍ଭ ହୋଇଥିବାରୁ ଏହି କର୍ମଶାଳା ନୂତନ ଭାବେ ସାମିଲ ହୋଇଥିବା ଡକ୍ଟରେଟ୍ ଗବେଷକମାନଙ୍କ ପାଇଁ ବିଶେଷ ଲାଭଦାୟକ ସାବ୍ୟସ୍ତ ହୋଇଛି । ଏହା ସେମାନଙ୍କୁ ସେମାନଙ୍କ ପାଠ୍ୟକ୍ରମ ଏବଂ ଭବିଷ୍ୟତଗବେଷଣା କାର୍ଯ୍ୟକୁ ସଫଳ ଭାବରେ ସମାପ୍ତ କରିବା ପାଇଁ ଆବଶ୍ୟକ ଶୈକ୍ଷିକ ଉପକରଣ ଏବଂ ତାତ୍ତ୍ୱିକ ଢାଞ୍ଚା ପ୍ରଦାନ କରିଥିଲା ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ଡ. ଦେବାଶିଷ କର୍ମାକର (ସହକାରୀ ପ୍ରଫେସର, ସଂସ୍କୃତ), ଡ. ମନୋଜ କୁମାର ସିଂହ (ସହକାରୀ ପ୍ରଫେସର, ହିନ୍ଦୀ), ଡ. ରଘୁନାଥ ଓଝା

## ଦେଓମାଳି ପାଇଁ ଆଗେଇ ଆସିଲା ଜିଲ୍ଲା ପ୍ରଶାସନ । ଦେଓମାଳି ସୁରକ୍ଷା ଓ ସ୍ୱେଚ୍ଛତାକୁ ଦେଲେ ଗୁରୁତ୍ୱ



ପଟ୍ଟାଙ୍ଗି, : କୋରାପୁଟ ର ଉଚ୍ଚତମ ପର୍ବତ ଦେଓମାଳି ଉପରେ କଟକଣା ଲଗେଇଲେ ଜିଲ୍ଲା ପ୍ରଶାସନ । ଦେଓମାଳି ର ସ୍ୱଛତା କୁ ଦୃଷ୍ଟି ରଖି କୋରାପୁଟ ଜିଲ୍ଲା ପ୍ରଶାସନ ର ପଦକ୍ଷେପ । ରାତି ଆଠ ରୁ ଭୋର୍ ପାଞ୍ଚ ଯାଏ ପର୍ଯ୍ୟଟକ ଙ୍କ ଗତିବିଧି ଉପରେ କଟକଣା ଲଗେଇଲେ କୋରାପୁଟ ଜିଲ୍ଲାପାଳ ।ପ୍ରଶାସନ ର ବିନା ଅନୁମତି ରେ କୌଣସି ବ୍ୟକ୍ତି କିମ୍ବା ଗ୍ରୁପ୍ ରାତ୍ରି ଯାପନ କରି ପାରିବେ ନାହିଁ । ପର୍ଯ୍ୟଟକ ଙ୍କୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ମନା ।.. ସାଥୀ ରେ ନେଲେ ଜରିମାନା ଏହିପରି ବିଭିନ୍ନ ନିୟମ ଉକ୍ତ ଏସଓପି ରେ ରହିଥିବା ବେଳେ ଗତ ୧୦ ତାରିଖ ଠାରୁ ୪୫ ଦିନ ପର୍ଯ୍ୟନ୍ତ ତାହା ବଲବତର ରହିବ ବୋଲି ଜଣାପଡିଛି । ଆଜି ଦେଓମାଳି ଠାରେ ଜିଲ୍ଲାପାଳ ଭି କୀର୍ତ୍ତିଭାସନ , କୋରାପୁଟ ଏସପି ରୋହିତ ବର୍ମା ,ଡିଏଫ ଓ କେ ଭି ରାଓ , ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଙ୍କ ସମେତ ପଟ୍ଟାଙ୍ଗି ବିଡ଼ିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଓ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପ୍ରମୁଖ ପହଁଚି ଦେଓମାଳି ସୁରକ୍ଷା ଓ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ ।ଓ ଦେଓମାଳି କୁ ସବୁଜ ସୁନ୍ଦର ରଖିବା ଜିଲ୍ଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ର ନୁହେଁ ସମସ୍ତେ ପର୍ଯ୍ୟଟକ ଚାହିଁଲେ ଦେଓମାଳି ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇପାରିବ ଓ ଦେଓମାଳି କୁ ନେଇ ପର୍ଯ୍ୟଟନ କ୍ଷେତ୍ର ରେ କୋରାପୁଟ ଜିଲ୍ଲା ଗର୍ବ ବୋଲି ଜିଲ୍ଲାପାଳ କହିଥିଲେ ।ଓ ଦେଓମାଳି କୁ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ସ୍ଥଳୀ କିପରି କରିହେବ ଏଥିପ୍ରତି ଜିଲ୍ଲା ପ୍ରଶାସନ ପୁରା ତତ୍ପରତା ରହିଥିବା ଜିଲ୍ଲା ପାଳ ସୂଚନା ଦେଇଥିଲେ । ସୂଚନାଥାଉ କି ଗତ ଦିନ ରେ ପାନ ଇଣ୍ଡଷ୍ଟ୍ରି ର ନିର୍ଦ୍ଦେଶକ ଏସ ଏସ ରାଜମଉଳି ଦେଓମାଳି ର ସ୍ୱଚତା କୁ ନେଇ ନିଜ୍ ଏକ୍ସ ହେଣ୍ଡେଲ ରେ ଟ୍ୱିଟ୍ କରିଥିଲେ

## ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣାଗାଁରେ ମା ଗୋପିଚଣ୍ଡି ପିଠରେ ଚାଲିଛି ପ୍ରଭୂ ଅନନ୍ତ ନାରାୟଣଙ୍କ ପୂଜାର୍ଚ୍ଚନା,



ନୀଳଗିରି, ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାସୁନ୍ଦରପୁର ପଞ୍ଚାୟତ ରେ ଚାଲିଛି ପ୍ରଭୁ ଅନନ୍ତ ନାରାୟଣ ଙ୍କ ର ପୂଜା ଅର୍ଚ୍ଚନାଏହି ପୂଜା ସାତଦିନ ଧରି ଚାଲିବାକୁ ଥିବା ବେଳେ ହଜାର ହଜାର ଭକ୍ତ ଙ୍କ ଭିଡ଼ ଜମିବ ଗାଁରେ, ଆଜି ମା ଙ୍କର ବଡ଼ ପୂଜା ବା ଡଲାପୂଜା ଥିବା ବେଳେ ପୂଜା ମଣ୍ଡପ ରେ ରହିବ ବେଶ୍ ଗହଳି,ଗାଁ ରେ ସତପ୍ରତିଶତ କୈବର୍ତ୍ତ ଶ୍ରେଣୀର ଲୋକମାନେ ଗାଁରେ ଧୁମ୍ ଧାମ ରେ ପୂଜାକୁ ପାଳନ କରିଥାନ୍ତି,ସୂଚନା ଯୋଗ୍ୟ କି ୨୦୦୯ ମସିହା ଠାରୁ ଏହି ପୂଜା ଜୁରିଆପାଟଣା ଗାଁରେ ଗୋପିଚଣ୍ଡୀ ପିଠରେ ହୋଇଆସୁଛି,ଗାଁରେ ପାଖାପାଖି ୨୦୦ ପରିବାର ପୂଜା ଆରମ୍ଭ କରିଥଲେ,ମଣ୍ଡପ ରୁ ନିଆଁ ଗଲେ ଗାଁରେ ରୋଷେଇ ହୋଇଥାଏ,ପୂଜା ଆରମ୍ଭ ରୁ ୭ ଦିନ ପର୍ଯ୍ୟନ୍ତ ଗାଁ ରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ, ଏମିତି କି ନିକଟ ବଜାର ରେ ମଧ୍ୟ ଆମିଂଶ ବନ୍ଦ ହୋଇଥାଏ, ପ୍ରତ୍ୟେକ ପରିବାର ଏହାକୁ ବ୍ରତ ଭାବରେ ପାଳନ କରିଥାନ୍ତି, ପୁଣି ୭ଦିନ ପରେ ଠାକୁର ଙ୍କ ବିସର୍ଜନ ପରେ ଗାଁ କୁ ଆମିଂଶ ପସେ, ସେହିପରି ପୂଜାରେ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପ୍ରତିଦିନ ରହିବ, ତତ୍ ସହିତ ୧୭ ତାରିଖ ଏକ ସାମାଜିକ ନାଟକ ଯାତ୍ରା ଅନୁଷ୍ଠିତ ହେବ, ଯାହାକୁ ଦେଖିବା ପାଇଁ ଗାଁରେ ପ୍ରତ୍ୟେକ ପରିବାର ରେ ବନ୍ଧୁ ବାନ୍ଧବ ଙ୍କ ଗହଳି ଜମୁଛି, କମିଟିର ସଭାପତି ମଧୁସୂଦନ ଧାଉଁଡିଆ, ଉପସଭାପତି ପିତାମ୍ବର ଧାଉଁଡିଆ, କୋଷାଧକ୍ଷ ସୁକାନ୍ତ ଦାସ, ଉପଦେଷ୍ଟା ଅଜୟ ମଳିକ, ସମୀର ମଳିକ, ସଦସ୍ୟ ମୋହନ ଧାଉଁଡିଆ,କ୍ଷେତ୍ରମୋହନ ଦାସ, ନାରାୟଣ ମଳିକ, ବାଉଲି, କଟି ମଳିକ, ଆକାଶ ମଳିକ, ବାବୁଟୁଆ, ଅରୁଣ ମଳିକ, କାଳିଆ ମଳିକ, ମୁରଲୀ ଧାଉଁଡିଆ, ଦୁଷ୍ମନ୍ତ ମଳିକ, ନିହାରରଞ୍ଜନ ଦାସ, ବିଦ୍ୟାଧର ଦାସ,ପ୍ରଶାନ୍ତ ଦାସ, ଟିଙ୍କୁ,ତପୁ, ଇକିଲି, ସୁଦାମ ଧାଉଁଡିଆ, ମଙ୍ଗିଳିଆ, ପ୍ରମୋଦ, ଗଣନାଥ, ଆଦି ଉପସ୍ଥିତ ରହି ପୂଜା କିପରି ଗାଁରେ ଶାନ୍ତି ଶୃଙ୍ଖଳା ର ସହିତ ହେବ ସେଥି ନିମନ୍ତେ ସହଯୋଗ କରିଥାନ୍ତି,

## ଓଡ଼ିଆ ପକ୍ଷ ପାଳନ ଅବସରରେ, ଆମ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା, ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ



ଉମରକୋଟ, : ଆଜି ଓଡ଼ିଆ ପକ୍ଷ ପାଳନ ଅବସରରେ, ଆମ ସଂସ୍କୃତି ଓ ପରମ୍ପରା କୁ ବଜାୟ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲ୍ଲା ଉମରକୋଟ ମୁନିସିପାଲିଟି ଆନୁକୂଲ୍ୟରେ ଏକ ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ ତଥା ଆମ ରୁଚି ଓ ଆମ ଖାଦ୍ୟ ଉତ୍ସବ ପାଳନ କରାଯାଇଥିଲା !ଏହା ମୁନିସିପାଲିଟି କାର୍ଯ୍ୟନିର୍ବାହି ଅଧିକାରୀ ଆଲୋକ କୁମାର ଅନୁଗଳିଆ ଙ୍କ ତତ୍ୱବଧାନରେ ଏହାର ଆୟୋଜନ କରାଯାଇଥିଲା !ଏହି କାର୍ଯକ୍ରମରେ ବିଭିନ୍ନ ପ୍ରକାର ଓଡ଼ିଆ ମାନଙ୍କର ପରମ୍ପରା ଅନୁସାରେ ବିଭନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି କରାଯାଇଥିଲା ! ଏଥିରେ ଓଡ଼ିଆ ମାନଙ୍କର ପଖାଳ କଂସା, ଆଳୁ ଭରତା, ବାଇଗଣ ଭରତା,ନବରଙ୍ଗପୁର ଆଦିବାସୀ ମାନଙ୍କ ପରମ୍ପରା ଖାଦ୍ୟ ଆମଟ,ଯାଉ ପେଜ, ଶାଗ, ମାଛ, ବିରିଡାଲି, ଦେଶୀ କୁକୁଡ଼ା ମାଂସ, ବଡ଼ି ଚୁରା, ଭଳି ଅନେକ ଖାଦ୍ୟ ବ୍ୟଞ୍ଜନ କରି ଅତିଥି ମାନଙ୍କୁ ଖାଦ୍ୟ ପରସା ଯାଇଥିଲା ! ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅଥିତି ଭାବେ କ୍ୟାବିନେଟ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ ଓ ନବରଙ୍ଗପୁର ସଂସଦ ବଳଭଦ୍ର ମାଝୀ ଙ୍କ ପ୍ରତିନିଧି ରାମ ନାୟକ ଯୋଗ ଦେଇ ଥିବା ବେଳେ ସନମାନିତ ଅତିଥି ଭାବେ ମୁନିସିପାଲିଟିର ଅଧକ୍ଷା ରାଧା ଭତ୍ରା, ବିଜ୍ଞପିତ ଅଂଚଳ ପରିଷଦ ପୂର୍ବତନ ଅଧକ୍ଷ ଝାଡ଼େଶ୍ୱର ମହାନ୍ତି, ଗୌରୀ ପଟ୍ଟନାୟକ, କାଉନସିଲର ଅକ୍ଷୟ କୁମାର ସାହୁ.ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ଯୋଗଦେଇଥିଲେ !ସେହି ପରି ବରଣ୍ୟ ଅତିଥିଭାବେ ମୁନିସିପାଲିଟିର କାଉନସିଲେର .ମୁନା ପାଢ଼ୀ,ମନୋଜ ନାୟକ, ଇତିଶ୍ରୀ ଦଳାଇ, କୁମାରୀ ନିଲମ ହରିଜନ, କୁମାରୀ ସରୋଜିନୀ ଶବର, କନକଲତା ନାୟକ, ଶିଖାରାଣୀ ସରକାର, ଚିନ୍ମୟୀ ଠାକୁର,ସହ ସମସ୍ତ କାଉନସିଲର ମାନେ ଯୋଗଦେଇଥିଲେ !ଏଥିରେ ଓଡ଼ିଆ ପରମ୍ପରା କୁ ଆଖି ଆଗରେ ରଖି ରନ୍ଧା ଯାଇଥିବା ଖଦ୍ୟକୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ନିମନ୍ତ୍ରିତ ଅତିଥି ମାନଙ୍କୁ ଖାଦ୍ୟପରସା ଯାଇଥିଲା !ଏହି କାର୍ଯ୍ୟକ୍ରମରେ ଯୋଗାଇଥିବା ନିମନ୍ତ୍ରିତ ଅତିଥି ମାନେ ଖାଦ୍ୟ ଖାଇସାରିବା ପରେ ଖାଦ୍ୟ ଗୁଡିକର ସ୍ୱାଦ, ସୁବାସ ସମ୍ପର୍କରେ ଭୁରି,ଭୁରି ପ୍ରଶଂସା କରିଥିଲେ !ଏହି କାର୍ଯ୍ୟକ୍ରମ ଟିକୁ ସହଯୋଗ କରିଥିଲେ ମୁନିସିପାଲିଟିରେ କାର୍ଯ୍ୟରତ କର୍ମଚାରୀ ଦମ୍ବୁରୁ ମାଝୀ, ମୁଖ୍ୟ କିରାଣୀ ନାଗେଶ୍ୱର ରାଓ, ଲକ୍ଷ୍ମୀନାରାୟଣ ଗୌଡ଼, ସି.ଭି. ରାଓ ଓ ଅନ୍ୟମାନେ ! ଶେଷରେ ଯୋଗ ଦେଇଥିବା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଦେଇଥିଲେ ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ !

## ଶ୍ରୀଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା କମିଟି



ଦାମନଯୋଡ଼ି, :ନାଲକୋ ଟାଉନସିପ ସେକ୍ଟର ୧ ଶ୍ରୀଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି ।୨୦୨୫-୨୬ ବର୍ଷ ପାଇଁ ଗଠିତ ଏହି କମିଟିରେ ସଭାପତି ରୂପେ ନାଲକୋ ସମୂହ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ନାଲକୋ ପକ୍ଷରୁ ମନୋନୀତ ହୋଇଛନ୍ତି ।ଉପସଭାପତି ରୂପେ ନାଲକୋ ମହାପ୍ରବନ୍ଧକ ବିଚ୍ଛନ୍ଦ ଚରଣ ଦାଶ,ସମ୍ପାଦକ ଭାବରେ କୈଳାସ ସେନାପତି,ଯୁଗ୍ମସମ୍ପାଦକ ଭାବରେ ତ୍ରିଲୋଚନ ଚୌଧୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସାଧାରଣ ପରିଷଦ ବୈଠକରେ ମନୋନୀତ ହୋଇଛନ୍ତି ।ସେହିପରି ୯ଜଣ ସଦସ୍ୟ ଅନାମ ଚରଣ ନାୟକ,ଶିଶିର ପରିଡ଼ା,ରଞ୍ଜନ କୁମାର ବେହେରା,ପ୍ରଫୁଲ୍ଲ କୁମାର ମୁନି,ସନ୍ତୋଷ କୁମାର ପଣ୍ଡା,ବିମଳ ନାୟକ,ହରେନ୍ଦ୍ର କୁମାର ଗିରି,ମୂରଲୀଧର ଦାସ ଓ ସନ୍ତୋଷ କୁମାର ଦାଶ ସର୍ବ ସମ୍ମତ ଭାବେ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି ।ନୂତନ ପରିଚାଳନା କମିଟି ପକ୍ଷରୁ ପ୍ରଥମ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ନୂତନ ସଭାପତି ଓ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଛି । ବୈଠକରେ ନୂତନ କର୍ମକର୍ତ୍ତାଙ୍କ ସମେତ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାରଣା, ସଦସ୍ୟ ଅବିନାଶ ଜେନା,ଡ଼ଃ.ଅଶୋକ କୁମାର ମହାନ୍ତି,ସଞ୍ଜୟ ସାହୁ,କୈଳାସ ମହାରଣା,ସୁଶାନ୍ତ କୁମାର ଦାଶ,ପ୍ରକାଶ ଚନ୍ଦ୍ର ସାହୁ,ଭଞ୍ଜନ ମହାପାତ୍ର,ନିରଞ୍ଜନ ପଣ୍ଡା,ଅଂଶୁମାନ ବଡୁ,ରବୀନ୍ଦ୍ର ନାଥ ମୁଦୁଲି,ନକୁଳ ଚରଣ ପତି,ଡ଼ଃ ନିରୋଦ କୁମାର ପ୍ରଧାନ ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।ଆଗାମୀ ଦିନରେ ହେବାକୁ ଥିବା ପର୍ବ ପର୍ବାଣୀ ପାଳନ,ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତି କରଣ ଆଦି ବିଷୟରେ ଆଲୋଚନା ହୋଇଥିଲା ।

## ଜୟପୁରରେ ଖୋଲିଲା ଆକାଶ କୋଚିଙ୍ଗ୍ ସେଣ୍ଟର, ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ହେବ ଉଜ୍ଜଳ




ଜୟପୁର : ଜୟପୁର ସ୍ଥିତ ଲେବର କାର୍ଯ୍ୟାଳୟ ଠାରେ ଆକାଶ କୋଚିଙ୍ଗ ସେଣ୍ଟର ଉଦଘାଟିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ର ବରିଷ୍ଠ ନେତା ରବି ନାରାୟଣ ନନ୍ଦ, କେସିସି ବ୍ୟାଙ୍କ ର ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । କୋରାପୁଟ ଜ଼ିଲ୍ଲାର ମେଧାବୀ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ଉଜ୍ଜଳ କରିବା ପାଇଁ ଆକାଶ ଏକାଡେମୀ ପକ୍ଷରୁ ଏହି କୋଚିଙ୍ଗ ସେଣ୍ଟର କରାଯାଇଛି ।ଆଗରୁ କୋରାପୁଟ ଜ଼ିଲ୍ଲା ସମେତ ଆଖପାଖ ଜ଼ିଲ୍ଲାର ମେଧାବୀ ଛାତ୍ର ଛାତ୍ରୀ ମାନେ କଟକ ଭୁବନେଶ୍ୱର ଯାଇ କୋଚିଙ୍ଗ ନେଉଥିଲେ ।ଯାହା ଦ୍ୱାରା ଅନେକ ଖର୍ଚ୍ଚାନ୍ତ ମଧ ହେଉଥିଲେ ।ଅନେକ ଗରିବ ଶ୍ରେଣୀର ମେଧାବୀ ଛାତ୍ର ଛାତ୍ରୀ ବାହାରେ ଅଧିକ ଖର୍ଚ୍ଚାନ୍ତ ହୋଇ କୋଚିଙ୍ଗ ନେବା ପାଇଁ ଇଚ୍ଛା ଥିଲେ ମଧ ଅର୍ଥ ବାଧକ ସାଜୁଥିଲା ।ଏବେ ଆଉ ବାହାର କୁ ଯାଇ କୋଚିଙ୍ଗ ନେବା ପାଇଁ ପଡିବ ନାହିଁ । ଜୟପୁର ଖୋଲିଲା ଆକାଶ କୋଚିଙ୍ଗ ସେଣ୍ଟର । ଛାତ୍ର ଛାତ୍ରୀ ମାନେ କମ ଖର୍ଚ୍ଚ ରେ ଡାକ୍ତର, ଇଞ୍ଜିଅର ଓ ଅନ୍ୟାନ କୋର୍ସ କମ ଖର୍ଚ୍ଚ ରେ ପଢି ପାରିବେ ବୋଲି ଆକାଶ କୋଚିଙ୍ଗ ସେଣ୍ଟର ତରଫରୁ କୁହା ଯାଇଛି ।

## ଚାରା ଗାଡିରେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ଗଞ୍ଜେଇ ଜବତ ଡ୍ରାଇଭର ଅଟକ



କୋରାପୁଟ, : କୋରାପୁଟ ଜ଼ିଲ୍ଲା ପାଡୁଆ ଥାନା ଅଞ୍ଚଳ ରୁ ରାଜସ୍ଥାନ ଗଞ୍ଜେଇ ଚୋରା ଚାଲାଣ ହେଇଥିବା ବେଳେ ମାଡି ବସିଲା ପୋଲିସ । ରାଜସ୍ଥାନ ନମ୍ବର ଥିବା ଗୋଟେ ଟ୍ରକ ନିମ୍ଭ ଚାରା ଭିତରେ ଗଞ୍ଜେଇ ଚୋରା ଚାଲାଣ କରୁଥିଲା ।କୋରାପୁଟ ଏସପି ରୋହିତ ବର୍ମା ଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଏସଡିପିଓ ଙ୍କ ନେତୃତ୍ୱରେ ପାଡୁଆ ଥାନା ପୋଲିସ ଟିମ ରାସ ଅଫିସ୍ ନିକଟରେ ନାକା ବନ୍ଦୀ କରି ଜଗି ରହିଥିଲା । ସେଇ ସମୟରେ ଦ୍ରୁତଗତିରେ ଗୋଟେ ଟ୍ରକ କୁ ଆସୁଥିଲା ।ଟ୍ରକ କୁ ଅଟକାଇବା ରୁ ଟ୍ରକ ରୁ ୧୦ କୋଇଣ୍ଟାଲ ଗଞ୍ଜେଇ ବାହାରିଥିଲା ।ଯାହାର ଆନୁମାନିକ ମୂଲ୍ୟ ୫କୋଟି ଟଙ୍କା ରୁ ଉର୍ଦ୍ଧ ହେବ ବୋଲି ଜଣା ପଡ଼ିଛି ।ଗାଡି ଡ୍ରାଇଭର ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଖସି ପଳାଇଛି । ଏ ନେଇ ପାଡୁଆ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।କୋରାପୁଟ ଜ଼ିଲ୍ଲା ହେଉଛି ଗଞ୍ଜେଇ ଚୋରା ଚାଲାଣ ର ପେଣ୍ଠ ସ୍ଥଳୀ ।ପ୍ରତି ଦିନ ସହ ସହ ଗଞ୍ଜେଇ ଚୋରା ଚାଲାଣ କରାଯାଉଛି । କୋରାପୁଟ ଅବକାରୀ ବିଭାଗ ନିଷ୍କ୍ରିୟତା ଯୋଗୁ ଗଞ୍ଜେଇ ଚୋରା ଚାଲାଣ ବଢ଼ିବାରେ ଲାଗିଛି ।ବିଭିନ୍ନ ଉପାୟ ରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଛି ।ଗଞ୍ଜେଇ ଚାଷ କୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତ ।

## ରାସବିହାରୀଙ୍କ ବସନ୍ତ ରାସ ଉତ୍ସବ ଅନୁଷ୍ଠିତ



ନିମାପଡ଼ା, : ପବିତ୍ର ଚୈତ୍ରପୂର୍ଣ୍ଣିମା ଅବସରରେ ରାସବାଡ଼ି ମଠ ପକ୍ଷରୁ ପ୍ରସିଦ୍ଧ ବସନ୍ତରାସ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି । ରାସବାଡି ମଠର ଆରାଧ୍ୟ ଦେବତା ପ୍ରଭୁ ଗୌରାଙ୍ଗ, ନିତ୍ୟାନନ୍ଦ, ନୃସିଂହ, ମଦନମୋହନ, ଦାମୋଦର, ଶ୍ୟାମସୁନ୍ଦର ଏବଂ ଗୋପୀନାଥ ଦେବ ଆଦି ଠାକୁରମାନଙ୍କୁ କୁଞ୍ଜଘରେ ଅଭିଷ୍ଟ କରାଯାଇ ପୂଜା କରାଯାଇଥିଲା । ବହୁ ପୁରାତନ ରାସ ସଂସ୍କୃତି ଆବାହମାନ କାଳରୁ ପାଳିତ ହୋଇଆସୁଛି । ଦୀର୍ଘ ୭ ଦିନ ଧରି ପାଳିତ ହେଉଥିବା ପ୍ରଭୁଙ୍କ ରାସ ଅବସରରେ ଦୈନନ୍ଦିନ ସମସ୍ତ ନୀତିକାନ୍ତି ସମେତ ଠାକୁରଙ୍କ ନିକଟରେ ସଂକୀର୍ତ୍ତନ ଓ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା । ଏହାପରେ ରାସ ବୋଲାଯାଇ ଥିଲା । ଚୈତ୍ର ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ନଟବର ଓ ପଦ୍ମବେଶ ଅନୁଷ୍ଠିତ ହୋଇଥିଲା । ବେଶ୍ ଆକର୍ଷଣୀୟ ପ୍ରଭୁଙ୍କ ଲୀଳା ଦେଖିବାପାଇଁ ଆଖପାଖରୁ ହଜାର ସଂଖ୍ୟକ ଲୋକଙ୍କର ସମାଗମ ହୋଇଥିଲା । ଏହି ରାସଯାତ୍ରା ଅବସରରେ ନିମାପଡ଼ା ବଡ଼ବଜାର ଯୁବକ ସଂଘ ପକ୍ଷରୁ କୁଶଭଦ୍ରା ନଦୀପଠାରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଭୁବନେଶ୍ୱରର ଖ୍ୟାତନାମା ଅର୍କେଷ୍ଟ୍ରା ମେଘମହ୍ଲାର ବ୍ୟାଣ୍ଡର ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ମେଲୋଡ଼ି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଆୟୋଜିତ କାର୍ଯ୍ୟକ୍ରମ ରେ ଅତିଥିଭାବେ ବିଜେଡି ନେତା ଦିଲିପ ନାୟକ, ଟାଉନ କ୍ଲବ ସଭାପତି ଅକ୍ଷୟ ବେହେରା, ଯାଦବ ମହାସଂଘ ସଭାପତି ଗୟାଧର ବେହେରା ପ୍ରମୁଖ ଯୋଗଦେଇଥିଲେ । ଇତ୍ୟବସରରେ ଶିକ୍ଷାବିତ୍ ନିର୍ମଳ ମିଶ୍ର, ନୃତ୍ୟାଳୟା ଏକାଡେମୀର ନୃତ୍ୟଗୁରୁ ବିଷ୍ଣୁଚରଣ ସାସମଲଙ୍କ ସମେତ ନିମାପଡ଼ା ପ୍ରେସକ୍ଲବ ସଭାପତି ଅକ୍ଷୟ ବେହେରା, ସଂପାଦକ ରମାକାନ୍ତ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, ପୂର୍ବତନ ସଭାପତି ରଞ୍ଜନ କୁମାର ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଡ଼ ବଜାର ଯୁବକ ସଂଘର ରାଜେଶ ସାହୁ, ପରମେଷ୍ଟି ବେହେରା, ରଶ୍ମିରଞ୍ଜନ ସାହୁ, ବିଶ୍ୱଜିତ ବେହେରା, ନିରଞ୍ଜନ ପଳତା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

## ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ

ଦାମନଯୋଡ଼ି, :ଦାମନଯୋଡ଼ିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ବର୍ଷା ସାହିତ୍ୟ ସଂସଦ'ର ବାର୍ଷିକ ସାରସ୍ୱତ ସମାରୋହ ରବିବାର ଦିନ ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ଅତିଥି ନିରଞ୍ଜନ ସାମଲ,ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ ।ବର୍ଷା'ର ପୂର୍ବତନ ସଭାପତି ଡ.ପ୍ରଦୀପ କୁମାର ପାଢୋଶୀ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।ବିଶିଷ୍ଟ ସାହିତ୍ୟିକ,ସମ୍ପାଦକ ଓ ସ୍ତମ୍ଭକାର ଡ଼ଃ ଅସିତ ମହାନ୍ତି ଏଥିରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ ।ମୁଖ୍ୟବକ୍ତା ଡ଼ଃ ମହାନ୍ତି ନିଜ ଏହି କଥା ଧିରେ ଧିରେ ଗବେଷଣା ଓ ସାହିତ୍ୟରେ ସମୃଦ୍ଧ ହେଲେ ରାମାୟଣର ପୁନଃ ମୂଲ୍ୟାୟନ ହେବ ଓ ଦିନେ ଏହାକୁ ସମସ୍ତେ ସ୍ୱୀକାର କରିବେ ଯାହା ଓଡ଼ିଶାକୁ ନୂତନ ପରିଚୟ ଦେବ ଓ ଓଡ଼ିଶାର ଖ୍ୟାତି ଚତୁର୍ଦ୍ଦିଗରେ ବିସ୍ତୀର୍ଣ୍ଣ ହେବ ବୋଲି ଡ଼ଃ ମହାନ୍ତି କହିଥିଲେ ।ଏବେ ମଧ ବାଲ୍ମୀକିଙ୍କ ବଂଶଧର କୋରାପୁଟରେ ଅଛନ୍ତି ଓ ସଂସ୍କୃତ କହୁଥିବା ମୁଖ୍ୟବକ୍ତା ପ୍ରକାଶ କରିଥିଲେ ।ଏଥିସହିତ ବର୍ଷା'ର ଆଗାମୀ ସୁବର୍ଣ୍ଣ ଜୟନ୍ତୀ ପାଇଁ ଅଗ୍ରିମ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ।ମୁଖ୍ୟ ଅତିଥି ଇଂ.ନିରଞ୍ଜନ ସାମଲ ନିଜ ବକ୍ତବ୍ୟରେ ଭାଷା ଓ ସାହିତ୍ୟ ପରସ୍ପର ପରିପୂରକ ବୋଲି ମତ ରଖିଥିଲେ ।ସାହିତ୍ୟ ଭାଷାକୁ ପରିପୁଷ୍ଟ କରେ,ଚଳଚଞ୍ଚଳ କରେ ।ପୂର୍ବରୁ ମୁନି ଋଷି ସଂସ୍କୃତରେ ମନ୍ତ୍ର ରଚନା କରି, ଏହାଦ୍ୱାରା ଅସାଧ କୁ ସାଧ କରିପାରୁଥିଲେ

# ଦଣ୍ଡଯାତ୍ରା ଉଦଯାପିତ

## ମେରୁ ପର୍ବରେ ମା' କାଳୀ ପୀଠ ଲୋକାରଣ୍ୟ, ଝାମୁଯାତ୍ରା ସାରି ମନ୍ଦିରକୁ ଫେରିଲେ ମା ଦଣ୍ଡକାଳୀ



**ହିଞ୍ଜିଳିକାଟୁ , ୧୬/୪ (ନି.ପ୍ର):** ସୋମବାର ହିଞ୍ଜିଳିକାଟୁ ଏବଂ ବିଭିନ୍ନ ଗ୍ରାମରେ ପ୍ରତିଷ୍ଠିତ ମହାମାୟୀ ମା'ଦଣ୍ଡକାଳୀଙ୍କ ମେରୁପୀଠ ଗୁଡ଼ିକ ଲୋକାରଣ୍ୟ ହୋଇଛି । ମହାବିଷୁବ ସଂକ୍ରାନ୍ତିରେ ଅନୁଷ୍ଠିତ ମେରୁପର୍ବ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଛି । ସଂସ୍କୃତି ଓ ପରମ୍ପରାରେ ଅତୁଟ ବିଶ୍ୱାସ ରଖୁଥିବା ରାଜ୍ୟ ଓଡ଼ିଶାରେ ବାର ମାସରେ ତେର ପର୍ବ କାହିଁ କେଉଁ ଆବାହମାନ କାଳରୁ ପାଳିତ ହୋଇଆସୁଛି । ଚୈତ୍ର ମାସର ଶେଷ ଓ ବୈଶାଖ ମାସର ପ୍ରାରମ୍ଭକୁ ମେରୁ ସଂକ୍ରାନ୍ତି ବୋଲି କୁହାଯାଇଥାଏ । ଏହି ସଂକ୍ରାନ୍ତିର ୨୧, ୧୮ ଓ ୧୩ ଦିନ ପୂର୍ବରୁ ଦଣ୍ଡକାଳୀ ପୀଠ ଥିବା ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ ହୋଇଥାଏ । ମାନସିକଧାରୀ ଦଣ୍ଡୁଆ ମାନେ ଦଣ୍ଡଯାତ୍ରାରେ ସାମିଲ ହୋଇ ପ୍ରତ୍ୟେକ ମୁହୂର୍ତ୍ତ କଠିନ ପରୀକ୍ଷାର ସମ୍ମୁଖୀନ ହେବା ସହ ନିଷ୍ଠା ଓ ଏକାଗ୍ରତାରେ ବାନା, ପିଞ୍ଛମୁଠା, ପରଶା, ଦଣ୍ଡ, ହର ପାର୍ବତୀଙ୍କ ମୂର୍ତ୍ତୀ, ଢୋଲ, ମହୁରୀ ଓ ଘଣ୍ଟର ଧ୍ୱନିରେ ଗଗନପବନ ପ୍ରକମ୍ପିତ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦଣ୍ଡ ପରିବେଷଣ କରିଥାନ୍ତି । ମେରୁଯାତ୍ରାରେ ହିଞ୍ଜିଳିର ୨ ଦଣ୍ଡ ପୁଞ୍ଜ ସମେତ ନିକଟବର୍ତ୍ତୀ ପୋଚିଳିମା, ବୁରୁପୋଡ଼ା, ସମରଝୋଳ, ଆଲପୁର, ସାରୁର ୨ ଦଳ, କଞ୍ଚୁରୁର ୨ଦଳ, ଗୋଦାରାଇଲୁ, ଦୁର୍ଦ୍ଦାନ୍ତ ୩ ଦଳ, ବେଲଗାଁ, ଡି.ପାଟପୁର, ସାହାପୁର, ରାଳବ, ଖଣ୍ଡରା ଓ କୋଳିଦାସପୁରର ୨ଦଳ ଦଣ୍ଡଦଳର ଦଣ୍ଡନୃତ୍ୟ ଶେଷ ହୋଇଛି । ମାନସିକଧାରୀ ଦଣ୍ଡଭୁକ୍ତା ମାନଙ୍କ ନିଜ ନିଜ ଗ୍ରାମବାସୀ ବରଣ କରିବା ପରେ ଦଣ୍ଡକ ଗ୍ରାମ ପରିକ୍ରମା କରି ପ୍ରଚଣ୍ଡ ଖରାରେ ଧୂଳିଦଣ୍ଡ ଶେଷ ପରେ ପାଣିଦଣ୍ଡରେ ସାମିଲ ହୋଇଥିଲେ । ପରେ ସମସ୍ତେ ମେରୁମଣ୍ଡପରେ ଏକତ୍ରିତ ହୋଇଥିଲେ । ମେରୁ ମଣ୍ଡପରେ ଢୋଲ, ଘଣ୍ଟ, ମହୁରୀର ତାଳେ ତାଳେ ଝୁଣା ମାଧମରେ ଜଣେ ଦଣ୍ଡୁଆଙ୍କୁ ଅଗ୍ନିରେ ମହାମାୟୀ ମା' ଦଣ୍ଡକାଳୀଙ୍କୁ ଆବାହନ କରିବା ଦୃଶ୍ୟ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଶ୍ରଦ୍ଧାଳୁମାନେ ଯେପରି ମେରୁ ମଣ୍ଡପର ଦୃଶ୍ୟ ସୁବିଧାରେ ଦର୍ଶନ କରିପାରିବେ ସେଥିରେ ତାହାକୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଥିଲା । ଖରାର ପ୍ରକୋପ ସତ୍ତ୍ୱେ ପ୍ରତ୍ୟୁଷରୁ ଅପରାହ୍ନ ପର୍ଯ୍ୟନ୍ତ ମହାମାୟୀ ମା' ଦଣ୍ଡକାଳୀ ପୀଠ ଗୁଡ଼ିକ ଲୋକାରଣ୍ୟ ହୋଇ ପଡ଼ିଥିଲା । ଶାନ୍ତିର ପ୍ରତୀକ ଭାବେ ହର ପାର୍ବତୀ ଓ ମା ଦଣ୍ଡକାଳୀଙ୍କୁ ମାନସିକଧାରୀ ଦଣ୍ଡୁଆ ମାନେ ଗତ ୨୧, ୧୮ ଓ ୧୩ ଦିନ ଧରି ନିଷ୍ଠାପର ସାଧନା ଓ କଠିନ ଉପାସନା ସହକାରେ ପରମ୍ପରା ଅନୁଯାୟୀ ଦଣ୍ଡଯାତ୍ରାରେ ସାମିଲ ହୋଇଥିଲେ । ସନ୍ଧ୍ୟାରେ ମନ୍ଦିର ଗୁଡ଼ିକରେ ସନ୍ଧ୍ୟା ଆଳତୀ ସମ୍ପର୍ଣ୍ଣ ପରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମେରୁସ୍ଥଳ ଚତୁଃପାର୍ଶ୍ୱରେ ବିଭିନ୍ନ ରକମର ଖେଳଣା, ବାସନ, ଘରକରଣା ସାମଗ୍ରୀ ସମେତ ବହୁ ରକମର ସାମଗ୍ରୀର ଅସ୍ଥାୟୀ ଦୋକାନ ବଜାର ଗଢ଼ି ଉଠିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ହିଞ୍ଜିଳି ପୁଲିସ ପକ୍ଷରୁ ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ମେରୁ ପର୍ବ ସ୍ଥାନ ଗୁଡ଼ିକରେ ସଶସ୍ତ୍ର ପୁଲିସ ଫୋର୍ସ ମୁତୟନ ଥିଲେ । ସଂସ୍କୃତି ସମ୍ପନ୍ନ ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରମୁଖ ହିଞ୍ଜିଳି ଅଞ୍ଚଳର ପାରମ୍ପରିକ ୨୧ ଦିନିଆ ଦଣ୍ଡଯାତ୍ରା ପରିଚାଳନାରେ ବିଭିନ୍ନ ଦଣ୍ଡଦଳର ପରିଚାଳନା କମିଟି ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରିଥିଲେ । ଦୀର୍ଘ ୨୧ ଦିନ ଧରି ଦଣ୍ଡଦଳର ମାନସିକଧାରୀ ରଶିପୁତ୍ର ମାନେ ହଳଦିଆ ବସ୍ତ୍ର ପରିଧାନ କରି ନିଷ୍ଠାର ସହ ରହି ଗାଁ ଗଣ୍ଡାକୁ ବୁଲି ଦଣ୍ଡନୃତ୍ୟ ପରିବେଷଣ କରିଥିଲେ ।

# ହନୁମାନ ଜୟନ୍ତୀ ଉତ୍ସବ ଓ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ



**ବାଲିଗୁଡା ୧୬/୪ (ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରଭୁ ଶ୍ରୀରାମଙ୍କ ପରମଭକ୍ତ ହନୁମାନଙ୍କ ଜୟନ୍ତୀ ଉତ୍ସବ ଓ ମହାବିଷୁବ ପଣାସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ସଦର ମହକୁମା ପାଟଖଣ୍ଡା ମନ୍ଦିର ପରିସରରେ ଥିବା, ରାମେଶ୍ୱର ମନ୍ଦିର ନିକଟରେ, ଏବଂ ସବ ଜେଲ ନିକଟରେ ଥିବା ହନୁମାନ ମନ୍ଦିର ଠାରେ ସକାଳୁ ପୂଜକ ରୀତିନୀତି ଅନୁଯାୟୀ ପୂଜାପାଠ, ହୋମଯଜ୍ଞ ୧୦୮ ହନୁମାନ ଚାଳିସା ପାଠ କରିବା ସହ ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କ ଦ୍ୱାରା ହନୁମାନ ଚାଳିସା ବହି ବଣ୍ଟନ କରାଯାଇଥିଲା। ବିଭିନ୍ନ ମନ୍ଦିର ପରିଚାଳନା କମିଟି ତରଫରୁ ପଣା ଭୋଗ ଲାଗି କରିବା ପରେ ଲୋକଙ୍କୁ ବଣ୍ଟନ କରିଥିଲେ ଓ ମଧ୍ୟାହ୍ନ ରେ ଅର୍ଣ୍ଣ ବଣ୍ଟନ କରିଥିଲେ । ସେହିପରି ଗ୍ରାମରେ ଥିବା ସମସ୍ତ ହନୁମାନ ମନ୍ଦିର ବ୍ୟତୀତ ଶିବମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ପାଟଖଣ୍ଡା ମନ୍ଦିର, ଦୁର୍ଗା ମନ୍ଦିର ଓ ସମସ୍ତ ଦେବାଦେବୀ ପୀଠରେ ସ୍ୱତନ୍ତ ଉତ୍ସବ ସାଙ୍ଗକୁ ରୀତିନୀତି ଅନୁଯାୟୀ ପୂଜା ପାଠ କରାଯାଇଛି। ଭକ୍ତ ମାନେ ସମସ୍ତ ଦେବାଦେବୀ ଦର୍ଶନ କରିଥିଲେ । ଏହି ଅବସରରେ ସମସ୍ତ ଦାଣ୍ଡ ଅଗଣାରେ ଓଡ଼ିଆ ନବବର୍ଷ କୁ ସ୍ୱାଗତ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ନୂତନ ପଞ୍ଜିକା କୁ ପୂଜାକରି ପଠନ କରିଥିଲେ। ସେହି ପାଞ୍ଜି ଆଜିଠାରୁ ଶୁଭାରମ୍ଭ କରାଯାଇଛି। ସକାଳେ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ପଣା ଭୋଗ କରି ବଣ୍ଟନ କରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଛନ୍ତି । ସେହିପରି ଶ୍ରୀ ଶ୍ରୀ ଶ୍ରୀ ହରି ଓ ମା 'ତାରିଣୀ ପୀଠ କମିଟି ତରଫରୁ ମନ୍ଦିର ପରିସରରେ ନାଟକ 'ଲକ୍ଷ୍ମୀ ଅଲକ୍ଷ୍ମୀ କଳି' ବା 'ଧର୍ମର ହେବ ଜୟ 'ମଞ୍ଚସ୍ଥ ହୋଇଥିଲା।

## ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ଦଶରଥପୁର ୧୬/୪ (ନି.ପ୍ର):** ଦଶରଥପୁର ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଆଜି ' ଆମ୍ବେଦକର ଜୟନ୍ତୀ' ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଧିରେନ୍ଦ୍ର ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମେ ଭାରତ ରତ୍ନ ଡ଼ ବି.ଆର ଆମ୍ବେଦକରଙ୍କ ଫୋଟ ଚିତ୍ରରେ ସଦସ୍ୟ ମାନେ ଧୂପ, ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାରତ ପାଇଁ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ ଓ ସେ ସର୍ବଦା ପୂଜନୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ,ରଜନୀକାନ୍ତ ମଲ୍ଲିକ,ଆଶିଷ ମଲ୍ଲିକ,ନିରଞ୍ଜନ ମଲ୍ଲିକ,ତାପସ ମଲ୍ଲିକ,ରାଜା ମଲ୍ଲିକ,ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଙ୍କ ନିକଟରେ ଝାମୁଯାତ୍ରା

**ନିମାପଡା ୧୬/୪ (ନି.ପ୍ର):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଭୋଦର ପଞ୍ଚାୟତ ବିଶୀମାତ୍ରୀ ସ୍ଥିତ ଭଦ୍ରେଶ୍ୱର୍ ମହାଦେବଙ୍କ ନିକଟରେ ଥିବା ମା ହର ଶ୍ଚଣ୍ଡି ଙ୍କ ପୀଠରେ ଝାମୁଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି । ଠାକୁରାଣୀଙ୍କ ପୀଠରୁ ଅଜ୍ଞା ମାଳସହିତ କାଳ ସି, ବ୍ରାହ୍ମଣ ଓ ଭକ୍ତ ମାନଙ୍କ ସହ ପାଣି ତୋଳିବାକୁ ମ ଲଉ ପୋଖରୀ ନିକଟକୁ ଯାଇଥିଲେ ।ସେଠାରେ ଘଟ ସ୍ଥାପନା ,ପାଣି ତୋଳା କାର୍ଯ୍ୟ ସାରି ପୁନର୍ବାର ପଟୁଆରରେ ମନ୍ଦିରକୁ ଫେରି ଥାଆନ୍ତି ।ବାଟରେ ବିଭିନ୍ନ ସ୍ଥାନରେ ମା ଙ୍କୁ ଆସନ ରେ ବସାଇ ପଣା ପଇଡ଼ ଦେଇଥାନ୍ତି ।ପ୍ରାୟ ୫୦ ରୁ ଉର୍ଦ୍ଧ ମାନସିକ ଧାରି ବିଭିନ୍ନ ସମସ୍ୟା ନେଇ ଗୁହରିଆ ପଡ଼ିଥିଲେ ।ମା ତାଙ୍କୁ ଉଠାଇ ପାଦୁକ ପାଣି ଦେଇଥିଲେ ।ମନ୍ଦିର ସମ୍ମୁଖରେ ୨ ଫୁଟ ଗଭୀର ଓ ୧୦ ଫୁଟ ଲମ୍ବର ଏକ ଗର୍ତ୍ତ କୁ ରଡ଼ ନିଆଁ ରେ ପୂର୍ଣ୍ଣ କରାଯାଇଥାଏ । କା ଲସୀ ଓ ପାଟୁଆ ମାନେ ଉକ୍ତ ନିଆଁ ରେ ଚାଲିଥାନ୍ତି ।ମା ଙ୍କ ଆବିର୍ଭାବ ଦିବସକୁ ଝାମୁଯାତ୍ରା ଭାବେ ପାଳନ କରାଯାଉଛି କାହିଁ କେତେ କାଳରୁ ବୋଲି ମା ଙ୍କ ପୂଜକ ଅର୍ଜୁନ ପଣ୍ଡା ଅଜୟ ପାଣି ପ୍ରଦୀପ ଦାସ ପ୍ରଦୀପ ପଣ୍ଡା ଲୋଚନ ପଣ୍ଡା ପ୍ରମୁଖ କହନ୍ତି ।ସେହିପରି ଚନ୍ଦ୍ରମଉଳି ସ୍ଥିତ ଚନ୍ଦ୍ର ଶେଖର ମହାଦେବଙ୍କ ପୀଠରେ କାଳସୀ ଝରି ବେହେରା ଓ ପାଟୁଆ ମାନେ ନିଆଁ ରେ ଚାଲିଥିଲେ। ନୂଆଗାଁ ଠାରେ ମା ତାରିଣୀ ପୀଠରେ ବିଶୁବ ସଂକ୍ରାନ୍ତି ଉପଲକ୍ଷେ କା ଲସୀ ଓ ପାଟୁଆ ମାନେ ନିଆଁ ରେ ଚାଲିଥିଲେ। ବହୁ ଜନ ସମାଗମ ହୋଇଥିଲା।

# ପୋଇପାଣି ଚକାଦର ଯାତ୍ରା ପଡ଼ିଆରେ ମା ବାସୁଳୀ ଙ୍କ ଉଡ଼ା ଯାତ୍ରା

**ପାଟଣା ୧୬/୪ (ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ତୋରାଣିପୋଖରୀ ପଞ୍ଚାୟତ ପୋଇପାଣି ଗ୍ରାମର ପ୍ରସିଦ୍ଧ ଚମ୍ପକେଶ୍ୱର ମହାଦେବ ପୀଠ ସଂଲଗ୍ନ ମା ବାସୁଳୀ ଠାକୁରାଣୀଙ୍କ ବାର୍ଷିକ ଉଡାଯାତ୍ରା ପ୍ୱ ଆଜି ଚକାଦର ଯାତ୍ରା ପଡ଼ିଆରେ ଅନ୍ୟୁନ ୩୦ ହଜାର ଦେଖଣାହାରୀଙ୍କ ଉପସ୍ଥିତିରେ ପାଳିତ ହୋଇଛି । ପୂଜକ ରଘୁନାଥ ପଣ୍ଡା ପୂଜାବିଧି କାର୍ଯ୍ୟ ସମ୍ପାଦିତ କରିଥିଲେ । ଦେହୁରୀ ଙ୍କ ଉପସ୍ଥିତି ରେ ୧୨ ଜଣ ରୁ ଉର୍ଦ୍ଧ ଭକ୍ତା ପିଠିରେ କଣ୍ଟା ଫୋଡି ଉଡା ଖୁଣ୍ଟରେ ଉଡିବାର ଦୃଶ୍ୟକୁ ଲୋକମାନେ ଉପଭୋଗ କରିଥିଲେ । ଉଡା ଯାତ୍ରା କମିଟି ର ସଭାପତି ଧନୁର୍ଜୟ ମହାନ୍ତ , ସମ୍ପାଦକ ହୃଷୀକେଶ ମହାନ୍ତ , ଗୌତମ ନାଏକ , ବିଶୋଇ ନାଏକ ଓ ମନୋରଞ୍ଜନ ନାଏକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ପରିଚାଳନା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ଏଠାରେ ଘଟଗାଁ ପୁଲିସ ମୁତୟନ ଥିଲେ। ସଦର ,ପାଟଣା ଓ ଘଷିପୁରା ନିର୍ବାଚନ ମଣ୍ଡଳୀର ସଙ୍ଗମ କାଣିଝର ନଦୀ ମଧ୍ୟରେ ଥିବା ମାଆ ବାସୁଳୀ ଠାକୁରାଣୀ ଙ୍କ ର ସ୍ୱତନ୍ତ୍ର ପୂଜା ପାଠ କରି ଭକ୍ତା ମାନେ ପିଠି ରେ କଣ୍ଟା ଫୋଡାଇବା ଦୃଶ୍ୟ କୁ ହଜାର ହଜାର ଲୋକ ଉପଭୋଗ କରିଥିଲେ ।ଏହି ଅବସରରେ ଚମ୍ପକେଶ୍ୱର ମହାଦେବ ଏବଂ ମା ବାସୁଳୀ ଠାକୁରାଣୀ ଙ୍କ ନିକଟରେ ଶହ ଶହ ମାନସିକଧାରୀ ପୂଜାର୍ଚ୍ଚନା କରିଥିଲେ। ପାଟ ଉଡା କମିଟି ପକ୍ଷରୁ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କ ଉପସ୍ଥିତିରେ ଏଠାରେ ଉଡା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି । ଏଠାରେ ମୀନା ବଜାର ରେ ଶହ ଶହ ଦୋକାନ , ଦୋଳି , ଫାଷ୍ଟ ଫୁଡ୍ , ଆଇସ କ୍ରିମ ମନୋହରୀ ଦୋକାନ ରେ ଦେଖଣାହାରୀ ଙ୍କ ଭିଡ଼ ଲକ୍ଷ୍ୟ କରାଯାଇଥିଲା।

# ଓଡ଼ିଆ ପକ୍ଷ ପାଳନ ଓ ଓଡ଼ିଆ ନବ ବର୍ଷ



**ହିଞ୍ଜିଳିକାଟୁ ୧୬/୪ (ନି.ପ୍ର):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ଏପ୍ରିଲ୍ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ମହା ସମାରୋହରେ ପାଳିତ ହୋଇଛି ଓଡ଼ିଆ ପକ୍ଷ ଓ ଓଡିଆ ନବ ବର୍ଷ। ଓଡିଆ ସଂସ୍କୃତିକୁ ଅଧିକ ଆକର୍ଷଣୀୟ କରିବା ସହ ଏହା ସହିତ ଯୋଡି ହୋଇଥିବା ଓଡିଆ ପରମ୍ପରାକୁ ବଜାୟ ରଖିବା ଲକ୍ଷ୍ୟ ନେଇ ଚଳିତ ବର୍ଷରୁ ଏହି ସାମାଜିକ ଚଳଣିକୁ ପ୍ରାଥମିକତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପୌର ପରିଷଦ ହିଞ୍ଜିଳିକାଟୁ ପକ୍ଷରୁ ସୋମବାର ଓଡିଆ ପକ୍ଷ ପାଳନ କରାଯିବା ସହ ଓଡ଼ିଆ ନବ ବର୍ଷ ତଥା ମହା ବିଷୁବ ସଂକ୍ରାନ୍ତି ଉତ୍ସାହର ସହ ପାଳିତ ହୋଇଛି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପୋଲେଇ,ଉପାଧକ୍ଷା ସୁଚିତ୍ରା ପଣ୍ଡା ଓ କାଉନସିଲର ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥି ମାନେ ଓଡିଆ ପକ୍ଷ ପାଳନ ଅବଧି ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜିତ ହେବା ସହିତ ଓଡିଆ ନବ ବର୍ଷ ତଥା ମହା ବିଷୁବ ସଂକ୍ରାନ୍ତିରେ ଆମ ସଂସ୍କୃତି ଓ ପରମ୍ପରା ଆଭିମୁଖ୍ୟ ସଂପର୍କରେ ମତ ପ୍ରକାଶ କରିଥିଲେ।ପରେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କ ମଧ୍ୟରେ ରଙ୍ଗ ବେରଙ୍ଗର ଝୋଟି, ବିଭିନ୍ନ ବ୍ୟଞ୍ଜନରେ ପ୍ରସ୍ତୁତ ସ୍ୱାଦିଷ୍ଟ ପିଠା ଓ ହୁଳୁହୁଳି ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଭିନ୍ନ ବ୍ୟଞ୍ଜନରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଣା ବିତରଣ କରା ଯାଇଥିଲା। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସଂଗଠିକା ସ୍ନେହା ଞ୍ଜଳି ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପଣ୍ଡା, କାଉନସିଲର ବସନ୍ତ କୁମାର ବେହେରା, ବିଭୁ ପ୍ରସାଦ ପଣ୍ଡା, ସଞ୍ଜୟ ସ୍ୱାଇଁ, ସୀମା ଞ୍ଜଳ ମହାରଣା, ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ମହାପାତ୍ର, ପ୍ରମୋଦ କୁମାର ସାହୁ, ଇ.କିଶନ ପାତ୍ର, ସୁବାସ ଚନ୍ଦ୍ର ଗୌଡ଼, ସମୀର ମହାନ୍ତି ପ୍ରମୁଖଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପର ଭାଇଜର୍ ମାନେ ଉପସ୍ଥିତ ଥିଲେ।

## ନୂଆଗାଁ ରେ ଆମ୍ବେଦକର ଜୟନ୍ତୀ

**ପାଟଣା ୧୬/୪ (ନି.ପ୍ର):** ପାଟଣା ବିଜେପି ପକ୍ଷରୁ ନୂଆଗାଁ ଠାରେ ଆମ୍ବେଦକର ଙ୍କ ଜୟନ୍ତୀ ପାଳନ କରାଯାଇଛି। ଏଠାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ ଓ କମଳାକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ତାଙ୍କ ବକ୍ତବ୍ୟ ରେ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୀବନ ସମାଜିକ ନ୍ୟାୟ, ପ୍ରତିଟି ଭାରତୀୟଙ୍କ ସାମଗ୍ରିକ ଉତ୍ଥାନ, ସଶକ୍ତିକରଣ ଏବଂ ସାମାଜିକ ସଂହତିକୁ ସୁନିଶ୍ଚିତ କରାଇବା ଦିଗରେ ଅଭିପ୍ରେତ ଥିଲା ବୋଲି ମତ ରଖିଥିଲେ । ସମ୍ବିଧାନ ପ୍ରତି ଆମର କର୍ତ୍ତବ୍ୟ ଓ ଦାୟିତ୍ୱର ସେ ଥିଲେ ଆଦ୍ୟ ସ୍ତବକାର ।ଆମ ସାମ୍ବିଧାନିକ ଅଧିକାରର ଆଦ୍ୟ ସ୍ୱର ଭାବେ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ଏଠାରେ ମତ ପ୍ରକାଶ ପାଇଥିଲା।

## ଜାମଦା ପାତ୍ର ତନ୍ତୀ କଲ୍ୟାଣ ପକ୍ଷରୁ ରୋଗୀଙ୍କୁ ବିସ୍କୁଟ ବଣ୍ଟନ

**ମୟୂରଭଞ୍ଜ ୧୬/୪ (ନି.ପ୍ର):** ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ପାଳନ ଅବସରରେ ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ରୋଗୀମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା । ଏହି ବିସ୍କୁଟ ବଣ୍ଟନ କାର୍ଯ୍ୟକ୍ରମ ଜାମଦା ପାତ୍ର ତନ୍ତୀ କଲ୍ୟାଣ ସମିତି ସଙ୍ଗଠନ ପକ୍ଷରୁ ହୋଇଥିଲା । କାର୍ଯ୍ୟକ୍ରମରେ କଲ୍ୟାଣ କମିଟି ର କାର୍ଯ୍ୟକର୍ତ୍ତା ବିଜୟ କୁମାର ପାତ୍ର, ଗୋପବନ୍ଧୁ ଦାସ, ବିଶ୍ୱନାଥ ଦାସ,ସିଦ ପାତ,ମାଲୁ ପାତ୍ର, ବିଦ୍ୟାଧର କେଶରୀ, ଦୟନ୍ତୀ କେଶରୀ, ଆକାଶ ଦାସ, ନିତ୍ୟାନନ୍ଦ ଦାସ,ପରଶୁ ଦାସ, କ୍ରିଷ୍ଣା ପାତ୍ର ଇତ୍ୟାଦି ଯୋଗଦାନ କରିଥିଲେ ।

## ଡାବୁଗାଁ ଅଂଚଳରେ ପାଳିତ ହେଲା ହନୁମାନ ଜୟନ୍ତୀ ଓ ଓଡ଼ିଆ ନୂଆ ବର୍ଷ

**ନବରଂଗପୁର ୧୬/୪ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସ୍ଥିତ ହନୁମାନ ଓ ତାରିଣୀ ମନ୍ଦିରରେ ପବିତ୍ର ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ମହାସମାରୋହରେ ପାଳନ କରାଯାଇଛି । ହନୁମାନ ମନ୍ଦିର ବ୍ୟତୀତ ଏଠାରେ ଥିବା ସମସ୍ତ ଶିବମନ୍ଦିର, ଜଗନ୍ନାଥ ମନ୍ଦିର, ରାମ ମନ୍ଦିର ଓ ତାରିଣୀ ମନ୍ଦିର ଏବଂ ସମସ୍ତ ଦେବୀ ପୀଠରେ ସ୍ୱତନ୍ତ୍ର ଉତ୍ସବ ସାଙ୍ଗକୁ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଛି । ଏହି ଅବସରରେ ଜୟନ୍ତୀନଗର ହନୁମାନ ମନ୍ଦିରରେ ପୂଜକ ରୀତିନୀତି ଅନୁଯାୟୀ ପୂଜା ପାଠ ସହ ହୋମଯଜ୍ଞ, ହନୁମାନ ଚାଳିସା ପାଠ କରିଥିଲେ । ଭକ୍ତମାନେ ଆଜି ଡାବୁଗାଁ ଅଞ୍ଚଳର ସବୁ ମନ୍ଦିର ବୁଲିବା ସହ ଦେବାଦେବୀଙ୍କୁ ଦର୍ଶନ କରିଥିବା ଦେଖିବାକୁ ମିଳିଛି । ପଣା ସଂକ୍ରାନ୍ତି ଅବସରରେ ବିଭିନ୍ନ ମନ୍ଦିରରେ କମିଟି ତରଫରୁ ମନ୍ଦିରରେ ପଣା ଭୋଗ ଲାଗି କରାଯାଇଛି । ଏହି ପଣାରେ ପାଚିଲା ବେଲ, ଗୁଡ଼, ଚିନି, ଛେନା, କଦଳୀ, ଆମ୍ବ, ନଡ଼ିଆ, ଦହି, ବିଭିନ୍ନ ପ୍ରକାର ପାଚିଲା ଫଳ ମିଶାଇ ସୁସ୍ୱାଦ ପଣା ପ୍ରସ୍ତୁତ କରି ରୀତିନୀତି ଅନୁଯାୟୀ ପୂଜା କରିବା ପରେ ଆସିଥିବା ସମସ୍ତ ଭକ୍ତଙ୍କୁ ବଣ୍ଟନ କରିଥିଲେ ।ହନୁମାନ ମନ୍ଦିର ଏବଂ ତାରିଣୀ ମନ୍ଦିରରେ ଭକ୍ତଙ୍କ ଭଜନ ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

## କଲେଜ ଛାତ୍ରୀ ପୁତ୍ର ଜନ୍ମ ଦେବା ଘଟଣା,ଗିରଫ ହେଲା ଅଭିଯୁକ୍ତ ଯୁବକ

**ପାଟଣା ୧୬/୪ (ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ଖମୁଆଁ କୁସୁମପଶି ସାହିର ଜଣେ ଆଦିବାସୀ କଲେଜ ଛାତ୍ରୀ କୁ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ଛାତ୍ରୀ ଜଣକ ଗର୍ଭବତୀ ହେବା ପରେ ପୁତ୍ର ଜନ୍ମ କରିଥିବା ଘଟଣା ରେ ଆଜି ଅଭିଯୁକ୍ତ ଯୁବକ କୁ ପୁଲିସ ଗିରଫ କରିଛି। ସୂଚନାଯୋଗ୍ୟ ଯେ ସରାସକୋଲା ଗ୍ରାମର ରାଜେଶ ପଇଦା (୨୨) ଉକ୍ତ ଛାତ୍ରୀ ସହିତ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରି ଫେରାର ହୋଇ ଯାଇଥିଲେ ।ଛାତ୍ରୀ ଜଣକ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ।ଏନେଇ ପାଟଣା ଥାନାରେ ଅଭିଯୋଗ ହୋଇଥିଲା ।ତେବେ ଅଭିଯୁକ୍ତ ଯୁବକ ଜଣକ ଫେରାର ଥିବାରୁ ପରିବାର ଲୋକେ ଚିନ୍ତାରେ ଥିଲେ ।ଏନେଇ ପାଟଣା ପୁଲିସ ତଦନ୍ତ ଚଳାଇ ଥିଲେ ।ଆଜି ଯୁବକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ଏନେଇ ପାଟଣା ଥାନା ରେ ୫୩/୨୦୨୫ ମୂଳେ ଏକ ମାମଲା ରୁଜୁ କରି ଥାନା ଏସ ଆଇ ଲକ୍ଷ୍ମଣ ମାଝୀ ତଦନ୍ତ କରୁଛନ୍ତି ।

## ଡଃ , ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ

**ଗୁଣପୁର ୧୬/୪ (ନି.ପ୍ର):** ଆଜି ଗୁଣପୁର ଆମ ବଜାର ସ୍ଥିତ ଭାରତୀୟ ମାନବ ଅଧିକାର ସଂରକ୍ଷଣ ପରିଷଦ, ଓଡ଼ିଶା ଶାଖା ଅଫିସ ଠାରେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ଼ଃ, ବାବା ସାହେବ୍ ଆମ୍ବେଦକରଙ୍କ ୧୩୪ ତମ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇ ଯାଇଛି । ଓଡ଼ିଶା ଶାଖାର ଚେୟାରମେନ ପ୍ରଭାକର ପୋଣ୍ଟୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ୍ବା ସାହେବଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ରେଣୁକା ପୋଣ୍ଟୁରୁ , ବିଭୂ ପ୍ରସାଦ ଶତପଥୀ , ଲାଡି ସ୍ୱାରିସ , ବିପିନ ବିହାରୀ ପାଲକା , ଲାଡି ନରସିଂହ ମୂର୍ତ୍ତି , ମଣିଙ୍ଗ ରାମ କ୍ରିଷ୍ଣା ପ୍ରମୁଖ ଯୋଗଦେଇ ସମ୍ବିଧାନ ଗଠନରେ୍ବା ସାହେବଙ୍କ ଭୂମିକା , ସଂଘର୍ଷମୟ ଜୀବନ , କାର୍ଯ୍ୟାବଳୀ , ବିଭିନ୍ନତା , ରାଜନୈତିକ , ଅର୍ଥନୈତିକ , ଦାର୍ଶନିକ , ସମାଜ ସଂସ୍କାରକ ପ୍ରଭୃତିର ଅଧିକାରୀ ହୋଇ ଆମ୍ବେଦକର କିପରି ସମ୍ବିଧାନ ପ୍ରତିଷ୍ଠା କରିଥିଲେ ?ସେ ବିଷୟରେ ଆଲୋଚନା କରିଥିଲେ । ତତ୍ ସହିତ ଆମ୍ବେଦକର କିପରି ସ୍ୱତନ୍ତ୍ରତା , ସମାନତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ଗଠନ ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ ?ସେ ବିଷୟରେ ଆଲୋକପାତ କରିଥିଲେ । ଆଜିର ଏହି ପବିତ୍ର ଦିନରେ ସମସ୍ତ ମାନବାଧିକାର କର୍ମୀମାନେ ସମାଜସେବା ସହ , ସମାଜରୁ କିପରି କୁସଂସ୍କାର , ଅନ୍ଧବିଶ୍ୱାସ , ଜାତିବାଦ , ଧର୍ମ ବାଦ ଦୂର ହୋଇପାରିବ ସେଥିପାଇଁ ଚେଷ୍ଟା କରିବାକୁ ଶପଥ ନେଇଥିଲେ । ପ୍ରତି ଗ୍ରାମର ଲୋକମାନେ କିପରି ନିଜ ମୌ।ଳିକ ଅଧିକାରରୁ ବଞ୍ଚିତ ନହେ୍ବେ ସେଥିପ୍ରତି ସଚେତନ ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପରି ଶେଷରେ ଆଲାଜୋର ରଇତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାମ୍ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ

**ପାଟଣା ୧୬/୪ (ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସ୍ୱାମ ଛକ ହନୁମାନ ମନ୍ଦିର ରେ ପବିତ୍ର ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ସହ ମହା ବିଷୁବ ପଣା ସଂକ୍ରାନ୍ତି ମହା ସମାରୋହରେ ପାଳିତ ହୋଇଯାଇଛି।ଆଜି ସକାଳୁ ପୂଜକ ଅଲେଖ ଚନ୍ଦ୍ର ତ୍ରିପାଠୀ, ଜିତେନ୍ଦ୍ର କୁମାର ମିଶ୍ର , ଲୋକଲାଥ ମିଶ୍ର ଙ୍କ ସହ ମଧୁସୂଦନ ଦିବେଦୀ ହନୁମାନ ମନ୍ଦିର ରେ ରୀତିନୀତି ଅନୁଯାୟୀ ପୂଜାପାଠ ହୋମଯଜ୍ଞ ହନୁମାନ ଚାଳିଶା ପାଠ କରିଥିଲେ।କର୍ତ୍ତା ଭାବେ ଗୌରୀ ରଞ୍ଜନ ମିଶ୍ର ଓ ତାଙ୍କ ଧର୍ମ ପତ୍ନୀ ଝୁନା ରାଣୀ ମିଶ୍ର ବସିଥିବାବେଳେ ଏହି ଅବସରରେ ବିବେକାନନ୍ଦ ଦାଶ, ସୁମିତ ପତି ,ଜିନୁ ଦାଶ ,ଚିରଞ୍ଜିବୀ ଦାଶ , ବ୍ରହ୍ମାନନ୍ଦ ଶତପଥି, ବୀର ମୋହନ ଦୀବେଦୀ, ବାବୁ ପରିଡା, ଅଜୟ ପରିଡା, ରଜତ କୁମାର କର ଅରୁଣ କୁମାର ଦାଶ, କୁଳମଣି ସତପଥି, ଅମେରନ୍ଦ୍ର ନାଏକ, ଶୁଭମ୍ ଦୀବେଦୀ, ସମ୍ୟରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଓ ଦହି ପଣା ସହ ଖିଚୁଡ଼ି ଭୋଗ ସମସ୍ତ ଭକ୍ତ ଓ ପଥଗାମୀ ମାନଙ୍କୁ ବଣ୍ଟନ କରାଯାଇଥିଲା।

# ହନୁମାନ ଜୟନ୍ତୀରେ ଚିଲିକା ବଜରଙ୍ଗ ଦଳର ବିଶାଳ ରାଲି ଯୋଗଦେଲେ ଆଇନ ମନ୍ତ୍ରୀ, ପୁରୀ ସାଂସଦ



**ବାଲୁଗାଁ ୧୬/୪ (ନି.ପ୍ର):** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ-ବାଣପୁର ସହରରେ ଆଜି ଅନୁଷ୍ଠିତ ହୋଇଯାଇଛି ବିଶାଳ ରାଲି। ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବ ବର୍ଷ ଉପଲକ୍ଷେ ବଜରଙ୍ଗ ଦଳ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଉକ୍ତ ରାଲି। ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡର ଆହ୍ୱାନକ୍ରମେ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଶହ ଶହ ରାମ ଭକ୍ତ ।ଶୋଭାଯାତ୍ରାଟି ଅପରାହ୍ନରେ ବାଲୁଗାଁ ମାମୁଁ ଭଣଜା ପାହାଡ଼ ନିକଟରୁ ବାହାରି ସାରା ବାଲୁଗାଁ ସହର ପରିକ୍ରମା କରିଥିଲା ଏବଂ ଏହାପରେ ବାଣପୁର ସହର ପରିକ୍ରମା କରି ପରିଶେଷରେ ପଲଟନ ପଡିଆ ନିକଟରେ ସମାପ୍ତ ହୋଇଥିଲା ।ଶୋଭାଯାତ୍ରା ସମୟରେ ଉଭୟ ସହର 'ଜୟ ଶ୍ରୀରାମ', 'ଭାରତ ମାତାକି ଜୟ' ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ତେବେ ପ୍ରତିବର୍ଷ ପରି ଚଳିତ ଥର ମଧ୍ୟ ହନୁମାନ ଜୟନ୍ତୀରେ ଏପରି ଦୃଶ୍ୟ ଦେଖିଲେ ବାଣପୁର-ବାଲୁଗାଁବାସୀ। ବିରାଟକାୟ ହନୁମାନଙ୍କ ପତାକା ଧରି ରାମଭକ୍ତ ମାନେ ନାଚି ନାଚି ସହର ପରିକ୍ରମା କରିଥିଲେ। ଉକ୍ତ ରାଲିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ନେତୃବୃନ୍ଦ ଉପସ୍ଥିତ ଥିଲେ। ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା, ବାଣପୁର ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ଉଭୟ ବାଣପୁର ଏବଂ ବାଲୁଗାଁ ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ଉକ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ଢେଙ୍କିକୋଟ ରେ ଶ୍ରୀ ସ୍ୱାଗତ ଫାଉଣ୍ଡେସନ ର କାର୍ଯ୍ୟାଳୟ ଉଦଘାଟିତ

**ପାଟଣା ୧୬/୪ (ନି.ପ୍ର):** ସେବା ଫାଉଣ୍ଡସେନ ର ସହଯୋଗୀ ଅନୁଷ୍ଠାନ ଶ୍ରୀ ସ୍ୱାଗତ ଫାଉଣ୍ଡେସନ ର କାର୍ଯ୍ୟାଳୟ ଆଜି ଢେଙ୍କିକୋଟ ଠାରେ ଉଦଘାଟିତ ହୋଇଯାଇଛି । ସେବା ଫାଉଣ୍ଡେସନ ର ସଭାପତି ତଥା ସକ୍ଷମ ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟାଳୟ କୁ ଉଦଘାଟନ କରିଥିଲେ । ସାମାଜିକ ଅନୁଷ୍ଠାନ ସକ୍ଷମ ର ରାଜ୍ୟ ସଭାପତି ସତ୍ୟବ୍ରତ ସାହୁଙ୍କ ସମେତ କର୍ମା ଫାଉଣ୍ଡେସନ ର ସଭାପତି ବୀରକିଶୋର ମହାନ୍ତ, ସକ୍ଷମ ର ରାଜ୍ୟ ସହ ସାଧାରଣ ସମ୍ପାଦକ ନିରଞ୍ଜନ ବେଜ , ଶ୍ରୀ ସ୍ୱାଗତ ଫାଉଣ୍ଡେସନ ର ସଭାପତି ଅମର ସିଂ ପ୍ରମୁଖ ଅତିଥି ଗଣ ଏଠାରେ ସାମିଲ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମମତା ସିଂ , ଜିତେନ୍ଦ୍ର ପଲେଇ, ସଞ୍ଜୟ ସାହୁ, ତ୍ରିନାଥ ମହାରଣା , ସୁଶାନ୍ତ କୁମାର ସାହୁ , ସୁମନ୍ତ କୁମାର ସାହୁ , ଜଗବନ୍ଧୁ ସାମଲ , ବିରେନ୍ଦ୍ର କୁମାର ସିଦ୍ଧୁ , କ୍ରିଷ୍ଣା ମଣ୍ଡଳ , ନିଗମ କୁମାର ସାହୁ , ତୀର୍ଥପତି ବାରିକ , କୁଞ୍ଜବିହାରୀ ନାଏକ , ନବକିଶୋର ବେହେରା , ରାଧାକାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ ।

## ଭୋଲବେଡା ରେ ଆମ୍ବେଦକର ଜୟନ୍ତୀ

**ପାଟଣା ୧୬/୪ (ନି.ପ୍ର):** ଢେଙ୍କିକୋଟ ମଣ୍ଡଳ ବିଜେପି ପକ୍ଷରୁ ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକର ଙ୍କ ଜୟନ୍ତୀ ଭୋଲବେଡା ହରିଜନ ବସ୍ତିରେ ପାଳନ କରାଯାଇଛି। ଜିତେନ୍ଦ୍ର ପଲେଇ ଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ବିଜେପି ନେତା ଅମର ସିଂ ଆଇନ ପ୍ରଣେତା ଡକ୍ଟର ଆମ୍ବେଦକର ଙ୍କ ଜିବନଦର୍ଷ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅମର ସିଂ, ଇନ୍ଦ୍ରମଣି ମହାନ୍ତ, ଜିତେନ୍ଦ୍ର ପଲେଇ, ଗଣେଶ୍ୱର ନାୟକ, ତ୍ରିନାଥ ମହାରଣା, ଚୁଡ଼ଙ୍ଗ ନାୟକ, ପ୍ରେମାନନ୍ଦ ମହାନ୍ତ,ସହଦେବ ମହାନ୍ତ, ପରମାନନ୍ଦ ନାୟକ, ବିଭୂତି ନାୟକ,ସୁଜନ ନାଏକ ଓ ହରିଜନ ବସ୍ତିର ପ୍ରାୟ ୧୦୦ ରୁ ଅଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ଶେଷରେ ତ୍ରିନାଥ ମହାରଣା ଧନ୍ୟବାଦ ଦେଇଥିଲେ।

## ଶେଳଦାରେ ଝାମୁଯାତ୍ରା,ନିଆଁରେ ପସିଲେ ମହିଳା କାଳେସୀ

**ନିଆଳୀ ୧୬/୪ (ନି.ପ୍ର):** ମହାବିଷୁବ ପଣା ସଂକ୍ରାନ୍ତିରେ ନିଆଳୀ ,କଣ୍ଟାପଡା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶେଳଦା ସ୍ଥିତ ସାଗରସ୍ନାନ ପଡିଆରେ ୧୧ ଜଣ କାଳେସି ନିଆଁରେ ଚାଲିଥିଲେ.ସେହି ପରି ମେଳକ ଗ୍ରାମ,ଅଳତଳଙ୍ଗ ଗ୍ରାମ ,ନୋଦା ନିକଟରେ,ଦକ୍ଷିଣ କସର୍ଦ୍ଦାର ମା ମଙ୍ଗଳା ପୀଠ ସମେତ ବହୁ ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷ ମହିଳା କାଳେସି ମଧ୍ୟ ଝାମୁରେ ସାମିଲ ହୋଇଥିବାର ଦେଖାଦେଇଛି ।ଶେଳଦା ଝାମୁଯାତ୍ରାରେ ବହୁ ଜନପ୍ରତିନିଧି , ବୁଦ୍ଧିଜୀବି ଜନସାଧାରଣ ଉପସ୍ଥିତ ଥିଲାବେଳେ ସମାଜସେବି ସରୋଜ କୁମାର ସ୍ୱାଇଁ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ,ସେହିଭଳି ଦକ୍ଷିଣ କସର୍ଦ୍ଦା ମା ମଙ୍ଗଳାଙ୍କ ପିଠରେ ରେ ଶହ ଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସମାଜସେବି ଦିବ୍ୟ ସିଂହ ସେଠୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# କଳାପଥର ଖାଦାନରେ ଟେଣ୍ଡର ଫିକ୍ସିଂ



ଯାଜପୁର,୧୬/୪: ଯାଜପୁର ଜିଲାରେ କଳାପଥର, ବାଲି ଭଳି ଲଘୁ ଖଣିଜ ଖାଦାନ ଲିଜ୍ ନିମନ୍ତେ ବଡ଼ଧରଣର ଟେଣ୍ଡର ଫିକ୍ସିଂ ହୋଇଛି। ଅନେକ ଆବେଦନକାରୀ ସମ୍ପର୍କୀୟ ବିଡରଙ୍କୁ ଢାଲ କରି ଶାଗମାଛ ଦରରେ ଖାଦାନ ଅକ୍ତିଆର କରିଥିବାବେଳେ ସେମାନଙ୍କ ଉଦ୍ଦେଶ୍ୟ ସଫଳ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ସହଯୋଗୀ ସାଜିଛନ୍ତି। ଏଭଳି ଉପାୟରେ ଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ଧର୍ମଶାଳା ତହସିଲ ଅଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇ ବିଡର ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଗତ ବୁଧବାର ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଫଳରେ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି।ଲଘୁ ଖଣିଜ ଖାଦାନ ଲିଜ୍ ପାଇଁ ଓଡ଼ିଶା ମାଇନର ମିନେରାଲ କନସେସନ୍ (ଓଏମ୍ଏମ୍ସି) ଅଧିନିୟମ-୨୦୧୬ର ନିୟମ ୨୭(୨) ଅନୁଯାୟୀ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଟେଣ୍ଡର ବିଜ୍ଞପ୍ତି ଜାରି ହୋଇଥାଏ। ଏଥିପାଇଁ ଇଚ୍ଛୁକ ଆବେଦନକାରୀ ଆବଶ୍ୟକ କାଗଜପତ୍ର ସଂଲଗ୍ନ କରି ଏକ ବନ୍ଦ ଲଫାପାରେ ଆବେଦନ କରିପାରିବେ। ଏହି କ୍ରମରେ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯାଇଥାଏ। ହେଲେ ଯାଜପୁର ଜିଲାରେ ଖାଦାନ ଲିଜ୍ ପାଇଁ ଯେଉଁଭଳି ଟେଣ୍ଡର ଫିକ୍ସିଂ ହୋଇଛି, ସେଥିରୁ ସରକାରୀ ଆଇନ ବ୍ୟବସ୍ଥା ମୂଲ୍ୟହୀନ ହୋଇପଡ଼ିଛି। ସିଏଜି ସମୀକ୍ଷାରେ ଲକ୍ଷ୍ୟ କରାଯାଇଛି ଯେ, କେତେକ ସ୍ଥଳେ ପ୍ରଥମ ଏବଂ ଦ୍ୱିତୀୟ ସର୍ବୋଚ୍ଚ ବିଡରମାନେ ପରସ୍ପର ସମ୍ପର୍କୀୟ ଥିଲେ। ସେମାନଙ୍କ ବ୍ୟକ୍ତିଗତ ବିବରଣୀ ଏବଂ ଆବାସିକ ଠିକଣାରୁ ଏହା ଜଣାପଡ଼ିଥିଲା। ସମସ୍ତ ମାମଲାରେ ତହସିଲଦାର ସର୍ବୋଚ୍ଚ ବିଡରଙ୍କୁ ଚୟନକରି ୧୫ ଦିନ ମଧ୍ୟରେ ସେମାନଙ୍କ ସମ୍ମତି ଜଣାଇବା ପାଇଁ ସେମାନଙ୍କୁ ଚିଠି ପ୍ରଦାନ କରିଥିଲେ। ହେଲେ ନିଜ ସମ୍ପର୍କୀୟ ତଥା ଦ୍ୱିତୀୟ ବିଡରଙ୍କୁ ସୁଯୋଗ ଦେବାକୁ ଯାଇ ସର୍ବୋଚ୍ଚ ବିଡରମାନେ ଟେଣ୍ଡର ପ୍ରକ୍ରିୟାରୁ ଓହରି ଯାଇଥିଲେ। ଫଳସ୍ୱରୂପ ତହସିଲଦାର ସର୍ବୋଚ୍ଚ ବିଡ୍ ପରିବର୍ତ୍ତେ ଦ୍ୱିତୀୟ ବିଡ୍କୁ ଚୟନ କରିଥିଲେ। ଏଥିଯୋଗୁ ସରକାର ଘନମିଟରର ପିଛା ପ୍ରାୟ ୧୪୦ରୁ ୧୦୪୫ ଟଙ୍କା ଯାଏ କମ୍ ପାଇଥିଲେ। ଏଭଳି ଅନିୟମିତତା କାରଣରୁ ଲିଜ୍ ହୋଇଥିବା ଖାଦାନଗୁଡ଼ିକରେ ପ୍ରତିଯୋଗିତାମୂଳକ ମୂଲ୍ୟ ପାଇବାରୁ ସରକାର ବିଫଳ ହୋଇଥିଲେ। ଅନ୍ୟପକ୍ଷେ ସର୍ବୋଚ୍ଚ ବିଡର ଭାବେ ମନୋନୀତ ହେବା ପରେ ଟେଣ୍ଡର ପ୍ରକ୍ରିୟାରୁ ଓହରିଯିବା ଏବଂ ଜିଲା ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି ଦଣ୍ଡର ବ୍ୟବସ୍ଥା ନ କରିବା ଯୋଗୁ ସରକାର ରାଜସ୍ୱ ହରାଇଥିଲେ। ଏହାଦ୍ୱାରା ୩ଟି ବାଲି ଓ କଳାପଥର ଖାଦାନରେ ୫ ବର୍ଷର ଲିଜ୍ ଅବଧି ମଧ୍ୟରେ ୭୨,୭୫୩ ଘନମିଟର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ ପାଇଁ ୧.୧୮ କୋଟି ଟଙ୍କା ରାଜସ୍ୱ ନଷ୍ଟ ହେଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହି ୩ଟି ଖାଦାନ କେବଳ ଉଦାହରଣ ମାତ୍ର, ଏକାଧିକ ଖାଦାନରେ ଏଭଳି ଟେଣ୍ଡର ଅନିୟମିତତା କରି ଲିଜ୍ଧାରୀମାନେ ମାଲାମାଲ ହୋଇଥିବା ସନ୍ଦେହ କରାଯାଇଛି। ତଥାପି ସମ୍ପୃକ୍ତ ତହସିଲଦାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆଣି ନ ଥିଲେ। ଟେଣ୍ଡର ଜାଲିଆତିକୁ ନେଇ ସିଏଜି ଉଲ୍ଲେଖ କରିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ଖାଦାନ ୧ ପାଇଁ ୨୦୧୭-୧୮ ନିମନ୍ତେ ସର୍ବୋଚ୍ଚ ବିଡ୍ ଘନମିଟର ପିଛା ୨୨୦ ଟଙ୍କା ରହିଥିଲା। ଏହାର ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୮୦ ଟଙ୍କା ହୋଇଥିବାରୁ ଘନମିଟର ପିଛା ୧୪୦ ଟଙ୍କାର ପାର୍ଥକ୍ୟ ହୋଇଥିଲା। ଏଥିଯୋଗୁ ୯୫ ଲକ୍ଷ ୪୯ ହଜାର ୬୮୦ ଟଙ୍କା କ୍ଷତି ହୋଇଥିଲା। ସେହିପରି ୨୦୧୮-୨୦୧୯ରୁ ୨୦୨୨-୨୩ ଯାଏ ବରଦା କଳାପଥର ଖାଦାନ ୧ ନିମନ୍ତେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୧୧,୯୫ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ମାତ୍ର ୧୫୦ ଟଙ୍କା ରହିଥଲା। ଏଥିରେ ସର୍ବୋଚ୍ଚ ବିଡର ଓହରିଯିବା ପରେ ଦ୍ୱିତୀୟ ବିଡରଙ୍କୁ ଲିଜ୍ ସୁଯୋଗ ମିଳିଥିଲା। ଫଳରେ ସରକାର ୭୬ ଲକ୍ଷ ୭୪ ହଜାର ୪୮୦ ଟଙ୍କା କ୍ଷତି ସହିଥିଲେ। ଏହାସହ ବୁଦ୍ଧ ବାଲୁକା ନଦୀ ଭାଗବତପୁର ବାଲି ଖାଦାନ ପାଇଁ (୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ) ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୨,୧୦୧ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୧,୫୭୫ ଟଙ୍କା ଥିଲା। ଏଥିଯୋଗୁ ସରକାର ୨୭ ଲକ୍ଷ ୬୫ ହଜାର ୭୦୮ ଟଙ୍କା କ୍ଷତିରେ ପଡ଼ିଥିଲେ। ଏହାବାଦ୍ ଜିଲାର ରାହାଡ଼ପୁର କଳାପଥର ଖାଦାନ ଲିଜ୍ ପାଇଁ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ୫ ବର୍ଷ ଲାଗି ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା। ଏଥିରେ ୪ ଜଣ ବିଡରଙ୍କ ମଧ୍ୟରୁ ସର୍ବାଧିକ ବିଡର ମୂଳ ବ୍ୟାଙ୍କ ଗ୍ୟାରେଣ୍ଟି ପରିବର୍ତ୍ତେ ତାହାର ଏକ ଫଟୋ କପି ଦାଖଲ କରିଥିଲେ। ଏହି କାରଣରୁ ଉକ୍ତ ବିଡରଙ୍କ ଆବେଦନ ପ୍ରତ୍ୟାଖ୍ୟାନ କରାଯିବା ବଦଳରେ ତହସିଲଦାର ତାଙ୍କ ସପକ୍ଷରେ ଲିଜ୍ ଚୂଡ଼ାନ୍ତ କରିଥିଲେ। ଏହାପରେ ୨୦୧୭-୧୮ ବର୍ଷ ପାଇଁ ୧.୧୩ କୋଟି ସରକାରୀ ଦେୟ ଜମା କରିବାକୁ ବିଡରଙ୍କୁ ବାରମ୍ବାର ଚିଠି କରାଯାଇଥିଲା। କିନ୍ତୁ ବିଡର ମାତ୍ର ୪୩.୯୭ ଲକ୍ଷ ଟଙ୍କା ଜମା କରି କଳାପଥର ଖନନ କରିଥିଲେ। ଯେହେତୁ ଉପଯୁକ୍ତ ଭାବେ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ ହୋଇ ନ ଥିଲା, ତହସିଲଦାର ଧାର୍ଯ୍ୟ ଦେୟ ଜମା କରିବାକୁ ଚାପ ପ୍ରୟୋଗ କରି ନ ପାରିବାରୁ ୬୯.୨୭ ଲକ୍ଷ ଟଙ୍କା ଅନାଦାୟ ରହିଥିଲା। ପରବର୍ତ୍ତୀ ସମୟରେ ସୁଧ ଟଙ୍କାକୁ ମିଶାଇ ୧.୪୯ କୋଟି ଟଙ୍କା ଲିଜ୍ଧାରୀ ଜମା କରି ନ ଥିଲେ ବି ତହସିଲଦାର ତାଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଭଳି ଭାବେ ଏକାଧିକ ଖାଦାନ ଖନନରେ ଅଯୋଗ୍ୟ ବିଡର ଚୟନ ଯୋଗୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ନାରୀ ସୁରକ୍ଷା ଦାବିରେ କଂଗ୍ରେସର ମଶାଲ ଶୋଭାଯାତ୍ରା



ଆଠଗଡ,୧୬୪: ରାଜ୍ୟରେ ହେଉଥିବା ନାରୀ ନିର୍ଯାତନା, ଗଣଦୁଷ୍କର୍ମ, ହତ୍ୟା, ନିଖୋଜ ଶିଶୁ ଓ ମହିଳାଙ୍କୁ ଖୋଜିବା, ସୁରକ୍ଷା ଓ ନ୍ୟାୟ ଦେବା ଦାବିରେ ଆଠଗଡ କଂଗ୍ରେସର ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେପି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳତା ଓ ଅଗଣତାନ୍ତ୍ରିକ କାର୍ଯ୍ୟକ୍ରମ ବିରୋଧରେ ଏହି ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ୫ଟାରେ ଆଠଗଡ଼ ଦଳୀୟ କାର୍ଯ୍ୟାଳୟଠାରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା, ମହିଳା, ଯୁବକ ଓ ଛାତ୍ର କର୍ମୀ ଏକତ୍ରିତ ହୋଇ ମଶାଲ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରି ନୂତନ ବସ୍ ଷ୍ଟାଣ୍ଡ ଠାରେ ପ୍ରତିବାଦ ସଭା କରିଥିଲେ। ଏହି ଶୋଭାଯାତ୍ରାରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁ, ପିସିସି ସଭ୍ୟ ଅକ୍ଷୟ କୁମାର ତୁଙ୍ଗ ମସାମନ୍ତ, କାଉନସିଲର ତଥା ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି କିଶୋର କୁମାର ସାମନ୍ତରାୟ, ଆଠଗଡ଼ ଯୁବ କଂଗ୍ରେସ ସଭାପତି ବିକ୍ରମ ରାୟ ସାମନ୍ତ, ବରିଷ୍ଠ କଂଗ୍ରେସ ନେତା କିରଣ ବିହାରୀ ଖଟୁଆ, ସୋମନାଥ ଭକ୍ତା, ସଚ୍ଚିଦାନନ୍ଦ ପଣ୍ଡା, ସଂଗ୍ରାମ ପାତ୍ର, ଭାସ୍କର ଚନ୍ଦ୍ର ମିଶ୍ର, ଅଶୋକ କୁମାର ଦାଶ, ତ୍ରିଲୋଚନ ବେହେରା, କୈଳାଶ ସାହୁ, ମିନିଷ୍ଟର ପ୍ରଧାନ, ପ୍ରଫୁଲ୍ଲ ସାହୁ, ଗଦାଧର ରାଉତ, ପ୍ରକାଶ ପୁହାଣ, ଯୁବ ନେତା ଶିରିଶ ଚନ୍ଦ୍ର ଧଳ, ସଂଗ୍ରାମ ବେହେରା, ସମ୍ବିତ ଦଳାଇ, ପ୍ରଶାନ୍ତ ବେହେରା, ସୂର୍ଯ୍ୟକାନ୍ତ ସେଠି ଆଦି ସାମିଲ ହେବା ସହ ପ୍ରତିବାଦ ସଭାରେ ଉଦବୋଧନ ଦେଇ ବିଜେପି ସରକାରକୁ ତୀବ୍ର ନିନ୍ଦା କରିଥିଲେ।

## ସୁନ୍ଦରଗଡ଼ କୋଇଲା ଲୁଟ୍ ଘଟଣା: ଧରାପଡ଼ିଲା ବଡ଼ କେଳେଙ୍କାରୀ

ସୁନ୍ଦରଗଡ଼/ହେମଗିର,୧୬/୪: ସୁନ୍ଦରଗଡ଼ ଜିଲ୍ଲା ଏମ୍ସିଏଲ୍ କ୍ଷେତ୍ର ଅଧୀନ ଗୋପାଳପୁର ଅଞ୍ଚଳରେ ବେଆଇନ ଖଣିରୁ କୋଇଲା ଚୋରି ସାରାରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏ ଖବର ସାମ୍ନାକୁ ଆଣିବା ପରେ ଖଣି ବିଭାଗ, ରାଜସ୍ୱ, ବନ ବିଭାଗ ଓ ପୁଲିସ ୧୦ ଦିନ ଧରି ଅଞ୍ଚଳର ଚୋରାଖଣି, କାରଖାନା, କୋଲ୍ ୱାସେରି ଉପରେ ଚଢ଼ଉ କରିଥିଲେ। ଏହା ପରେ ଖଣି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱରରୁ ଖଣି, ଭୂତତ୍ତ୍ୱ ବିଭାଗର ୯ ଜଣିଆ ଟିମ୍ ଆସି ଦୁଇ ଦିନ ତନାଘନା କରି ଫେରି ଯାଇଛନ୍ତି। ତେବେ ଚଢ଼ଉ ଓ ଯାଞ୍ଚ ବନ୍ଦ ହେବା ପରେ ମଙ୍ଗଳବାର ଏକ ବଡ଼ଧରଣର କୋଇଲା ଲୁଟ୍ ଘଟଣା ସାମନାକୁ ଆସିଛି। ହେମଗିର ତହସିଲ କନିକା ନିକଟସ୍ଥ ଜଙ୍ଗଲରେ ଦୁଇଟି ସ୍ଥାନରେ ଆର୍ଯ୍ୟନ କୋଲ୍ ୱାସେରିର ପାହାଡ଼ ଉଚ୍ଚର ହଜାର ହଜାର ଟନ୍ ବେଆଇନ କୋଇଲା ଠାବ ହୋଇଛି। ୱାସେରିଠାରୁ ୨ କିଲୋମିଟର ଦୂର ଏକ ଜଙ୍ଗଲ ମଝିରେ ଆର୍ଯ୍ୟନର ୨ ଏକର ଜମିରେ ୧୨ ହଜାର ଟନ୍ ଓ ୱାସେରି ନିକଟ ଜଙ୍ଗଲରେ ୨ ଏକର ଜମିରେ ଲକ୍ଷାଧିକ ଟନ୍ କୋଇଲା ଗଚ୍ଛିତ ରଖାଯାଇଛି। ୧୦ ତାରିଖରେ ମିଳିତ ଟିମ୍ ଆର୍ଯ୍ୟନ କୋଲ୍ ୱାସେରିରେ ଚଢ଼ଉ କରି ଯାଞ୍ଚ କଲା ବେଳେ ରେଜିଷ୍ଟରରେ ଷ୍ଟକ୍ ଥିବା କୋଇଲାରୁ ୨୮ ଶହ ଟନ୍ କମ୍ ଥିବା ଜଣାପଡ଼ିଥିଲା। ତା'ର ୫ ଦିନ ପରେ ୱାସେରିଠାରୁ ୨ କିଲୋମିଟର ଦୂରରେ ଏତେ ପରିମାଣର କୋଇଲା ଠାବ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଢ଼ଉ ପୂର୍ବରୁ କୌଣସି ସୂତ୍ରରୁ ଆଗୁଆ ସୂଚନା ପାଇ ଏସବୁ କୋଇଲାକୁ ଲୁଚାଇ ଦିଆଯାଇଥିବା କୁହାଯାଉଛି। ଆଜି ଜିଲ୍ଲା ପ୍ରଶାସନକୁ ଏହି ଚୋରା କୋଇଲା ସଂପର୍କରେ ସୂଚନା ମିଳିବା ପରେ ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ନିର୍ଦ୍ଦେଶରେ ହେମଗିର ତହସିଲଦାର ସାରିକାରାଣୀ ଧମେଲ ଓ ପୁଲିସ ଟିମ୍ ପହଞ୍ଚି ତନାଘନା କରିଛନ୍ତି। ତହସିଲଦାର ଆର୍ଯ୍ୟନ କୋଲ୍ ୱାସେରିର ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ହେଲେ ୱାସେରି ବାହାରେ କୋଇଲା ରଖିବା ନେଇ ଖଣି ବିଭାଗ କିମ୍ବା ପ୍ରଶାସନଠାରୁ କୌଣସି ଅନୁମତି ନିଆଯାଇ ନଥିବା ଜଣାପଡ଼ିଛି। ଏ ସଂପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଫଳରେ ଏହି ବେଆଇନ କୋଇଲା ଜବତ କରି ଏତଲା ଦେବାକୁ ତହସିଲଦାରଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ପ୍ରଶାସନ ଆଜି ଗୋଟିଏ ଗଦାରୁ ୯୫୯୫ ଟନ୍ କୋଇଲା ଜବତ କରିଛି। ଆସନ୍ତାକାଲି ପୁଣି ଚଢ଼ଉ ହେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ହେମଗିର ଗୋପାଳପୁର ଅଞ୍ଚଳରେ ଖଣିଲୁଟ୍ ଘଟଣା ପଦାକୁ ଆସିବା ପରେ ତେଲେନଡିହି, ରତନସରା, ଭୋଗ୍ରାକଛାରର ଚୋରାଖଣିର କୋଇଲା କୋଲ୍ ୱାସେରି ଓ କୋଲ୍ ଡିପୋମାନଙ୍କୁ ଯାଉଥିବା ସନ୍ଦେହ ଉପୁଜିଥିଲା। ଅଞ୍ଚଳର ସମସ୍ତ କୋଲ୍ ୱାସେରି ଓ କୋଲ୍ ଡିପୋକୁ ଯାଞ୍ଚ କରିବା ସହ ଷ୍ଟକ୍ର ହିସାବ ନେବା ପାଇଁ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ଖଣି ଉପନିର୍ଦ୍ଦେଶକ ଓ ହେମଗିରି ତହସିଲଦାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଯଦି ହିସାବରୁ ଅଧିକ କୋଇଲା ବାହାରିଲା, ତା' ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବା ପରେ ତଦନ୍ତକାରୀ ଖଣି ଉପନିର୍ଦ୍ଦେଶକ ବିମ୍ବାଧର ସେଠୀ, ଉପଜିଲ୍ଲାପାଳ ଦାଶରଥି ସରାବୁ, ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ କୁମାର ମହାପାତ୍ର ଓ ଟିମ୍ ୧୦ ତାରିଖରେ ହେମଗିରି ବ୍ଲକ୍ କନିକାସ୍ଥ ଆର୍ଯ୍ୟନ(ଏସିବି) କୋଲ୍ ୱାସେରିରେ ଚଢ଼ଉ କରି ଦିନତମାମ କୋଇଲା ଷ୍ଟକ୍ ଯାଞ୍ଚ କରିଥିଲେ। ସେଦିନ ଆର୍ଯ୍ୟନ କୋଲ୍ ୱାସେରିରେ ଯାଞ୍ଚ ବେଳେ ଷ୍ଟକ୍ ଠାରୁ ୨୮ ଶହ ଟନ୍ କୋଇଲା କମ୍ ଥିବା ଜଣାପଡ଼ିଥିଲା।



## ୨ ହାର୍ଡକୋର ମାଓବାଦୀ ନିପାତ

ଛତିଶଗଡ଼, ୧୬/୪: ଆଜି ସୁକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ଏବଂ ଏଥିରେ ୨ଜଣ ହାର୍ଡକୋର ମାଓବାଦୀ ନିପାତ ହୋଇଛନ୍ତି ବୋଲି ବସ୍ତର ଆଇଜି ସୂଚନା ଦେଇଛନ୍ତି। ନାରାୟଣପୁର ସୀମାନ୍ତ କୋଡଗାଁରେ ମାଓବାଦୀ ଏବଂ ସୁରକ୍ଷାକର୍ମୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟ ସମୟରେ ୨ଜଣ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସୁରକ୍ଷାକର୍ମୀମାନେ ୨ଜଣ ହାର୍ଡକୋର ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ସୁରକ୍ଷାକର୍ମୀମାନଙ୍କ ପକ୍ଷରୁ ଗୁଳି ବିନିମୟ ସମୟରେ ଏହି ୨ ହାର୍ଡକୋର ମାଓବାଦୀ ବ୍ୟବହାର କରିଥିବା ଏକେ ୪୭ ଜବତ କରାଯାଇଛି ବୋଲି ବସ୍ତର ଆଇଜି ପ୍ରକାଶ କରିଛନ୍ତି।

## ମୋଟା ହେଉଛି ଡିଏମ୍ଏଫ୍ ପାଣ୍ଠି

### ଆଦାୟ ବଢୁଛି, ଖର୍ଚ୍ଚ କମୁଛି, ଖଣି ପ୍ରଭାବିତଙ୍କୁ ମିଳୁନି ମୌଳିକ ସୁବିଧା



ଅନୁଗୁଳ,୧୬/୪: ଖଣି ଖଦାନ ବଢୁଛି। ସମାନ ଅନୁପାତରେ ବଢୁଛି ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠି। ହେଲେ ଏହାକୁ ବିନିଯୋଗ କରି ଜିଲ୍ଲାର ବିକାଶକୁ ଗୁରୁତ୍ୱ ଦିଆଯାଉନି। ସରକାରୀ ତହବିଲରେ ଡିଏମ୍ଏଫ୍ ପାଣ୍ଠି ମୋଟା ହେବାରେ ଲାଗିଛି। ଏପଟେ ଲୋକଙ୍କ ମୌଳିକ ସମସ୍ୟା ବି ପୂରଣ ହୋଇପାରୁନି। ସ୍ଥିତି ଏମିତି ଯେ, ଏବେ ଡିଏମ୍ଏଫ୍ ପାଣ୍ଠିରେ ହାତକୁ ନିଆଯାଇଥିବା ପ୍ରାୟ ହଜାରେ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଅନୁଗୁଳ ଜିଲ୍ଲାରେ ଏବେ ଏକ ଡଜନ୍ କୋଇଲା ଖଣିରୁ କୋଇଲା ଉତ୍ତୋଳନ କରାଯାଉଛି। ତାଳଚେର, କଣିହାଁ ଓ ଛେଣ୍ଡିପଦା ବ୍ଲକ୍ରୁ ଏମ୍ସିଏଲ୍ ସମେତ କିଛି ଘରୋଇ କଂପାନି କୋଇଲା ଖୋଳୁଛନ୍ତି। ଖଣି ବଢ଼ିବା ପରେ ଏଥିରୁ ମିଳୁଥିବା ଡିଏମ୍ଏଫ୍ ପାଣ୍ଠି ବି ବଢୁଛି। ଗତ ୫ ବର୍ଷରେ ଏହି ପାଣ୍ଠି ପାଖାପାଖି ୨ ଗୁଣ ବଢ଼ିଲାଣି। ଏପଟେ ଏହି ସମୟ ଭିତରେ ଏହି ପାଣ୍ଠିର ବିନିଯୋଗ ଅଧା କମିଯାଇଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ଜାନୁଆରି ମାସ ଶେଷ ସୁଦ୍ଧା ଡିଏମ୍ଏଫ୍ ପାଣ୍ଠିକୁ ୪୬୬ କୋଟି ଟଙ୍କା ଆସିଥିଲା। କିନ୍ତୁ ଏହି ସମୟ ଭିତରେ ଖର୍ଚ୍ଚ କରାଯାଇଛି ମାତ୍ର ୧୦୧ କୋଟି ଟଙ୍କା। ଅର୍ଥାତ୍ ଆଦାୟର ଏକ ଚତୁର୍ଥାଂଶ ବି ଖର୍ଚ୍ଚ କରାଯାଇନି। ଗତ ୪ ବର୍ଷ ହେଲା ସମାନ ସ୍ଥିତି। ୨୦୨୧-୨୨ରେ ଡିଏମ୍ଏଫ୍ ପାଣ୍ଠି ପାଇଁ ୪୮୮ କୋଟି ଟଙ୍କା ଆଦାୟ କରାଯାଇଥିବା ବେଳେ ଖର୍ଚ୍ଚ ୨୯୭ କୋଟି ଟଙ୍କା। ୨୦୨୨-୨୩ରେ ଆଦାୟ ୬୫୨ କୋଟି ଟଙ୍କାରୁ ମାତ୍ର ୨୦୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୨୩-୨୪ରେ ୫୧୦ କୋଟି ଟଙ୍କା ଆଦାୟ କରାଯାଇଥିଲା। ଏଥିରୁ ୧୯୩ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ଲଗାତାର ୪ ବର୍ଷ ହେଲା ଏମିତି ଆଦାୟ ତୁଳନାରେ ଖର୍ଚ୍ଚ କମି ଚାଲିଛି। ତେବେ ଏହା ପୂର୍ବରୁ ସ୍ଥିତି ଓଲଟା ଥିଲା। ୨୦୧୯-୨୦ରେ ୩୪୪ କୋଟି ଟଙ୍କା ଆଦାୟ ହୋଇଥିଲେ ମଧ୍ୟ ୪୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ୨୦୨୦-୨୧ରେ ୨୮୧ କୋଟି ଟଙ୍କା ମିଳିଥିଲେ ମଧ୍ୟ ଖର୍ଚ୍ଚ ହୋଇଥିଲା ୩୫୭ କୋଟି ଟଙ୍କା। ଅର୍ଥାତ୍ ? ୫ ବର୍ଷ ତଳେ ଏହି ପାଣ୍ଠିରୁ ଯେତିକି ଟଙ୍କା ବିନିଯୋଗ ହୋଇପାରୁଥିଲା ଏବେ ତା' ପାଖାପାଖି ଅଧା କମି ଯାଇଛି। ଏପଟେ ଆଦାୟ କିନ୍ତୁ ଦୁଇଗୁଣା ହେଲାଣି। ଏଥିପାଇଁ ଏହି ପାଣ୍ଠି ଦିନକୁ ଦିନ ମୋଟା ହେବାରେ ଲାଗିଛି। ଗତ ଜାନୁଆରି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ଡିଏମ୍ଏଫ୍ ପାଣ୍ଠି ୧୯୨୫ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ ବେଳକୁ ଏହି ପାଣ୍ଠିରେ ୬୦୭ କୋଟି ଟଙ୍କା ଜମା ରହିଥିଲା ବେଳେ ଏ ଭିତରେ ଏହା ୩ ଗୁଣାରୁ ଅଧିକ ବଢ଼ିଛି। ଡିଏମ୍ଏଫ୍ ଟ୍ରଷ୍ଟର ନିୟମିତ ବୈଠକ ନ ହେବା ଓ ଲୋକଙ୍କ ମୌଳିକ ସମସ୍ୟାକୁ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ପ୍ରାୟ ୨ ହଜାର କୋଟି ଟଙ୍କା ପଡ଼ି ରହିଛି। ଗତ ୫ ବର୍ଷରେ ଏହି ପାଣ୍ଠିରୁ ପ୍ରାୟ ୫ ହଜାର ପ୍ରକଳ୍ପ ପାଇଁ ଅର୍ଥ ବ୍ୟୟ ବରାଦ କରାଯାଇଥିବା ବେଳେ ଏଥିରୁ ୧୦୫୫ଟି ପ୍ରକଳ୍ପ ଶେଷ ହୋଇପାରିନି। ଫଳରେ ଖଣି ପ୍ରଭାବିତ ଲୋକମାନେ ସେମାନଙ୍କ ହକ୍ରୁ ବଞ୍ଚିତ ହେଉଛନ୍ତି।

## କାଳ ବୈଶାଖୀ ରଚିଲା ତାଣ୍ଡବ

### ଉପୁଡିଲା ବଡ ବଡ ଗଛ ଓ ବିଦ୍ୟୁତ ଖୁଣ୍ଟ, ଉଡିଲା ଦୋକାନର ଛପର



ପାଟଣା, ୧୫।୪:କେନ୍ଦୁଝର ଜିଲା ପାଟଣା ସାହାରପଡା , ଉଖୁଣ୍ଡା ଓ ତୁରୁମୁଙ୍ଗା ଅଞ୍ଚଳରେ ମଙ୍ଗଳବାର ସଂଧ୍ୟାରେ କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । କଳା ହାଣ୍ଡିଆ ମେଘ ସାଙ୍ଗକୁ ଘଡ ଘଡି, ବର୍ଷା ପବନ ସାଙ୍ଗକୁ କୁଆ ପଥର ବର୍ଷା ହୋଇଛି। ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡି ପଡିବା ସହ ଘର ଉପରେ ଗଛ ପଡି ଯାଇଛି। ପରିବାର ଲୋକେ ଘର ଭିତରେ ଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଉଁଶୁଳିରୁ ଉଖୁଣ୍ଡା ଦେଇ ଯାଇଥିବା ଚମ୍ପୁଆ ରାସ୍ତାର ବାରିଆ ନିକଟରେ ରାସ୍ତା ଉପରେ ବଡ ଗଛ ପଡିଥିବାରୁ ରାସ୍ତାରେ ଗାଡି ଚଳାଚଳ ବ୍ୟାଘାତ ହୋଇଥିଲା । ସ୍ଥାନୀୟ ଲୋକେ ଜେସିବି ସହାୟତାରେ ରାସ୍ତା ଉପରୁ ଗଛକୁ ହଟାଇବା ପରେ ଦୁଇ ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡି ଚଳାଚଳ ସ୍ୱଭାବିକ ହୋଇଥିଲା। ଏଥି ସହ ତୁରୁମୁଙ୍ଗା ହାଇସ୍କୁଲ ନିକଟରେ ବିରାଟ ନିମ୍ବ ଗଛ ପଡିଥିବା ଉକ୍ତ ରାସ୍ତା ଅବରୋଧ ହୋଇଥିଲା । ପାଟଣା ଅଗ୍ନିଶମ ବାହିନୀ ପହଁଞ୍ଚି ଗଛକୁ କାଟି ହଟାଇବା ପରେ ଉକ୍ତ ରାସ୍ତାରେ ଯିବା ଆସିବା ସ୍ୱାଭାବିକ ହୋଇଥିଲା। ସେହିପରି ତୁରୁମୁଙ୍ଗା ମନ୍ଦିର ସାହିରେ ତପନ ସାହୁଙ୍କ ଘର ଉପରେ ବିରାଟ କୃଷ୍ଣଚୁଡା ଗଛର ଡାଳ ଭାଙ୍ଗି ପଡିବା ସହ ,ତୁରୁମୁଙ୍ଗା ନାଏକ ସାହିର ବାସନ୍ତୀ ଦେହୁରୀଙ୍କ ଘର ଉପରେ ବିରାଟ ଆମ୍ବ ଗଛ ଖସି ପଡିବାରୁ ଘରଟି ନଷ୍ଟ ହେବା ସହ ଘର ଭିତରେ ଥିବା ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପବନ ଯୋଗୁଁ ତୁରୁମୁଙ୍ଗା ବଜାର ଉପରେ ଥିବା କେତେକ ଦୋକାନର ଆଜବେଷ୍ଟସ ଛପର ଉଡି ଯାଇ ଦୋକାନରେ ଥିବା ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇ ଯାଇଛି। ଏଥି ସହ ତୁରୁମୁଙ୍ଗା ବିଦ୍ୟୁତ ସବ ଷ୍ଟେସନ ର ଟ୍ରାନ୍ସଫର୍ମର ଉପରେ ବିରାଟ ନିମ୍ବ ଗଛ ଡାଳ ଖସି ପଡିବା ସହ ପବନ ଯୋଗୁଁ ତ୍ରିବିନ୍ଦା, ତେନ୍ତୁଳା, ନିହୁଁଆଁ, ତୁରୁମୁଙ୍ଗା ବଜାର ଆଦି ସ୍ଥାନରେ ଅନେକ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିବା ସହ ବିଦ୍ୟୁତ ତାର ଛିଣ୍ଡି ଯାଇଛି । ଫଳରେ ଅଞ୍ଚଳରେ ବିଦ୍ୟୁତ ସରବରାହ ବ୍ୟାଘାତ ହୋଇଛି। କୁଆପଥର ମାଡ଼ ରେ ଅଞ୍ଚଳରେ ହୋଇଥିବା ପନି ପରିବା ଚାଷ ବ୍ୟାପକ ଭାବରେ ନଷ୍ଟ ହୋଇଛି । ଖୁବ ଶୀଘ୍ର କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

## ଗରା-ବାଲଟି ଧରି ଉପଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଲେ ମହିଳା



ରାଇରଙ୍ଗପୁର,୧୬/୪: ଗ୍ରୀଷ୍ମଋତୁ ପାଇଁ ପାନୀୟ ଜଳ ପାଇଁ ଅଧିକାଂଶ ଗ୍ରାମର ଲୋକେ ତହଲବିକଳ ହେଉଥିବା ଦୃଷ୍ଟିଗୋଚର ହେଉଛି। ସରକାର ଯୋଜନା ଉପରେ ଯୋଜନା କରୁଥିଲେ ମଧ୍ୟ ପାନୀୟ ଜଳ ଯୋଗାଇବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳରେ ମଧ୍ୟ ସମାନ ପ୍ରକାରର ଅସୁବିଧା। ବିଜାତଳା ବ୍ଲକ୍ ଅର୍ନ୍ତଗତ ଖଡିଆଶୋଳ ଗ୍ରାମରେ ପ୍ରାୟ ୪୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଉକ୍ତ ଗ୍ରାମରେ ୫ଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଥିଲା। ସେଗୁଡ଼ିକ ନଳକୂପ ସହିତ ସଂଯୋଗ କରାଯାଇଥିଲା। କିନ୍ତୁ ପ୍ରାୟ ବର୍ଷେରୁ ଅଧିକ ସମୟ ହେବ ଅଚଳ ହୋଇପଡ଼ିଛି। ଗ୍ରାମବାସୀ ବର୍ତ୍ତମାନ ମାତ୍ର ଗୋଟିଏ ନଳକୂପରେ ପାନୀୟ ଜଳ ପାଇଁ ଭରସା କରୁଛନ୍ତି। ବାଲଟିଏ ପାଣି ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ବାଲଟିଏ ପାଣି ପାଇଁ ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ଝଗଡ଼ା ମଧ୍ୟ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥାଏ।ଏନେଇ ଗ୍ରାମର ୱାର୍ଡମେମ୍ବର ଓ ଗ୍ରାମବାସୀମାନେ ପଂଚାୟତ କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟଳୟ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳଙ୍କ ନିକଟରେ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥାଏ। କେବଳ ପ୍ରତିଶ୍ରୁତି ମିଳିଥାଏ। ଏନେଇ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଗୁହାରି କରିବା ପାଇଁ ଶତାଧିକ ମହିଳା ଗରା, ବାଲଟି ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷଭ ପ୍ରଦର୍ଶନ କରିଥିଲେ। ପରେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଏଡିଏମ୍ଙ୍କୁ ନିବେଦନ କରିଥିଲେ। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ୱାର୍ଡମେମ୍ବର ରାଜେନ୍ଦ୍ର ସୋରେନ, ରାମଚନ୍ଦ୍ର ସୋରେନ, ଦିନେଶ ସୋରେନ, କନ ହେମ୍ବ୍ରମ୍, ଡାକ୍ତର ହେମ୍ବ୍ରମ, ମୁନୁରାମ ସୋରେନ, ଝାନ ସୋରେନ, ପୁନ୍ତା ହେମ୍ବ୍ରମ, ତୁଳସୀ ହେମ୍ବ୍ର, ଡମାନ ମାରାଣ୍ଡିଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ